ବର୍ଷ-୨୪, ସଂଖ୍ୟା-୨୧୭
ଭୁବନେଶ୍ୱର
୦୬ ସେପ୍ଟେମ୍ବର, ୨୦୨୪ ଶୁକ୍ରବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 217
Bhubaneswar
06September, 2024, Friday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat




ଜୀ ସାର୍ଥକର ନୂଆ ଚଳଚ୍ଚିତ୍ର
'ପାରିକରିବେ ଭୋଳା ଶଙ୍କର- ୩'

## ୭୦୦ ଫୁଟ୍ ଘାଟିରୁ ଖସିଲା ସେନା ଗାଡ଼ି, ୪ ସୈନ୍ୟ ମୃତ

ନୂଆଦିଲ୍ଲୀ,୫।୯(ମହାଭାରତ): ସିକ୍କିମରେ ସେନା ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୪ ଜଣ ସୈନ୍ୟଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣା ପରେ ସେନା ଗାଡ଼ି ୭୦୦ ଫୁଟ୍ ତଳକୁ ଖସି ପଡିଥିଲା। ସୂଚନା ଅନୁସାରେ, ଆଜି ସେନାର ଏକ ଗାଡ଼ି କିଛି ସୈନ୍ୟଙ୍କୁ ନେଇ ପଶ୍ଚିମବଙ୍ଗ ପେଡୋଙ୍ଗରୁ ସିକ୍କିମର ଜୁଲୁକ ଯାଉଥିଲା। ଏହି ସମୟରେ ସିକ୍କିମର ପାକିଙ୍ଗ ଜିଲ୍ଲାର



ରେଶମ ମାର୍ଗରେ ଦୁର୍ଘଟଣା ହୋଇଥିଲା।

ଘାଟି ରାସ୍ତାରେ ଯିବା ସମୟରେ ଦୁର୍ଘଟଣା ଘଟିବାରୁ ସେନା ଗାଡି ପ୍ରାୟ ୭୦୦ରୁ ୮୦୦ ଫୁଟ ତଳକୁ ଖସି ପଡିଥିବା କୁହାଯାଉଛି ଫଳରେ ୪ ଜଣ ସୈନ୍ୟଙ୍କ ମୃତ୍ୟୁ ହୋଇଛି। ମୃତକମାନେ ମଧ୍ୟପ୍ରଦେଶର ଡ୍ରାଇଭର ପ୍ରଦୀପ ପଟେଲ, ମଣିପୁରର କାରିଗର ଡବ୍ଲୁ ପିଟର, ହରିୟାଣାର ନାୟକ ଗୁରୁସେଭ ସିଂହ ଏବଂ ତାମିଲନାଡୁର ସୁବେଦାର କେ ଥାଙ୍ଗପାଣ୍ଡି ବୋଲି ଜଣାପଡିଛି ସମସ୍ତ ସେନା କର୍ମଚାରୀ ପଶ୍ଚିମବଙ୍ଗର ବିନାଗୁରୀ ୟୁନିଟରେ ନିୟୋଜିତ ଥିଲେ।

# ଗୁରୁ ସମାଜର ମାର୍ଗଦର୍ଶକ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୫।୯(ମହାଭାରତ):ଲୋକସେବା ଭବନ ସଭାଗୃହରେ ରାଜ୍ୟସ୍ତରୀୟ ଗୁରୁଦିବସ ଉତ୍ସବ ଏବଂ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ଗୁରୁ କେବଳ ବିଦ୍ୟାର୍ଥୀମାନଙ୍କର ଭବିଷ୍ୟତ ନିର୍ମାଣ କରନ୍ତି ନାହିଁ, ସେମାନେ ପୁରା ସମାଜର ଭବିଷ୍ୟତ ନିର୍ମାଣ କରନ୍ତି। ସେମାନେ ସମାଜର ମାର୍ଗଦର୍ଶକ। ସେ କହିଲେ ଯେ ଆଜିର ଗୁରୁମାନଙ୍କ ହାତରେ ହିଁ ଭବିଷ୍ୟତର ସୁରକ୍ଷା ଦାୟିତ୍ୱ। ରାଜ୍ୟ ସରକାର ଜାତୀୟ ଶିକ୍ଷା ନୀତି-୨୦୨୦ ଅନୁଯାୟୀ ଶିକ୍ଷା ବ୍ୟବସ୍ଥାର ଢାଞ୍ଚା ପ୍ରସ୍ତୁତ କରିବାକୁ ପ୍ରତିଶ୍ରୁତିବଦ୍ଧ। ଏହି ଦିଗରେ ସରକାର ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରୁଛନ୍ତି। ଶିକ୍ଷକମାନେ କେବଳ ଉତ୍ତମ ଶିକ୍ଷାରେ ସନ୍ତୁଷ୍ଟ ନ ହୋଇ ପିଲାମାନେ ଯେପରି ଜୀବନରେ ମୂଲ୍ୟବୋଧ, ନୀତି ଓ ଆଦର୍ଶକୁ ଅନୁସରଣ କରିବେ, ସେଥିପ୍ରତି ଗୁରୁତ୍ୱ ଦେବା ଉଚିତ।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଗୁରୁ କେବଳ ବିଦ୍ୟାର୍ଥୀମାନଙ୍କର ଭବିଷ୍ୟତ ନିର୍ମାଣ କରନ୍ତି ନାହିଁ, ସେମାନେ ପୁରା ସମାଜର ଭବିଷ୍ୟତ ନିର୍ମାଣ କରନ୍ତି। ସେମାନେ ସମାଜର ମାର୍ଗଦର୍ଶକ। ଆଜିର ଗୁରୁମାନଙ୍କ ହାତରେ ହିଁ ଭବିଷ୍ୟତର ସୁରକ୍ଷା ଦାୟିତ୍ୱ।

ନିଜର ଶିକ୍ଷକତା ଜୀବନକୁ ମନେ ପକାଇ



ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପିଲାମାନଙ୍କ ଭବିଷ୍ୟତ ନିର୍ମାଣ ପାଇଁ ଶିକ୍ଷକମାନେ ଯେଉଁ ତ୍ୟାଗ କରନ୍ତି ତାହା ଅମୂଲ୍ୟ। ଛାତ୍ରଛାତ୍ରୀଙ୍କ ସଫଳତାରେ ହିଁ ଶିକ୍ଷକମାନେ ଜୀବନର ସାର୍ଥକତା ଅନୁଭବ କରିଥାନ୍ତି। ସେଥିପାଇଁ ସମସ୍ତେ ଗୁରୁମାନଙ୍କୁ ସମ୍ମାନ ଜଣାଇବା ଆବଶ୍ୟକ। ଆମ ଦେଶର ଗୁରୁ ଶିଷ୍ୟ ପରମ୍ପରା ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରି ରଖିଥିଲା। କିନ୍ତୁ ବିଦେଶୀ ଶାସନ ସମୟରେ ଆମର ସଂସ୍କୃତିଭିତ୍ତିକ ଶିକ୍ଷା ବ୍ୟବସ୍ଥାକୁ ଧ୍ୱଂସ କରିଦିଆଯାଇଥିଲା।ବର୍ତ୍ତମାନ ଧୀରେଧୀରେ ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ହେଉଛି ଏବଂ ନୂତନ ଶିକ୍ଷା ବ୍ୟବସ୍ଥାରେ ସଂସ୍କୃତି ଭିତ୍ତିକ ଶିକ୍ଷା ଉପରେ ଗୁରୁତ୍ୱ ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ରାଜ୍ୟରେ ଡ୍ରପ ଆଉଟ୍ ହାର କମାଇବା ପାଇଁ ରାଜ୍ୟ ସରକାର 'ମାଧୋ ସିଂହ ହାତ ଖର୍ଚ୍ଚ' ଯୋଜନା କାର୍ଯ୍ୟକାରୀ କରିବେ ବୋଲି ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ଏହା ଦ୍ୱାରା ୩ ଲକ୍ଷ ଆଦିବାସୀ ଛାତ୍ରଛାତ୍ରୀ ଉପକୃତ ହେବେ ଓ ଡ୍ରପ ଆଉଟ୍ ହାର ହ୍ରାସ କ୍ଷେତ୍ରରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏହା ସହିତ ଗୁଣାତ୍ମକ ଶିକ୍ଷା ପାଇଁ ରାଜ୍ୟ ସରକାର 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ' ଯୋଜନା କାର୍ଯ୍ୟକାରୀ କରିବେ। ଏଥିରେ ପ୍ରତି ପଞ୍ଚାୟତର ଗୋଟିଏ ଲେଖାଏଁ ବିଦ୍ୟାଳୟକୁ ଆଦର୍ଶ ବିଦ୍ୟାଳୟରେ ପରିଣତ କରାଯିବ।

କାର୍ଯ୍ୟକ୍ରମରେ ସମ୍ମାନନୀୟ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗ ଦେଇ କହିଲେ ଯେ ଗୁରୁ ବିନା ଜ୍ଞାନ ପ୍ରାପ୍ତି ଅସମ୍ଭବ। ବାପା ମା' ଙ୍କ ପରେ ଯଦି କିଏ ପିଲାମାନଙ୍କର ମଙ୍ଗଳ ଚିନ୍ତା କରିଥାନ୍ତି ତେବେ ସେ ହେଉଛନ୍ତି ଗୁରୁ ବା ଶିକ୍ଷକ। ଶିକ୍ଷା ଜୀବନ ନିର୍ମାଣ କରିଥାଏ, ଶିକ୍ଷା ଚରିତ୍ର ଗଠନ କରିଥାଏ। ଆମ ସରକାର ଗୁଣାତ୍ମକ ଶିକ୍ଷାର ମାନ ବୃଦ୍ଧି ପାଇଁ କାର୍ଯ୍ୟ କରୁଛନ୍ତି। ଆଗାମୀ ଦିନରେ ଓଡିଶାର ଶିକ୍ଷାକ୍ଷେତ୍ର କିପରି ଅଗ୍ରାଧିକାର ପାଇବ ସେଥିପାଇଁ ଆମର ପ୍ରୟାସ ଜାରି ରହିଛି ବୋଲି ସେ କହିଥିଲେ।

କାର୍ଯ୍ୟକ୍ରମରେ ସମ୍ମାନନୀୟ ଅତିଥି ଭାବେ ଉଚ୍ଚଶିକ୍ଷା, କ୍ରୀଡ଼ା ଏବଂ ଯୁବସେବା, ଓଡ଼ିଆ ଭାଷା ସାହିତ୍ୟ ଏବଂ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଯୋଗ ଦେଇ କହିଲେ ଆଜିର ଯେ, ସମ୍ବର୍ଦ୍ଧିତ ହେଉଥିବା ବିଦ୍ୟାର୍ଥୀମାନେ ମନେରଖିବା ଉଚିତ ଯେ ଏହା ସେମାନଙ୍କ ସମ୍ବର୍ଦ୍ଧନା ନୁହେଁ ବରଂ ଏକ ସଂକଳ୍ପ। ସମଗ୍ର ବିଶ୍ୱରେ ଭାରତର ଶିକ୍ଷା ଏବଂ ସଭ୍ୟତାର ସ୍ୱତନ୍ତ୍ର ପରିଚୟ ରହିଛି। ଆଗାମୀ ଦିନରେ ଓଡିଶାରେ ଜାତୀୟ ଶିକ୍ଷା ନୀତି-୨୦୨୦ କାର୍ଯ୍ୟକାରୀ ହେବାକୁ ଯାଉଛି ବୋଲି ସେ କହିଥିଲେ। ଗୁରୁ ଏବଂ ବିଦ୍ୟାର୍ଥୀମାନଙ୍କର ଅଦମ୍ୟ ନିଷ୍ଠା ଓ ଅକ୍ଳାନ୍ତ ପରିଶ୍ରମ ପାଇଁ ଓଡ଼ିଶା ଭବିଷ୍ୟତ ପିଢ଼ିମାନଙ୍କୁ ଶ୍ରେଷ୍ଠ କରି ଗଢ଼ିବାରେ ସଫଳ ହୋଇପାରିଛି।ଶିକ୍ଷା ସହ କ୍ରୀଡ଼ା ଓ ଅନ୍ୟାନ୍ୟ କ୍ଷେତ୍ରରେ ଓଡ଼ିଶାର ବିଦ୍ୟାର୍ଥୀମାନେ ବିଶ୍ୱରେ ପ୍ରଶଂସିତ ହେଉଛନ୍ତି ବୋଲି ସେ କହିଥିଲେ।

ଏହି ରାଜ୍ୟସ୍ତରୀୟ ଗୁରୁଦିବସ ଉତ୍ସବ ଏବଂ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହରେ ରାଜ୍ୟ ସରକାରଙ୍କ ପକ୍ଷରୁ ବହୁ କାର୍ଯ୍ୟକ୍ରମର ଶୁଭାରମ୍ଭ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କରାଯାଇଥିଲା।

## ଓଡ଼ିଶାର ୨ ଜଣଙ୍କ ସମେତ ମୋଟ ୫୦ ଜଣଙ୍କୁ ଜାତୀୟ ଶିକ୍ଷକ ପୁରସ୍କାର

ନୂଆଦିଲ୍ଲୀ,୫।୯(ମହାଭାରତ):ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଆୟୋଜିତ ଶିକ୍ଷକ ଦିବସ ସମାରୋହରେ ଯୋଗ ଦେଇଥିଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ଏହି ଅବସରରେ ରାଷ୍ଟ୍ରପତି ଜାତୀୟ ଶିକ୍ଷକ ପୁରସ୍କାର ୨୦୨୪ ପ୍ରଦାନ କରିଥିଲେ।



ନିଜର ଅଭିଭାଷଣରେ ରାଷ୍ଟ୍ରପତି କହିଛନ୍ତି ଯେ ଶିକ୍ଷକମାନେ ଛାତ୍ରଛାତ୍ରୀମାନଙ୍କୁ ଏପରି ଶିକ୍ଷା ପ୍ରଦାନ କରିବା ଉଚିତ୍ ଯେପରି ସେମାନେ ମହିଳାଙ୍କ ଗାରିମାର ଅନୁକୂଳ ସେମାନଙ୍କ ସହ ବ୍ୟବହାର କରିବେ। ମହିଳାଙ୍କ ସମ୍ମାନ କେବଳ ଶବ୍ଦରେ ନୁହେଁ, ବ୍ୟବହାରରେ ବି ହେବା ଆବଶ୍ୟକ ଯ ଶିକ୍ଷକମାନେ ପ୍ରତ୍ୟେକ ପିଲାଙ୍କ ତାଙ୍କର ଅନ୍ତର୍ନିହିତ ପ୍ରତିଭାକୁ ଚିହ୍ନି ସେହି ପ୍ରକାରର ସେମାନଙ୍କୁ ସହାୟତା କରିବା ଉଚିତ। ରାଷ୍ଟ୍ରୀୟ ଶିକ୍ଷା ନୀତିରେ କୌଶଳ ବିକାଶ ଉପରେ ଗୁରୁତ୍ୱ ଦିଆଯାଇଛି। ଆମ ସଂସ୍କୃତିରେ ବିଶ୍ୱକର୍ମାଙ୍କୁ ଦେବତାର ମାନ୍ୟତା ଦିଆଯାଇଛି। ଆଜିର ଏହି ସମାରୋହରେ କୌଶଳ ବିକାଶର ପ୍ରଶିକ୍ଷକମାନଙ୍କୁ ବି ପୁରସ୍କୃତ କରାଯାଇଛି। ମୁଁ ସେମାନଙ୍କୁ ଅଭିନନ୍ଦନ ଜଣାଉଛି।

ଆଜି ମୋଟ ୫୦ ଜଣ ଶିକ୍ଷକଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି ଯ ସେମାନଙ୍କ ମଧ୍ୟରେ ଓଡ଼ିଶାରୁ ୨ ଜଣ ରହିଛନ୍ତି। ସେମାନେ ହେଲେ ଦ୍ୱିତୀ ଚନ୍ଦ୍ର ସାହୁ ଓ ସନ୍ତୋଷ କୁମାର କର। ପୁରସ୍କୃତ ଶିକ୍ଷକମାନଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୫୦ ହଜାର ଟଙ୍କା, ରୌପ୍ୟ ପଦକ ଓ ସାର୍ଟିଫିକେଟ୍ ପ୍ରଦାନ କରିଥିଲେ।

# ସିଙ୍ଗାପୁରର ବ୍ୟବସାୟୀ ମୁଖ୍ୟଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ଆଲୋଚନା

ନୂଆଦିଲ୍ଲୀ,୫।୯(ପିଆଇବି):: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପୁଞ୍ଜି ନିବେଶ, ଭିତ୍ତିଭୂମି, ଉତ୍ପାଦନ, ଶକ୍ତି, ସ୍ଥାୟୀତା ଏବଂ ଲଜିଷ୍ଟିକ୍ସ ସମେତ ସିଙ୍ଗାପୁରର ବିଭିନ୍ନ କ୍ଷେତ୍ରର ଅଗ୍ରଣୀ ସିଇଓମାନଙ୍କର ଏକ ଦଳ ସହିତ ଆଲୋଚନା କରିଛନ୍ତି। ଉପପ୍ରଧାନମନ୍ତ୍ରୀ ମହାମହିମ ଗାନ୍ କିମ୍ ୟୋଙ୍ଗ ଏବଂ ସିଙ୍ଗାପୁରର ଗୃହ ଓ ଆଇନ ମନ୍ତ୍ରୀ ମହାମହିମ କେ ଶାନମୁଗମ୍ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ '।



ଭାରତରେ ସେମାନଙ୍କ ନିବେଶକୁ ପ୍ରଶଂସା କରି ପ୍ରଧାନମନ୍ତ୍ରୀ ଦ୍ୱିପାକ୍ଷିକ ସମ୍ପର୍କକୁ ସୁଦୃଢ଼ କରିବା ଏବଂ ଭାରତ ଏବଂ ସିଙ୍ଗାପୁର ମଧ୍ୟରେ ଅର୍ଥନୈତିକ ସହଯୋଗକୁ ପ୍ରୋତ୍ସାହିତ କରିବାରେ ସିଙ୍ଗାପୁରଶିଳ୍ପ ମୁଖ୍ୟଙ୍କ ଭୂମିକାକୁ ସ୍ୱୀକାର କରିଥିଲେ। ଭାରତ ସହ ସେମାନଙ୍କର ସହଯୋଗକୁ ଆହୁରି ସୁଗମ କରିବା ପାଇଁ ପ୍ରଧାନମନ୍ତ୍ରୀ ସିଙ୍ଗାପୁରରେ ଏକ ଇନଭେଷ୍ଟ ଇଣ୍ଡିଆ। କାର୍ଯ୍ୟାଳୟ ପ୍ରତିଷ୍ଠା କରିବାକୁ ଘୋଷଣା କରିଥିଲେ। ସେ ଆହୁରି ମଧ୍ୟ କହିଛନ୍ତି ଯେ ଭାରତ-ସିଙ୍ଗାପୁର ସମ୍ପର୍କକୁ ଏକ ବ୍ୟାପକ ରଣନୈତିକ ଭାଗିଦାରୀରେ ପରିଣତ କରିବା ଦ୍ୱିପାକ୍ଷିକ ଅର୍ଥନୈତିକ ସମ୍ପର୍କକୁ ଏକ ପ୍ରମୁଖ ଗୁରୁତ୍ୱ ଦେବ।

ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ ଗତ ଦଶ ବର୍ଷ ମଧ୍ୟରେ ଭାରତ ପରିବର୍ତ୍ତନମୂଳକ ଅଗ୍ରଗତି କରିଛି ଏବଂ ରାଜନୈତିକ ସ୍ଥିରତା, ନୀତି ପୂର୍ବାନୁମାନ, ଇଜ ଅଫ୍ ଡୁଇଂ ବିଜନେସ୍ ଏବଂ ଏହାର ସଂସ୍କାର ଭିତ୍ତିକ ଅର୍ଥନୈତିକ ଏଜେଣ୍ଡାକୁ ଦୃଷ୍ଟିରେ ରଖି ସମାନ ମାର୍ଗରେ ଜାରି ରଖିବ। ଆଗାମୀ କିଛି ବର୍ଷ ମଧ୍ୟରେ ଏହା ବିଶ୍ୱର ତୃତୀୟ ବୃହତମ ଅର୍ଥନୀତି ରେ ପରିଣତ ହେବାକୁ ଯାଉଛି। ଭାରତର ପ୍ରଭାବଶାଳୀ ଅଭିବୃଦ୍ଧି କାହାଣୀ, ଏହାର ଦକ୍ଷ ପ୍ରତିଭା ଏବଂ ବିସ୍ତୃତ ବଜାର ସୁଯୋଗ ବିଷୟରେ ଆଲୋଚନା କରି ସେ ଆଲୋକପାତ କରିଥିଲେ ଯେ ବିଶ୍ୱ ଅର୍ଥନୈତିକ ଅଭିବୃଦ୍ଧିରେ ଭାରତର ଅବଦାନ ୧୭% ରହିଛି। ଉତ୍ପାଦନ ସଂଯୁକ୍ତ ପ୍ରୋତ୍ସାହନ ଯୋଜନା, ଭାରତ ସେମିକଣ୍ଡକ୍ଟର ମିଶନ ଏବଂ ୧୨ଟି ନୂତନ ଶିଳ୍ପ ସ୍ମାର୍ଟ ସିଟି ପ୍ରତିଷ୍ଠା ଭଳି କାର୍ଯ୍ୟକ୍ରମ ମାଧ୍ୟମରେ ବିଶ୍ୱ ମୂଲ୍ୟ ଶୃଙ୍ଖଳାରେ ଭାରତର ଭାଗିଦାରୀ ବୃଦ୍ଧି ପାଇଁ ବିଭିନ୍ନ ପଦକ୍ଷେପ ବିଷୟରେ ପ୍ରଧାନମନ୍ତ୍ରୀ କହିଥିଲେ।

ଦକ୍ଷତା ବିକାଶ କ୍ଷେତ୍ରରେ ଭାରତରେ ଥିବା ସୁଯୋଗ ଉପରେ ଦୃଷ୍ଟି ଦେବାକୁ ସେ ବ୍ୟବସାୟୀ ନେତାମାନଙ୍କୁ ଆହ୍ୱାନ ଦେଇଥିଲେଯ ସ୍ଥାୟୀ ଯୋଗାଣ ଶୃଙ୍ଖଳା ଖୋଜୁଥିବା ବ୍ୟବସାୟମାନଙ୍କ ପାଇଁ ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ ଏହାର ଶକ୍ତି ଦୃଷ୍ଟିରୁ ଭାରତ ହେଉଛି ସର୍ବୋତ୍ତମ ବିକଳ୍ପ। ପ୍ରଧାନମନ୍ତ୍ରୀ ତାଙ୍କ ତୃତୀୟ ପାଳିରେ ଭିତ୍ତିଭୂମି ବିକାଶର ଗତି ଏବଂ ବ୍ୟାପକତା ବୃଦ୍ଧି କରିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ଏବଂ ରେଳବାଇ, ସଡ଼କ, ବନ୍ଦର, ବେସାମରିକ ବିମାନ ଚଳାଚଳ, ଶିଳ୍ପ ପାର୍କ ଏବଂ ଡିଜିଟାଲ ସଂଯୋଗ କ୍ଷେତ୍ରରେ ନୂତନ ସୁଯୋଗ ବିଷୟରେ ସିଇଓମାନଙ୍କୁ ଅବଗତ କରାଇଥିଲେ। ଭାରତରେ ପୁଞ୍ଜିନିବେଶର ସୁଯୋଗ ଉପରେ ଦୃଷ୍ଟି ଦେବାକୁ ଏବଂ ଦେଶରେ ସେମାନଙ୍କ ଉପସ୍ଥିତି ବୃଦ୍ଧି କରିବାକୁ ପ୍ରଧାନମନ୍ତ୍ରୀ ସିଙ୍ଗାପୁରର ବ୍ୟବସାୟୀ ମୁଖ୍ୟମାନଙ୍କୁ ଆମନ୍ତ୍ରଣ କରିଥିଲେ।

### ଓଡ଼ିଶାର ପ୍ରଶିକ୍ଷାର୍ଥୀଙ୍କ ସହ ମତବିନିମୟ

ନୂଆଦିଲ୍ଲୀ,୫।୯(ପିଆଇବି): ସେପ୍ଟେମ୍ବର:ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର ସିଙ୍ଗାପୁର ଗସ୍ତ ଅବସରରେ ଦକ୍ଷତା ବିକାଶ ତାଲିମ୍ ନେଉଥିବା ପ୍ରଶିକ୍ଷାର୍ଥୀମାନଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି। ବର୍ତ୍ତମାନ ସିଙ୍ଗାପୁର ଗସ୍ତରେ ଯାଇଥିବା ଓଡ଼ିଶାସ୍ଥିତ ବିଶ୍ୱ ଦକ୍ଷତା ବିକାଶ କେନ୍ଦ୍ରର ପ୍ରଶିକ୍ଷାର୍ଥୀଙ୍କ ସହିତ ଶ୍ରୀ ମୋଦୀ ମତବିନିମୟ କରିଛନ୍ତି। ସିଆଇଆଇ-ଏଣ୍ଟର୍ପ୍ରାଇଜ୍ ସିଙ୍ଗାପୁର ଇଣ୍ଡିଆ। ରେଡି ଟାଲେଣ୍ଟ କାର୍ଯ୍ୟକ୍ରମର ଅଂଶବିଶେଷ ଭାବେ ଭାରତ ଗସ୍ତ କରି ଆସିଥିବା ସିଙ୍ଗାପୁରର ପ୍ରଶିକ୍ଷାର୍ଥୀଙ୍କ ସହ ମଧ୍ୟ ସେ ମତବିନିମୟ କରିଛନ୍ତି ଯ ଏହି ସାକ୍ଷାତ ଏକ ଚମତ୍କାର ଅନୁଭୂତି ଥିଲା ବୋଲି ପ୍ରଧାନମନ୍ତ୍ରୀ ସାମାଜିକ ଗଣମାଧ୍ୟମରେ ଲେଖିଛନ୍ତି। ସେହିପରି ସିଙ୍ଗାପୁରର ଏଇଏମ୍ ହୋଲ୍ଡିଂସ୍ରେ କାର୍ଯ୍ୟରତ ଭାରତୀୟ ଇଞ୍ଜିନିୟରମାନଙ୍କ ସହ ମଧ୍ୟ ପ୍ରଧାନମନ୍ତ୍ରୀ ଆଲୋଚନା କରିଛନ୍ତି। ଏହି ଅବସରରେ ପ୍ରଶିକ୍ଷାର୍ଥୀଙ୍କ ସହ ଦକ୍ଷତା ବିକାଶ କ୍ଷେତ୍ର ସହ ଜଡ଼ିତ ବିଭିନ୍ନ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ କଥା ହୋଇଥିଲେ। ଦକ୍ଷତା ବିକାଶ କ୍ଷେତ୍ରରେ ଭାରତ ଓ ସିଙ୍ଗାପୁରର ଏହି ସହଯୋଗ ବାସ୍ତବରେ ସ୍ୱତନ୍ତ୍ର ଏବଂ ଏହା ନବସୃଜନ ସମେତ ମାନବୀୟ ପ୍ରତିଭାକୁ ପ୍ରୋତ୍ସାହିତ କରୁଛି ବୋଲି ପ୍ରଧାନମନ୍ତ୍ରୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

# ରାଜ୍ୟରେ ବଢୁଛି ସଡ଼କ ଦୁର୍ଘଟଣା

ଭୁବନେଶ୍ୱର,୫।୯(ମହାଭାରତ): ରାଜ୍ୟରେ ବଢୁଛି ସଡ଼କ ଦୁର୍ଘଟଣା ସଂଖ୍ୟା ୨୦୨୩ରେ ୧୨,୦୫୨ଟି ସଡ଼କ ଦୁର୍ଘଟଣା ଘଟିଥିବା ବେଳେ ୫,୬୯୬ ଜଣଙ୍କ ମୃତ୍ୟୁ ଘଟିଛି। ସେହିପରି ୧୦ ହଜାର ୪୧୯ ଜଣ ଆହତ ହୋଇଛନ୍ତି ବିଧାୟକ ସନାତନ ମହାକୁଡ଼ଙ୍କ ଏକ ପ୍ରଶ୍ନର ଉତ୍ତରରେ ସଡ଼କ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା ବିଧାନସଭାରେ ଏହି ତଥ୍ୟ ଦେଇଛନ୍ତି।

୨୦୨୩ରେ ସଡ଼କ ଦୁର୍ଘଟଣାରେ ସୁନ୍ଦରଗଡ଼ ଜିଲ୍ଲାରେ ସର୍ବାଧିକ ୪୪୮ ଜଣଙ୍କ ମୃତ୍ୟୁ ହୋଇଛି। ୨୦୨୩ରେ ସୁନ୍ଦରଗଡ଼ ଜିଲ୍ଲାରେ ୮୮୫ଟି ସଡ଼କ ଦୁର୍ଘଟଣା ଘଟିଥିବା ବେଳେ ୬୭୧ ଜଣ ଆହତ ହୋଇଛନ୍ତି।

ଏହି ବର୍ଷ ଗଞ୍ଜାମରେ ୭୮୧ଟି ସଡ଼କ ଦୁର୍ଘଟଣା ଘଟିଥିବା ବେଳେ ୪୨୨ ଜଣଙ୍କ ମୃତ୍ୟୁ ଘଟିଛି ଓ ୫୯୯ ଜଣ ଆହତ ହୋଇଛନ୍ତି କେନ୍ଦୁଝରରେ ୭୫୫ଟି ଦୁର୍ଘଟଣା ଘଟିଥିବା ବେଳେ ୩୯୯ ଜଣ ମରିଛନ୍ତି ଓ ୬୮୯ ଜଣ ଆହତ ହୋଇଛନ୍ତି। ଖୋର୍ଦ୍ଧାରେ ୧୧୮୪ଟି ସଡ଼କ ଦୁର୍ଘଟଣା ଘଟିଥିବା ବେଳେ ୩୮୫ ଜଣଙ୍କ ମୃତ୍ୟୁ ଘଟିଛି ଓ ୯୮୮ ଜଣ ଆହତ ହୋଇଛନ୍ତି। ମୟୁରଭଞ୍ଜରେ ୬୩୪ଟି ସଡ଼କ ଦୁର୍ଘଟଣା ଘଟିଥିବା ବେଳେ ୩୬୪ ଜଣଙ୍କ ମୃତ୍ୟୁ ଘଟିଛି ଓ ୫୬୬ ଜଣ ଆହତ ହୋଇଛନ୍ତି। କଟକରେ ୮୧୬ଟି ସଡ଼କ ଦୁର୍ଘଟଣା ଘଟିଥିବା ବେଳେ ୨୮୫ ଜଣଙ୍କ ମୃତ୍ୟୁହୋଇଛି ଓ ୫୯୫ ଜଣ ଆହତ ହୋଇଛନ୍ତି। ଯାଜପୁରରେ ୫୪୦ଟି ଦୁର୍ଘଟଣା ଘଟିଥିବା ବେଳେ ୨୭୧ ମରିଛନ୍ତି ଓ ୪୩୯ ଆହତ ହୋଇଛନ୍ତି। ବାଲେଶ୍ୱରରେ ୪୧୯ଟି ଦୁର୍ଘଟଣା ଘଟିଥିବା ବେଳେ ୨୩୧ ଜଣଙ୍କ ମୃତ୍ୟୁ ହୋଇଛି ୨୬୬ ଜଣ ଆହତ ହୋଇଛନ୍ତି। କୋରାପୁଟରେ ୩୬୫ଟି ଦୁର୍ଘଟଣା ଘଟିଥିବା ବେଳେ ୨୨୯ ଜଣଙ୍କ ମୃତ୍ୟୁ ଘଟିଛି ଓ ୩୭୦ ଜଣ ଆହତ ହୋଇଛନ୍ତି। ସମ୍ବଲପୁରରେ ୪୨୦ଟି ସଡ଼କ ଦୁର୍ଘଟଣା ଘଟିଥିବା ବେଳେ ୨୧୪ ଜଣଙ୍କ ମୃତ୍ୟୁହୋଇଛି ଓ ୩୯୫ ଜଣ ଆହତ ହୋଇଛନ୍ତି। ଅନୁଗୋଳରେ ୩୯୬ଟି ସଡ଼କ ଦୁର୍ଘଟଣା ଘଟିଥିବା ବେଳେ ୧୮୮ ଜଣଙ୍କ ଜୀବନ ଯାଇଛି ଓ ୨୪୪ ଜଣ ଆହତ ହୋଇଛନ୍ତି। ଢେଙ୍କାନାଳରେ ୪୦୬ ଟି ଦୁର୍ଘଟଣା ଘଟିଥିବା ବେଳେ ୧୮୮ ଜଣଙ୍କ ମୃତ୍ୟୁଘଟିଛି ଓ ୩୮୯ ଜଣ ଆହତ ହୋଇଛନ୍ତି ବଲାଙ୍ଗିରରେ ୩୩୬ଟି ଦୁର୍ଘଟଣା ଘଟିଥିବା ବେଳେ ୧୮୦ ଜଣଙ୍କ ମୃତ୍ୟୁ ଘଟିଛି ୩୫୮ ଜଣ ଆହତ ହୋଇଛନ୍ତି।ପୁରୀରେ ୫୧୬ଟି ଦୁର୍ଘଟଣା ଘଟିଥିବା ବେଳେ ୧୬୯ ଜଣ ମରିଛନ୍ତି ଓ ୫୩୦ ଜଣ ଆହତ ହୋଇଛନ୍ତି। ବରଗଡ଼ରେ ୩୩୧ଟି ଦୁର୍ଘଟଣାରେ ୧୫୯ ଜଣ ଜୀବନ ହରାଇଛନ୍ତି ଓ ୨୮୫ ଜଣ ଆହତ ହୋଇଛନ୍ତି।

ସେହିପରି କଳାହାଣ୍ଡିରେ ୨୦୨୩ରେ ୩୭୧ଟି ସଡ଼କ ଦୁର୍ଘଟଣା ଘଟିଥିବା ବେଳେ ୧୫୯ ଜଣଙ୍କ ମୃତ୍ୟୁ ଘଟିଥିଲା ଓ ୨୬୪ ଜଣ ଆହତ ହୋଇଥିଲେ। ଭଦ୍ରକରେ ୩୦୧ଟି ଦୁର୍ଘଟଣା ଘଟିଥିବା ବେଳେ ୧୪୨ ଜଣ ଜୀବନ ହରାଇଥିଲେ ଓ ୨୧୪ ଜଣ ଆହତ ହୋଇଥିଲେ। ନବରଙ୍ଗପୁରରେ ୨୦୭ଟି ଦୁର୍ଘଟଣା ଘଟିଥିବା ବେଳେ ୧୩୬ ଜଣଙ୍କ ମୃତ୍ୟୁ ଘଟିଛି ଓ ୧୬୫ ଜଣ ଆହତ ହୋଇଛନ୍ତି। କେନ୍ଦ୍ରାପଡ଼ାରେ ୨୯୬ଟି ସଡ଼କ ଦୁର୍ଘଟଣା ଘଟିଥିବା ବେଳେ ୧୩୧ ଜଣଙ୍କ ମୃତ୍ୟୁ ଘଟିଛି ଓ ୨୨୩ ଜଣ ଆହତ ହୋଇଛନ୍ତି। ଝାରସୁଗୁଡ଼ାରେ ୨୪୩ଟି ଦୁର୍ଘଟଣା ଘଟିଥିବା ବେଳେ ୧୨୨ ଜଣଙ୍କ ମୃତ୍ୟୁ ଘଟିଛି ଓ ୨୪୮ ଜଣ ଆହତ ହୋଇଛନ୍ତି।

# ଜୁଡୋରେ ଭାରତକୁ ପ୍ରଥମ ପଦକ

**ପ୍ୟାରିସ,୫।୯(ମହାଭାରତ):** ପାରା ଅଲିମ୍ପିକ୍ସରେ ଇତିହାସ ରଚିଛନ୍ତି ଭାରତର କପିଳ ପାରମର। ସେ ପ୍ରଥମଥର ପାଇଁ ପାରା ଜୁଡୋରେ ପଦକ ଭେଟି ଦେଇଛନ୍ତି। ଆଜି ଯାଏ ଭାରତ କେବେ ବି ପାରା ଅଲିମ୍ପିକ୍ସର ଜୁଡୋରେ ପଦକ ଜିତିବାକୁ ସକ୍ଷମ ହୋଇ ନଥିଲା।ହେଲେ କପିଳ ଏହି ଧାରାକୁ ବଦଳାଇଛନ୍ତି। କପିଳଙ୍କ ସଫଳତା ପରେ ପାରା ଅଲିମ୍ପିକ୍ସରେ ଭାରତର ପଦକ ସଂଖ୍ୟା ୨୫କୁ ବୃଦ୍ଧି ପାଇଛି ଭାରତ ଏଯାଏ ୫ଟି ସ୍ୱର୍ଣ୍ଣ,



୯ଟି ରୌପ୍ୟ ଓ ୧୧ଟି କାଂସ୍ୟ ପଦକ ଜିତିଛି। ତେବେ ଆର୍ଚ୍ଚେରୀରେ ଆଉ ଏକ ପଦକ ଆସୁ ଆସୁ ରହିଯାଇଛି। କାରଣ ବ୍ରୋଞ୍ଜ ପଦକ ଲଢ଼େଇରେ ଭାରତ ପରାସ୍ତ ହୋଇଛି।

ସେ ଆଜି ୬୦ କେଜିର ଜେ-୧ ବର୍ଗରେ ଭାରତ ପାଇଁ ବ୍ରୋଞ୍ଜ ଲଢ଼େଇରେ ସେ ବ୍ରାଜିଲର ଇଲିଲଟନ ଓଲିଭେଇରାଙ୍କୁ ମାତ୍ର ୩୩ ସେକେଣ୍ଡ ମଧ୍ୟରେ ହରାଇ ଦେଇଛନ୍ତି।ସେ ଇପନ ଟେକନିକରେ ପ୍ରତିପକ୍ଷ ଖେଳାଳିଙ୍କୁ ହରାଇ ଏପରି ଐତିହାସିକ ସଫଳତା ପାଇଛନ୍ତି। ପାରା ଜୁଡୋ ସେମି ଫାଇନାଲରେ ୨୪ ବର୍ଷୀୟ ପାରମର ଇରାନୀ ବନିତାବା ଖୋରାମ ଠାରୁ ୦-୧୦ରେ ହାରି ଯାଇଥିଲେ। ଏହାପରେ ସେ ରିପେଜ ରାଉଣ୍ଡରେ ପ୍ରବେଶ କରି ଦେଶ ପାଇଁ ବ୍ରୋଞ୍ଜ ପଦକ ଜିତିଛନ୍ତି।

ମଧ୍ୟପ୍ରଦେଶର ଶିବର ଗାଁର ମୂଳ ବାସିନ୍ଦା ହେଉଛନ୍ତି କପିଳ ତାଙ୍କ ବାପା ଜଣେ ଟ୍ୟାକ୍ସି ଡ୍ରାଇଭର ୪ ଭାଇ ଭଉଣୀଙ୍କ ମଧ୍ୟ କପିଳ ସବୁଠାରୁ ସାନ ପିଲା ବେଳେ କପିଳ ବିଦ୍ୟୁତ ଆଘାତ ପାଇଥିଲେ। ଏଥିଯୋଗୁ ସେ କୋମାକୁ ଚାଲି ଯାଇଥିଲେ। ପରବର୍ତ୍ତୀ ଅବସ୍ଥାରେ ସେ ଠିକ ଭାବେ ଦେଖିବାକୁ ସମସ୍ୟା ଭୋଗିଥିଲେ। ହେଲେ ଏହା ତାଙ୍କୁ ଜୁଡୋ ପ୍ରତି ଥିବା ଭଲ ପାଇବାକୁ କମ କରି ନଥିଲା।କପିଳ ଅଭ୍ୟା କରିବା ସହ ଦେଶ ପାଇଁ ଆଜି ବ୍ରୋଞ୍ଜ ପଦକ ଜିତିବାକୁ ସକ୍ଷମ ହୋଇଛନ୍ତି।

# ବିଧାନସଭାରେ ରେଭେନ୍ସା ଝଡ଼

ଭୁବନେଶ୍ୱର,୫।୯(ମହାଭାରତ): ରେଭେନ୍ସା ବିଶ୍ୱବିଦ୍ୟାଳୟର ନାମ ପରିବର୍ତ୍ତନକୁ ନେଇ ଗୁରୁବାର ବିଧାନସଭାରେ ହଟ୍ଟଗୋଳ ସୃଷ୍ଟି ହୋଇଛି। ଶୂନ୍ୟକାଳରେ ଶାସକ ଏବଂ ବିରୋଧୀ ଏହି ପ୍ରସଙ୍ଗରେ ମୁହାଁମୁହିଁ ହୋଇଛନ୍ତି। କଂଗ୍ରେସ ଏବଂ ବିଜେଡ଼ି ବିଧାୟକ ଏହି ପ୍ରସଙ୍ଗରେ ଶାସକ ବିଜେପିକୁ ଘେରିଛନ୍ତି।

୧୫୬ ବର୍ଷର ପୁରୁଣା ଶିକ୍ଷାନୁଷ୍ଠାନକୁ ନ'ଅଙ୍କ ଦୁର୍ଭିକ୍ଷ ସହିତ ଯୋଡ଼ି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ମନ୍ତବ୍ୟ ନେଇ ଗୃହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ପଷ୍ଟୀକରଣ ଦିଅନ୍ତୁ ବୋଲି ବିଜେଡ଼ି ବିଧାୟକ ବ୍ୟୋମକେଶ ରାୟ ଦାବି କରିଛନ୍ତି।ଏହାର ଜବାବରେ ବିଜେପି ବିଧାୟକ ଇରାଶିଷ ଆଚାର୍ଯ୍ୟ ବିରୋଧୀଙ୍କ ଦାବି ସତ୍ୟକୁ ଅଣଦେଖା କରୁଥିବା ଅଭିଯୋଗ ଆଣିଛନ୍ତି। ବିରୋଧୀ ଅଭିଯୋଗ କରିଛନ୍ତି ଯେ ଏଭଳି କାର୍ଯ୍ୟ ଦ୍ୱାରା ସରକାର କଟକବାସୀଙ୍କ ମାନସିକତାକୁ ଆଘାତ ଦେଇଛନ୍ତି। ଏହି ପ୍ରସଙ୍ଗରୁ ରାଜ୍ୟ ସରକାର ନ ଓହରିଲେ ଆଗାମୀ ଦିନରେ ରାଜ୍ୟରେ ଆନ୍ଦୋଳନ ତୀବ୍ର ହେବ। ରାଜ୍ୟରେ ଦେଖାଦେଇଥିବା ବିଭିନ୍ନ ସମସ୍ୟାରୁ ଲୋକଙ୍କ ଧ୍ୟାନ ହଟାଇବା ପାଇଁ ସରକାର ଜାଣିଶୁଣି ଏଭଳି କାର୍ଯ୍ୟ କରୁଥିବା ବିରୋଧୀ ଦଳଙ୍କ ପକ୍ଷରୁ ଅଭିଯୋଗ କରାଯାଇଛି।

## ପୂର୍ବତଟ ରେଳପଥ ଓ ଏସବିଆଇ ମଧ୍ୟରେ ଏମଓୟୁ ସ୍ୱାକ୍ଷର

ଭୁବନେଶ୍ୱର,୫।୯(ମହାଭାରତ): ରେଳ କର୍ମଚାରୀମାନଙ୍କ ଆର୍ଥିକ ନିରାପତ୍ତାକୁ ସୁଦୃଢ଼ କରିବାକୁ ଲକ୍ଷ୍ୟ ରଖି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପରେ ପୂର୍ବତଟ ରେଳପଥ (ଇକୋର) ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସବିଆଇ) ସହିତ ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷର କରିଛି ଏହି ଚୁକ୍ତିନାମା ରେଳପଥର ବିଶାଳ କର୍ମବଳର ଆବଶ୍ୟକତା ଅନୁଯାୟୀ ଏକ ସ୍ୱତନ୍ତ୍ର ଆର୍ଥିକ ଲାଭ ଏବଂ ସେବାଗୁଡିକର ପରିଚୟ ପ୍ରଦାନ କରିବ ଏହି ଚୁକ୍ତିନାମା ପୂର୍ବତଟ ରେଳପଥର ୫୯,୭୬୨ ସେବା କରୁଥିବା ତିନିଟି ରେଳମଣ୍ଡଳ ଯଥା ଖୋର୍ଦ୍ଧା ରୋଡ୍, ୱାଲଟିୟର, ସମ୍ବଲପୁର ଏବଂ ମଞ୍ଚେଶ୍ୱର



ରେଳଡବା ମରାମତି କର୍ମଶାଳାକୁ ଅନ୍ତର୍ଭୁକ୍ତ କରୁଛି। ରେଳପଥର ୭୬% କର୍ମଜୀବୀ ପ୍ରାୟ ୪୫,୪୧୯ କର୍ମଚାରୀ ଯେଉଁମାନଙ୍କର ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ବେତନ ଆକାଉଣ୍ଟ ଅଛି, ସେମାନେ ଏହି ଚୁକ୍ତିରୁ ଉପକୃତ ହେବେ।

ଫିଲଡ ରେ କାର୍ଯ୍ୟରତ ପ୍ରାୟ ୩୭୫୦୦ ଜଣ କର୍ମଚାରୀଙ୍କୁ ଲାଭ ପ୍ରଦାନ କରିବାକୁ ଲକ୍ଷ୍ୟ ରଖାଯାଇଛି କାର୍ଯ୍ୟକ୍ଷେତ୍ର ସ୍ତରର ନିରାପତ୍ତା, ରକ୍ଷଣାବେକ୍ଷଣ କାର୍ଯ୍ୟରେ ନିୟୋଜିତ ଟ୍ରାକମ୍ୟାନ୍, ସିଗନାଲ୍ ରକ୍ଷକ, ଟେକ୍ନିସିଆନ୍, ଆରପିଏଫ୍ କର୍ମଚାରୀ, ଲୋକୋ ପାଇଲଟ୍, ଟ୍ରେନ ମ୍ୟାନେଜର ଏବଂ ଫିଲଡ ରେ କାର୍ଯ୍ୟରତ ଅନ୍ୟାନ୍ୟ କର୍ମଚାରୀ ଏହି ସୁବିଧା ପାଇ ପାରିବେ। ବ୍ୟକ୍ତିଗତ ଦୁର୍ଘଟଣା ବୀମା ମଧ୍ୟରେ ଦୁର୍ଘଟଣାଜନିତ ମୃତ୍ୟୁ ପାଇଁ ୧ କୋଟି, ବାୟୁଯାନ ଦୁର୍ଘଟଣା ପାଇଁ ୧.୬ କୋଟି ସମ୍ପୂର୍ଣ୍ଣ କଭରେଜ୍ ପ୍ରଦାନ କରିବାକୁ ଥିବାବେଳେ ଭିନ୍ନକ୍ଷମ ପାଇଁ ମଧ୍ୟ ମହତ୍ୱପୂର୍ଣ୍ଣ କଭରେଜ୍ ଉପଲବ୍ଧ ଅଛି।ଏହି ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷର କାର୍ଯ୍ୟକ୍ରମରେ ଉଭୟ ପୂର୍ବତଟ ରେଳପଥ ଏବଂ ଏସବିଆଇର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଏବଂ ଏସବିଆଇ ଭୁବନେଶ୍ୱର ସର୍କଲ ମୁଖ୍ୟ ମହାପ୍ରବନ୍ଧକ ଏହି ପ୍ରକ୍ରିୟାର ନେତୃତ୍ୱ ନେଇଥିଲେ। କର୍ମଚାରୀଙ୍କ କଲ୍ୟାଣ ପାଇଁ ଉଭୟ ମହାପ୍ରବନ୍ଧକ ସେମାନଙ୍କର ସହଭାଗୀ ପ୍ରତିବଦ୍ଧତାକୁ ଦର୍ଶାଇ ସହଯୋଗର ମହତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ।

# ରେଭେନ୍ସା ପ୍ରସଙ୍ଗରେ ଗୃହ ହୁଲସ୍ଥୁଲ

**ଭୁବନେଶ୍ୱର,୫।୯(ମହାଭାରତ):** ରେଭେନ୍ସା ବିଶ୍ୱବିଦ୍ୟାଳୟର ନାମ ପରିବର୍ତ୍ତନକୁ ନେଇ ଆଜି ବିଧାନସଭାରେ ହଟ୍ଟଗୋଳ ସୃଷ୍ଟି ହୋଇଛି। ଶୂନ୍ୟକାଳରେ ଶାସକ ଏବଂ ବିରୋଧୀ ଏହି ପ୍ରସଙ୍ଗରେ ମୁହାଁମୁହିଁ ହୋଇଛନ୍ତି। କଂଗ୍ରେସ ଏବଂ ବିଜେଡ଼ି ବିଧାୟକ ଏହି ପ୍ରସଙ୍ଗରେ ଶାସକ ବିଜେପିକୁ ଘେରିଛନ୍ତି। ଏହି ପ୍ରସଙ୍ଗରେ ବିଧାନସଭାରେ ମୁଖ୍ୟମନ୍ତ୍ରୀଙ୍କ ବିବୃତି ଦାବି କରିଛି ବିଜେଡି। ସେପଟେ କଂଗ୍ରେସ କହିଛି ନାମ ପରିବର୍ତ୍ତନ ନୁହେଁ ବରଂ ଦ୍ୱିତୀୟ କ୍ୟାମ୍ପସ ପୂର୍ଣ୍ଣ କାର୍ଯ୍ୟକ୍ଷମ ଉପରେ ଉଦ୍ୟମ ହେଉ। କେନ୍ଦ୍ରମନ୍ତ୍ରୀଙ୍କ ପ୍ରସ୍ତାବକୁ ଓଡ଼ିଶାବାସୀ ଗ୍ରହଣ କରି ନେଇଛନ୍ତି ବୋଲି ବିଜେପି କହିଛି।



ଆଜି ବିଧାନସଭାରେ ଶୂନ୍ୟକାଳରେ ନାମ ପରିବର୍ତ୍ତନ ପ୍ରସଙ୍ଗରେ ମୁହାଁମୁହିଁ ହୋଇଛନ୍ତି ଶାସକ ଓ ବିରୋଧୀ। ୧୫୬ ବର୍ଷର ପୁରୁଣା ଶିକ୍ଷାନୁଷ୍ଠାନକୁ ନ'ଅଙ୍କ ଦୁର୍ଭିକ୍ଷ ସହିତ ଯୋଡି ରେଭେନ୍ସା ନାମ ପରିବର୍ତ୍ତନ ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ମନ୍ତବ୍ୟକୁ ସମାଲୋଚନା କରିଛନ୍ତି ବିଜେଡି ଓ କଂଗ୍ରେସ। ବିଜେଡି ବିଧାୟକ ବ୍ୟୋମକେଶ ରାୟ କହିଛନ୍ତି କେନ୍ଦ୍ରମନ୍ତ୍ରୀଙ୍କ ମନ୍ତବ୍ୟକୁ ଜଣେ ଉପମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସମର୍ଥନ ଜଣାଇଛନ୍ତି। ସେପଟେ କେନ୍ଦ୍ରମନ୍ତ୍ରୀଙ୍କ ମନ୍ତବ୍ୟକୁ ନେଇ ଛାତ୍ର ଆନ୍ଦୋଳନ ତେଜିବାରେ ଲାଗିଲାଣି ଅତୀତର ଇତିହାସକୁ ବର୍ତ୍ତମାନ ପିଢ଼ି କାହିଁକି ତର୍ଜମା କରିବ ? ରେଭେନ୍ସା ପ୍ରସଂଗରେ ଗୃହରେ ମୁଖ୍ୟମନ୍ତ୍ରୀ ବିବୃତି ରଖନ୍ତୁ ବୋଲି କହିଥିଲେ ବ୍ୟୋମକେଶ। ସେପଟେ କଂଗ୍ରେସ ବିଧାୟିକା ସୋଫିଆ ଫିର୍ଦ୍ଦୋସ କହିଛନ୍ତି ନବମ,ଦଶମ ପଢ଼ିବା ବେଳୁ ସମସ୍ତଙ୍କର ଇଚ୍ଛା ଥାଏ ରେଭେନ୍ସାରେ ଅଧ୍ୟୟନ ପାଇଁ। କିନ୍ତୁ କେନ୍ଦ୍ରମନ୍ତ୍ରୀଙ୍କ ବୟାନ ଛାତ୍ରଛାତ୍ରୀଙ୍କ ମନକୁ ଆଘାତ ଦେଇଛି। ନାମ ବଦଳେଇବା ପରିବର୍ତ୍ତେ ରେଭେନ୍ସାର ଦ୍ୱିତୀୟ କ୍ୟାମ୍ପସ କିଭଳି ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ସେ ଦିଗରେ ଉଦ୍ୟମ ଆବଶ୍ୟକ। ରାଜ୍ୟ ସରକାର ଓଡ଼ିଆ ଅସ୍ମିତା କଥା କହୁଛନ୍ତି। ହେଲେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଷ୍ଟାଡିଅମ ନାଁ ପରିବର୍ତ୍ତନ କରି ନରେନ୍ଦ୍ର ମୋଦି ଷ୍ଟାଡିଅମ କରିବା କଣ ଭାରତ ଅସ୍ମିତା କି ବୋଲି ପ୍ରଶ୍ନ କରିଛନ୍ତି ସୋଫିଆ।ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ କହିଛନ୍ତି କେନ୍ଦ୍ରମନ୍ତ୍ରୀଙ୍କ ପ୍ରସ୍ତାବକୁ ଓଡ଼ିଶାବାସୀ ଗ୍ରହଣ କରି ନେଇଛନ୍ତି। ଆଉ ଯେଉଁମାନେ ରିମୋଟରେ ପରିଚାଳିତ ହେଉଥିଲେ ସେମାନେ ନାମ ପରିବର୍ତ୍ତନକୁ ବିରୋଧ କରୁଛନ୍ତି। ସେହିପରି ବିଜେପି ବିଧାୟକ ଇରାଶିଷ ଆଚାର୍ଯ୍ୟ କହିଛନ୍ତି ଓଡ଼ିଶାର ବରପୁତ୍ରଙ୍କ ନାମରେ ବିଶ୍ୱବିଦ୍ୟାଳୟ ନାମିତ ହେବା କଥା ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ନାମ ପରିବର୍ତ୍ତନ ନେଇ ବିତର୍କ ହେବା ଆବଶ୍ୟକ। କିନ୍ତୁ କେନ୍ଦ୍ରମନ୍ତ୍ରୀ ଗୃହର ସଦସ୍ୟ ନୁହଁନ୍ତି। ତେଣୁ କେନ୍ଦ୍ରମନ୍ତ୍ରୀଙ୍କ ବିଷୟରେ ଆଲୋଚନା କରାଯାଇ ଗୃହକୁ ଭିନ୍ନ ଆଡ଼କୁ ନେଉଛନ୍ତି ବିରୋଧୀ।

## ଛତୁ ପରଟା

ଆବଶ୍ୟକ ସାମଗ୍ରୀ: ଅଟା, ଛତୁ, ଲୁଣ, ମଇଦା, ଜୁଆଣି, ଘିଅ, ଗୋଲମରିଚ ଗୁଣ୍ଡ, କଟାପିଆଜ, କଟା କଞ୍ଚା ଲଙ୍କା, କଟା ଅଦା, ଲଙ୍କା ଗୁଣ୍ଡ, ଚାଟ ମସଲା, ଆମଚୁର ପାଉଡ଼ର, କଟା ଧନିଆ ପତ୍ର ଓ ତେଲ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଏକ ପାତ୍ରରେ ଅଟା, ଲୁଣ, ମଇଦା, ଜୁଆଣି ଓ ଘିଅ ନେଇ ଭଲ ଭାବେ ଗୋଳାନ୍ତୁ। ଏହା ପରେ ଅଳ୍ପ ଅଳ୍ପ ପାଣି ଢାଳି ଅଟାକୁ ଦଳନ୍ତୁ। ଅଟା ଦଳି ସାରିବା ପରେ ନରମ ହେବା ପାଇଁ ଏହାକୁ ଏକ କପଡ଼ାରେ ଗୁଡ଼ାଇ କିଛି ସମୟ ରଖି ଦିଅନ୍ତୁ। ଏକ ତାୱା ଗରମ କରି ତେଲ ପକାନ୍ତୁ। ତେଲ ଗରମ ହେବା ପରେ କଟା ଛତୁକୁ ପକାଇ ଅଳ୍ପ ଲୁଣ ଓ ଗୋଲମରିଚ ଗୁଣ୍ଡ ଦେଇ କିଛି ସମୟ ଭାଜନ୍ତୁ। ପରେ ଏଥିରେ କଟା ପିଆଜ, କଟା କଞ୍ଚା ଲଙ୍କା, କଟା ଅଦା, ଲଙ୍କାଗୁଣ୍ଡ,ଚାଟ ମସଲା, ଆମଚୁର ପାଉଡ଼ର ଓ କଟା ଧନିଆ ପତ୍ର ପକାଇ ଭଲ ଭାବେ ଗୋଳାନ୍ତୁ। ମସଲା ପ୍ରସ୍ତୁତ ହୋଇଯିବା ପରେ ଏହାକୁ କାଢି ଥଣ୍ଡା କରନ୍ତୁ।

ଏବେ ଚକଟା ଯାଇଥିବା ଅଟାକୁ ଗୁଳା କରନ୍ତୁ ଓ ଏହାକୁ ଅଳ୍ପ ବେଲି ଏହା ମଝିରେ ଛତୁ ପୁର ଦେଇ ପୁଣି ବନ୍ଦ କରିଦିଅନ୍ତୁ। ଏହା ପରେ ଏଗୁଡ଼ିକୁ ରୁଟି ପରି ବେଲନ୍ତୁ ଏବଂ ଗମର ତାୱାରେ ପକାଇ ଭଲ ଭାବେ ସେକନ୍ତୁ। ଦୁଇ ପଟ ଭଲ ଭାବେ ସେକି ହୋଇଗଲେ ତେଲ ପକାଇ ଏପଟ ସେପଟ କରନ୍ତ। ଏବେ ପ୍ରସ୍ତୁତ ହୋଇଗଲା ଛତୁ ପରଟା' । ଏହାକୁ ଚଟଣି,ସସ କିମ୍ବା ଦହି ସହିତ ଗରମ ଗରମ ଖାଆନ୍ତୁ।



**ଖବର**

## ଜୀ ସାର୍ଥକର ନୂଆ ଚଳଚ୍ଚିତ୍ର 'ପାରିକରିବେ ଭୋଳା ଶଙ୍କର- ୩'




ଓଡ଼ିଆ ଫିଲ୍ମକୁ ଦର୍ଶକଙ୍କର ପୁଣି ଭଲପାଇବା ମିଳୁଛି ଯାହାକୁ ନଜରରେ ରଖି ଫିଲ୍ମ ନିର୍ମାତା ନୂଆ ନୂଆ କାହାଣୀକୁ ନେଇ ବଡ଼ ପରଦାକୁ ଫେରୁଛନ୍ତି। ଏହି ଧାରାରେ ଜୀ ସାର୍ଥକ ପୁଣି ନେଇ ଆସିଛି ଏକ ନୂଆ ଫିଲ୍ମ । ସୋମନାଥ ଫିଲ୍ମସ ବ୍ୟାନରରେ ସୁନୀଲ ପଟ୍ଟନାୟକଙ୍କ ପ୍ରଯୋଜିତ ଫିଲ୍ମ 'ପାରିକରିବେ ଭୋଳା ଶଙ୍କର ୩' ଆସନ୍ତା ରବିବାର ସନ୍ଧ୍ୟା ୬:୩୦ ରେ ଜୀ ସାର୍ଥକରେ ମୁକ୍ତିଲାଭ କରିବାକୁ ଯାଉଛି ।ଫିଲ୍ମର କାହାଣୀ ଖୁବ ଭିନ୍ନ ରହିବା ସହିତ ରୁଚିକର ମଧ୍ୟ ରହିଛିଯ଼ ଶ୍ରାବଣ ପୂର୍ଣ୍ଣିମାର ପବିତ୍ର ଦିନରେ ଶଙ୍କର ନାମରେ ଜଣେ ଶିଶୁ ଗାଁର ଶିବ ମନ୍ଦିର ବାହାରେ ଚେତାଶୂନ୍ୟ ଅବସ୍ଥାରେ ମିଳେ । ଗାଁ ଲୋକଙ୍କ ଭଲପାଇବା ଦ୍ଵାରା ବଡ଼ ହୋଇ ସେ ମନ୍ଦିରର ସୁରକ୍ଷା କର୍ତ୍ତା ଭାବରେ ପରିଣତ ହୁଏ ।ଗାଁ ମନ୍ଦିରରେ ରହିଥାଏ ଏକ ଦିବ୍ୟମଣୀ ଯାହାକୁ ହାତେଇବାକୁ ପରାଶର ନାମକ ଜଣେ ତନ୍ତ୍ର ମନ୍ତ୍ର ସାଧକ ନିଜର ଅହରହ ଚେଷ୍ଟା ଜାରି ରଖିଥାଏ କିନ୍ତୁ ସବୁ ଯୋଜନା ଶଙ୍କର ଥାଉ ଥାଉ ବିଫଳ ହୁଏ। ଶେଷରେ ଅଖଣ୍ଡ କୁଚକ୍ରାନ୍ତ କରି କଳା ଯାଦୁର ପ୍ରୟୋଗ କରି ଶଙ୍କର ଏକ ତନ୍ତ୍ର ମନ୍ତ୍ର ସାଧକ ବୋଲି ଗାଁ ଲୋକଙ୍କୁ ଜଣାଏ ଓ ଗାଁରୁ ବିଦା କରିଦିଏ। କିଛି ବର୍ଷ ପରେ ପୁଣି ଅଖଣ୍ଡ ମଣି ଚୋରି କରିବାର ଯୋଜନା ସମୟରେ ପୁଣି ଫେରିଆସେ ଶଙ୍କର ।ତେବେ ଶଙ୍କର କ'ଣ ତାକୁ ରୋକି ପାରିବ ? ଶଙ୍କରକୁ ଏହି କାମ ପାଇଁ କେତେ କଠିନ ପରିଶ୍ରମ କରିବାକୁ ପଡୁଛି ଓ ଶେଷରେ କ'ଣ ହେଉଛି ଫିଲ୍ମ ମାଧ୍ୟମରେ ଜାଣିବାକୁ ପାଇବେ ଦର୍ଶକ।ଫିଲ୍ମରେ ମୁଖ୍ୟ ଅଭିନେତା ରହିଛନ୍ତି ରାଜ ରାଜେଶ। ତାଙ୍କ ସହିତ ମୁମୀତା, ବାଦଲ ମହାନ୍ତି, ରବି ମିଶ୍ର ଓ ଉଦିତ ଗୁରୁ ରହିଛନ୍ତ। ଫିଲ୍ମର କାହାଣୀ ଓ ସଂଳାପ ରଚନା କରିଛନ୍ତି ପ୍ରିୟବ୍ରତ ପଣ୍ଡା, ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ମୃତ୍ୟୁଞ୍ଜୟ ସାହୁ। ସଙ୍ଗୀତ ନିର୍ଦ୍ଦେଶନାରେ ରହିଛନ୍ତି ବୈଦ୍ୟନାଥ ଦାଶ ଗୀତକୁ ଲେଖିଛନ୍ତି ଡଃ ନିର୍ମଳ ନାୟକ। ଗୀତଗୁଡିକୁ କଣ୍ଠଦାନ କରିଛନ୍ତି ଅସୀମା ପଣ୍ଡା, ଗୌରବ ଆନନ୍ଦ ଓ ବୈଭବ ପୃଷ୍ଟି। ଦର୍ଶକ ଏହି ଫିଲ୍ମକୁ ଉପଭୋଗ କରିବା ସହ ଭଲପାଇବା ମଧ୍ୟ ଦେବେ ବୋଲି କହିଛନ୍ତି ଜୀ ସାର୍ଥକର ଚିଫ ଚ୍ୟାନେଲ ଅଫିସର ପ୍ରତୀକ ସିଲ।

## ଶଚି ଓ ଇନ୍ଦ୍ରଙ୍କ କଥା



ଦେବରାଜ ଇନ୍ଦ୍ର ଏବଂ ଦେବୀ ଶଚିଙ୍କ ମଧ୍ୟରେ ବିବାହ ହୋଇଥିଲା । ଦେବୀ ପାର୍ବତୀଙ୍କୁ ତପସ୍ୟାରେ ସନ୍ତୁଷ୍ଟ କରି ଶଚିଦେବୀ ଦେବରାଜଙ୍କୁ ପତି ରୂପରେ ପାଇଥିଲେ । ଶଚିଙ୍କ ସମ୍ବନ୍ଧରେ ସ୍କନ୍ଦ ପୁରାଣରେ ଉଲ୍ଲେଖ ରହିଛି । ପୁଲୋମାଙ୍କ କନ୍ୟା ଶଚିଙ୍କ ବିଷୟରେ ବେଦରେ ମଧ୍ୟ ବର୍ଣ୍ଣନା ଥିବା ଦେଖିବାକୁ ମିଳିଥାଏ । ସ୍କନ୍ଦ ପୁରାଣରେ ରହିଥିବା ବର୍ଣ୍ଣନା ଅନୁଯାୟୀ, ସତ୍ୟଯୁଗରେ ଦୈତ୍ୟରାଜ ପୁଲୋମାଙ୍କ କନ୍ୟା ଶଚି ଦେବରାଜ ଇନ୍ଦ୍ରଙ୍କୁ ପତି ରୂପରେ ପାଇବା ଲାଗି ଜ୍ୱାଳପାଧାମରେ ହିମାଳୟର ଅଧିଷ୍ଠାତ୍ରୀ ଦେବୀ ପାର୍ବତୀଙ୍କୁ ଉପାସନା କରିଥିଲେ । ମା' ପାର୍ବତୀ ଶଚିଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ତାଙ୍କୁ ଦୀପ୍ତ ଜ୍ୱାଳେଶ୍ୱରୀ ରୂପରେ ଦର୍ଶନ ଦେଇଥିଲେ । ତାଙ୍କରି ଆଶୀର୍ବାଦ କ୍ରମେ ଶଚିଦେବୀ ଇନ୍ଦ୍ରଙ୍କୁ ପତି ରୂପରେ ପାଇଥିଲେ । ଏହି ସ୍ଥାନ ଆଧୁନିକ ଉତ୍ତରାଖଣ୍ଡରେ ରହିଛି ବୋଲି ବିଶ୍ୱାସ କରାଯାଇଥାଏ । ସେଠାରେ ବର୍ତ୍ତମାନ ମଧ୍ୟ ଜ୍ୱାଳାଦେବୀଙ୍କୁ ପୂଜା କରାଯାଉଛି । ଦେବୀ ଶଚିଙ୍କୁ ଇନ୍ଦ୍ରାଣୀ ମଧ୍ୟ କୁହାଯାଏ । ସେ ନିଜ ପତିଙ୍କ ସୁରକ୍ଷା ପାଇଁ ବ୍ରାହ୍ମଣଙ୍କ ଦ୍ୱାରା ଇନ୍ଦ୍ରଦେବଙ୍କ ହାତରେ ରକ୍ଷାସୂତ୍ର ବାନ୍ଧିଥିଲେ । ଏହି ରକ୍ଷାସୂତ୍ର କାରଣୁ ଦେବରାଜ ଇନ୍ଦ୍ର ଦେବାସୁର ସଂଗ୍ରାମରେ ବିଜୟ ଲାଭ କରିଥିଲେ ।

## ଖାଦ୍ୟରେ ସାମିଲ କରନ୍ତୁ ବିଟ୍



ଲାଲ ବିଟ୍ ସ୍ୱଦରେ ସମସ୍ତେ ପସନ୍ଦ କରନ୍ତି ନାହିଁ, କିନ୍ତୁ ବିଟ୍ ଖାଇବା ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ ଅଟେ । ବିଟରେ ପୋଷକ ତତ୍ତ୍ୱ ଭରପୂର ଥାଏ । ଏଥିରେ ଥିବା ପୋଷକ ତତ୍ତ୍ୱ ଯୋଗୁଁ ଏହାକୁ ସୁପରଫୁଡ୍ ମଧ୍ୟ କୁହାଯାଏ । ତେଣୁ ଆସନ୍ତୁ ଜାଣିବା ବିଟ୍ ଆମ ସ୍ୱାସ୍ଥ୍ୟ ପାଇଁ କେତେ ଲାଭଦାୟକ।

ବିଟ୍ ଖାଇବା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ପ୍ରତ୍ୟେକ କ୍ଷେତ୍ରରେ ଲାଭଦାୟକ ଅଟେ। ଉଚ୍ଚ ରକ୍ତଚାପରେ ବିଟ୍ ଲାଭଦାୟକ ଅଟେ । ଉଚ୍ଚ ରକ୍ତଚାପ ହ୍ରାସ କରିବାରେ ବିଟ୍ ରସ ମଧ୍ୟ ପ୍ରଭାବଶାଳୀ ବୋଲି ବିଶ୍ୱାସ କରାଯାଏ । ଅନୁସନ୍ଧାନ ଅନୁଯାୟୀ, ପ୍ରତିଦିନ ୨୫୦ ମିଲି ବିଟର ରସ ପିଇବା ଦ୍ୱାରା ଶରୀରର ଉଭୟ ସିଷ୍ଟୋଲିକ୍ ଏବଂ ଡାଇଷ୍ଟୋଲିକ୍ ରକ୍ତଚାପ କମିଯାଏ। ଯେଉଁମାନେ ସେମାନଙ୍କର ଓଜନକୁ ନିୟନ୍ତ୍ରଣ କରିବାକୁ ଚାହାଁନ୍ତି, ବିଟ୍ ରସ ସହିତ ସକାଳ ଆରମ୍ଭ କରିବା ଠିକ୍ ଯ ବିଟ୍ ରସରେ ବହୁତ କମ୍ କ୍ୟାଲୋରୀ ଥାଏ ଏବଂ ପୋଷକ ତ□ ମଧ୍ୟ ଭରପୂର ଅଟେ ଯ ଯେଉଁଥିପାଇଁ ଶରୀର ଆବଶ୍ୟକୀୟ ପୋଷକ ତ□ ପାଇଥାଏ ଏବଂ ଆପଣଙ୍କ ଓଜନ ମଧ୍ୟ ନିୟନ୍ତ୍ରିତ ହୋଇଥାଏ। ବିଟରେ ପ୍ରାକୃତିକ ଭାବରେ ମିଳୁଥିବା ନାଇଟ୍ରେଟ୍ ବୃଦ୍ଧଙ୍କ ମସ୍ତିଷ୍କରେ ରକ୍ତ ପ୍ରବାହ ବୃଦ୍ଧିରେ ସହାୟକ ହୋଇଥାଏ। ଯାହା ସେମାନଙ୍କର ସ୍ମୃତିକୁ ଠିକ୍ ରଖେ। ବିଟ ଦ୍ରବୀଭୂତ ଆଣ୍ଟିଅକ୍ସିଡାଣ୍ଟ। କେମୋ-ପ୍ରତିଷେଧକ ପ୍ରଭାବ ରହିଛି । ଯେଉଁ କାରଣରୁ ବିଟ୍ ବ୍ୟବହାର ଆପଣଙ୍କ ଶରୀରରେ କର୍କଟ ଭଳି ମାରାତ୍ମକ ରୋଗର କୋଷ ବିସ୍ତାରକୁ ରୋକିଥାଏ।

## ଝିଅକୁ ବିବାହ ସମୟରେ ଦେଉଛନ୍ତି କି ଗଣେଶଙ୍କ ପ୍ରତିମୂର୍ତ୍ତି ? ଜାଣନ୍ତୁ କ'ଣ ରହିବ ଏହାର ପ୍ରଭାବ



ବିଘ୍ନ ବିନାଶକଙ୍କୁ ସବୁବେଳେ ଶୁଭ ବୋଲି ବିବେଚନା କରାଯାଇଥାଏ। ଗଣେଶ ମୂର୍ତ୍ତି ତଥା ଫଟୋକୁ ପୂଜା କଲେ ଘରେ ସୁଖ ଶାନ୍ତି ବିରାଜମାନ କରିଥାଏ ଓ ବାଧାବିଘ୍ନ ଦୂର ହୋଇଥାଏ ବୋଲି ବିଶ୍ୱାସ ରହିଛି। ତେଣୁ ବହୁ ସମୟରେ ପ୍ରିୟଜନଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରି ପରିବାର ଲୋକେ ସେମାନଙ୍କୁ ଗଣେଶ ମର୍ତ୍ତି ଉପହାର ଦେଇଥାନ୍ତି। ହେଲେ ଏହି ସମୟରେ କିଛି ବାସ୍ତୁ ନିୟମ ମାନିବା ଉଚିତ, ନଚେତ ଉନ୍ନତି ହେବା ପରିବର୍ତ୍ତେ ବାଧାବିଘ୍ନର ସମ୍ମୁଖୀନ ହେବାକୁ ପଡ଼ିପାରେ। ବାସ୍ତୁ ଶାସ୍ତ୍ର ଅନୁଯାୟୀ ଗଣେଶଙ୍କ ପ୍ରତିମାକୁ ଘରର ଯେକୌଣସି ସ୍ଥାନରେ ରଖିବା ଉଚିତ ନୁହେଁ। ବିଶେଷକରି ବାଥରୁମ କ୍ୟାରେ ଗଣେଶଙ୍କର ଫଟୋ କିମ୍ବା ପ୍ରତିମା ରଖନ୍ତୁ ନାହିଁ। ଏହା ବ୍ୟତୀତ ଗଣେଶଙ୍କ ପ୍ରତିମାକୁ ଶୋଇବା ଘରେ ମଧ୍ୟ ରଖିବା ଉଚିତ ନୁହେଁ। ଏହା କରିବା ଦ୍ୱାରା ଦାମ୍ପତ୍ୟ ଜୀବନରେ ମତଭେଦ ସୃଷ୍ଟି ହେବା ସହ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଅନାବଶ୍ୟକ ତିକ୍ତତା ବଢ଼ିଥାଏ।

ଭଗବାନ ଗଣେଶଙ୍କ ନୃତ୍ୟ ପ୍ରତିମାକୁ କେବେ ବି ଘରେ ରଖନ୍ତୁ ନାହିଁ। ଏହାକୁ ଉପହାର ରୂପେ ମଧ୍ୟ କାହାକୁ ଦିଅନ୍ତୁ ନାହିଁ। ଗଣେଶ ନୃତ୍ୟ କରୁଥିବା ପ୍ରତିମୂର୍ତ୍ତି ଘରେ ରଖିଲେ ଘରେ ଅଯଥାରେ କଳହ ସୃଷ୍ଟି ହୁଏ ବୋଲି ବିଶ୍ୱାସ ରହିଛି। ଯଦି ଏପରି ମୂର୍ତ୍ତିକୁ ଆପଣ କାହାକୁ ଉପହାର ଭାବେ ଦିଅନ୍ତି, ତା' ହେଲେ ତାଙ୍କ ଜୀବନରେ ମଧ୍ୟ ଝଡ଼ ସୃଷ୍ଟି ହେବାର ଆଶଙ୍କା ରହିଛି।

ଯଦି ଆପଣ ଗଣପତିଙ୍କ ମୂର୍ତ୍ତିକୁ ଘରେ ରଖିବାକୁ ଯାଉଛନ୍ତି, ତେବେ ବାମ ପାର୍ଶ୍ୱକୁ ଶୁଣ୍ଢ ଥିବା ଗଣପତି ଅଣାଯିବା ଉଚିତ। କାରଣ ଡାହାଣ ପାର୍ଶ୍ୱରେ ଥିବା ଶୁଣ୍ଢ ସହିତ ଗଣେଶଙ୍କୁ ପୂଜା କରିବା ପାଇଁ ବିଶେଷ ନିୟମ ପାଳନ କରିବାକୁ ପଡିଥାଏ।

ବାସ୍ତୁବିତଙ୍କ ଅନୁଯାୟୀ, ସନ୍ତାନ ଚାହୁଁଥିବା ଦମ୍ପତି ଗଣେଶଙ୍କ ଶିଶୁ ପ୍ରତିମୂର୍ତ୍ତିକୁ ଘରକୁ ଆଣିବା ଉଚିତ। ବିଶ୍ୱାସ କରାଯାଏ ଯେ, ଏହାପରେ ଜନ୍ମିତ ସନ୍ତାନ ପିତାମାତାଙ୍କୁ ଭକ୍ତି କରିଥାନ୍ତି।

ଅନ୍ୟପକ୍ଷରେ, ଯଦି ଚାକିରି କିମ୍ବା ବ୍ୟବସାୟରେ କିଛି ଅସୁବିଧା ଅଛି, ତେବେ ସେଗୁଡିକୁ ଦୂର କରିବା ପାଇଁ ଘରେ ଗଣେଶଙ୍କର ଏକ ପ୍ରତିମା କିମ୍ବା ଫଟୋ ଲଗାଯିବା ଉଚିତ ଏହା ସମସ୍ୟା ଦୂର କରେ ଏବଂ ଆପଣଙ୍କୁ ସଫଳତା ଆଣିଦିଏ।

## ଦାବାନଳ ଗ୍ରାସ

କାଳୀୟ ନାଗ ଦଳନ ପରେ ଅନେକ ସମୟ ବିତିସାରିଥିଲା। ଭଗବାନ କୃଷ୍ଣ ଓ ବ୍ରଜଭୂମିର ଅନ୍ୟମାନେ ଥକି ଯାଇଥିଲେ । ସେମାନେ ଭୋକଶୋଷରେ ଦୁର୍ବଳ ହୋଇପଡ଼ିଥିଲେ । ତେଣୁ ସେଦିନ ସେମାନେ ବୃନ୍ଦାବନ ଫେରିପାରିନଥିଲେ । ସମସ୍ତେ ଯମୁନା ତଟରେ ରାତି ବିତାଇବା ଲାଗି ନିଷ୍ପତ୍ତି ନେଲେ । ଗ୍ରୀଷ୍ମ ଋତୁ ଥିବାରୁ ରାତିରେ ସୁଦ୍ଧା ପ୍ରବଳ ଗରମ ଅନୁଭୂତ ହେଉଥିଲା । ଯମୁନା କୂଳରେ ଚାରିଆଡ଼େ ଘଞ୍ଚ ଜଙ୍ଗଲ ଘେରି ରହିଥିଲା । ମଧ୍ୟରାତ୍ରିରେ ଶ୍ରୀକୃଷ୍ଣ ଏବଂ ଅନ୍ୟମାନେ ଆଶ୍ରୟ ନେଇଥିବା ଜଙ୍ଗଲ ଜଳିବାକୁ ଲାଗିଲା। ନିଦ ଭାଙ୍ଗିବାରୁ ଚାରିଆଡ଼େ କେବଳ ନିଆଁ ହିଁ ନିଆଁ ଥିଲା। ସମସ୍ତେ ଭୟଭୀତ ହୋଇପଡ଼ିଲେ । ଟିକିଏ ଆଗରୁ କୃଷ୍ଣ ଯମୁନା ନଦୀରୁ କାଳୀୟ ନାଗକୁ ବିତାଡ଼ିତ କରି ସେମାନଙ୍କୁ ରକ୍ଷା କରିଥିଲେ । ତେଣୁ ବ୍ରଜବାସୀ ଜଙ୍ଗଲ ନିଆଁ ବିପତ୍ତିରୁ ଉଦ୍ଧରିବା ଲାଗି କୃଷ୍ଣଙ୍କ ଶରଣାପନ୍ନ ହେଲେ । ସେମାନଙ୍କ ମନରେ ଥିବା ଭୟ ଦେଖି ଶ୍ରୀକୃଷ୍ଣ ତତ୍କ୍ଷଣାତ୍ ଜଙ୍ଗଲ ନିଆଁ ଗିଳିପକାଇଲେ । ଫଳରେ ସମସ୍ତ ନିରୀହ ଜନସାଧାରଣଙ୍କ ଜୀବନ ରକ୍ଷା ସମ୍ଭବ ହୋଇପାରିଲା । ଭଗବାନଙ୍କ ପ୍ରତି ବିଶ୍ୱାସ ରଖିଥିବାରୁ ଦୁଇ ଦୁଇଟି ବଡ଼ ବିପତ୍ତିରୁ ରକ୍ଷା ପାଇଥିଲେ । ଭଗବାନ ଶ୍ରୀକୃଷ୍ଣ ନିଜ ଜୀବନ କାଳ ମଧ୍ୟରେ ଅନେକ ଚମତ୍କାର କରିଥିଲେ। ତେବେ ଏହି ଚମତ୍କାର ସେ କେବେହେଲେ ନିଜ ବ୍ୟକ୍ତିଗତ ସ୍ୱାର୍ଥ ପାଇଁ କରୁନଥିଲେ। ପତିତ, ଅତ୍ୟାଚାରର ଶିକାର ହୋଇଥିବା ଜନତାଙ୍କ ଉଦ୍ଧାର ପାଇଁ ତାଙ୍କର ସମସ୍ତ ଚମତ୍କାର ଉଦ୍ଦିଷ୍ଟ ଥିଲା। ଏହି କାରଣରୁ ଆଜି ସେ ଭଗବାନ ରୂପେ ପୂଜିତ ହେଉଛନ୍ତି । ଶ୍ରୀକୃଷ୍ଣଙ୍କ ଜୀବନରୁ ଶିକ୍ଷା ଲାଭ କରି ମନୁଷ୍ୟ ବିଫଳତା ଦ୍ୱାରା ଭାଙ୍ଗିନପଡ଼ି ବାରମ୍ୱାର ସଫଳତା ପାଇଁ ପ୍ରୟାସ କରିବା ଆବଶ୍ୟକ । କାରଣ ବାରମ୍ବାର ପ୍ରୟାସ ଦ୍ୱାରା ମନୁଷ୍ୟ ସଫଳ ହୋଇପାରିବ ।



# ସର୍ବବ୍ୟାପୀ ଓ ସର୍ବସ୍ପର୍ଶୀ ଆଭିମୁଖ୍ୟରେ ଉଚ୍ଚଶିକ୍ଷାନୁଷ୍ଠାନକୁ ଉତ୍କର୍ଷ କେନ୍ଦ୍ରରେ ପରିଣତ କରିବା

ଭୁବନେଶ୍ୱର, ୫।୯ (ମହାଭାରତ): ସର୍ବବ୍ୟାପୀ ଓ ସର୍ବସ୍ପର୍ଶୀ ଆଭିମୁଖ୍ୟ ମାଧ୍ୟମରେ ଭାରତରେ ଥିବା ପ୍ରାୟ ୫୦୦୦ଟି ଉଚ୍ଚ ଶିକ୍ଷାନୁଷ୍ଠାନକୁ ଉତ୍କର୍ଷ କେନ୍ଦ୍ରରେ ପରିଣତ କରିବା ପାଇଁ ଆହ୍ୱାନ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ବୁଧବାର ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡିକ ପାଇଁ ସଂସ୍ଥାଗତ ବିକାଶ ଯୋଜନା(ଆଇପିଡି) ଉପରେ ଆୟୋଜିତ ଦିନିକିଆ କର୍ମଶାଳାକୁ ଉଦଘାଟନ କରିବା ଅବସରରେ ଶ୍ରୀ ପ୍ରଧାନ ଏହା କହିଛନ୍ତି । ଏହି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ୟୁଜିସି ନିୟମାବଳୀ ସଂକଳନକୁ ; ୟୁଜିସିର ସମସ୍ତ ନିୟମର ଏକକ, ସୁଲଭ ଏବଂ ବିଶ୍ୱସନୀୟ ଉତ୍ସ ଭାବରେ ଉନ୍ମୋଚନ କରିଥିଲେ ।



ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଜାତୀୟ ଶିକ୍ଷା ନୀତିର ମୂଲ୍ୟବୋଧ ଏବଂ ବିଚାରକୁ ଗ୍ରହଣ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିକଶିତ ଭାରତର ପରିକଳ୍ପନାକୁ ସାକାର କରିବାରେ ଦେଶର ଉଚ୍ଚ ଶିକ୍ଷାନୁଷ୍ଠାନଗୁଡିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଶିକ୍ଷାର ଉଦ୍ଦେଶ୍ୟ ଏବଂ ଢାଂଚା ଉପରେ ଆଲୋକପାତ କରିବା ସହ ଯୁବବର୍ଗଙ୍କୁ ସଶକ୍ତ କରିବା ଏବଂ ସେମାନଙ୍କୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଦେଶରେ ମୋଟ ନାମଲେଖା ଅନୁପାତକୁ ଦ୍ୱିଗୁଣିତ କରିବା, ଅଧିକାଂଶ ଜନସଂଖ୍ୟାକୁ ଉଚ୍ଚ ଶିକ୍ଷା ପରିସରକୁ ଆଣିବା ପାଇଁ ଶିକ୍ଷା ଜଗତକୁ ସେ ପରାମର୍ଶ ଦେଇଥିଲେ । ଏହାବ୍ୟତିତ ଜନସଂଖ୍ୟାଗତ ସୁବିଧାର ପ୍ରଭାବଶାଳୀ ଉପଯୋଗ, ଶୈକ୍ଷିକ, ଗବେଷଣା ଏବଂ ଇନୋଭେସନ ଉତ୍କର୍ଷତା ହାସଲ କରିବା, ସର୍ବବ୍ୟାପୀ ଓ ସର୍ବସ୍ପର୍ଶୀ ଆଭିମୁଖ୍ୟ ମାଧ୍ୟମରେ ୫୦୦୦ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡିକୁ ଉତ୍କର୍ଷ କେନ୍ଦ୍ରରେ ପରିଣତ କରିବା ଦିଗରେ ଥିବା ମାର୍ଗ ଉପରେ କେନ୍ଦ୍ରମନ୍ତ୍ରୀ ଚର୍ଚ୍ଚା କରିଛନ୍ତି ।

କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି, ଶିକ୍ଷା ଭାରତକୁ ଏକ ଉପଭୋକ୍ତା ଅର୍ଥନୀତିରୁ ଉତ୍ପାଦକ ଅର୍ଥନୀତିରେ ପରିଣତ କରିବ । ଅନୁଷ୍ଠାନିକ ଉନ୍ନତି ଯୋଜନାରେ ଆମର ବିଶାଳ ଜନସଂଖ୍ୟାର ଦକ୍ଷତା ବୃଦ୍ଧି, ଶିକ୍ଷାର୍ଥୀ-କେନ୍ଦ୍ରୀତ ଏବଂ ବହୁବିଭାଗୀୟ ଶିକ୍ଷାର ସୁବିଧା, ଉଚ୍ଚଶିକ୍ଷାରେ ଭାରତୀୟ ଭାଷାକୁ ସମନ୍ୱିତ କରିବା, ଉଦ୍ଭାବନ, ଉଦ୍ୟୋଗ ଏବଂ ନିଯୁକ୍ତି ସୃଷ୍ଟିକୁ ପ୍ରାଥମିକତା ଦେବା, ଶିକ୍ଷକମାନଙ୍କ ଦକ୍ଷତା ବୃଦ୍ଧି ଏବଂ ଗବେଷଣା ଓ ବିକାଶର ବିଶ୍ୱସ୍ତରୀୟ ମାନଦଣ୍ଡ ହାସଲ କରିବା ଉପରେ ପ୍ରାଥମିକତା ଦେବାକୁ ହେବ । ଆମର ଶିକ୍ଷା ଏପରି ହେବା ଦରକାର, ଯେଉଁ ଶିକ୍ଷା ଏକବିଂଶ ଶତାବ୍ଦୀର ଆକାଂକ୍ଷାକୁ ପୂରଣ କରିବା ସହ ସ୍ଥାନୀୟ ଏବଂ ବୈଶ୍ୱିକ ଆହ୍ୱାନର ସମାଧାନ କରିପାରିବ । ନୂଆ ମଡେଲ ଏବଂ ସାମ୍ପ୍ରତିକ ସମସ୍ୟାର ସମାଧାନ ପାଇଁ ଭାରତର ପ୍ରତିଭାବାନ ଯୁବଶକ୍ତିଙ୍କ ଉପରେ ବିଶ୍ୱର ନଜର ରହିଛି । ଶିକ୍ଷାନୁଷ୍ଠାନଗୁଡ଼ିକର ପୁନରୁଦ୍ଧାର, ଉଚ୍ଚ ଶିକ୍ଷା କ୍ଷେତ୍ରରେ ପରିବର୍ତ୍ତନ ଆଣିବା ଏବଂ ଜାତୀୟ ପ୍ରାଥମିକତା ହାସଲ ଦିଗରେ ଏକ ସମୟବଦ୍ଧ ଢଙ୍ଗରେ କାର୍ଯ୍ୟ କରିବାକୁ ଶିକ୍ଷାବିତ୍ ମାନଙ୍କୁ ଶ୍ରୀ ପ୍ରଧାନ ପରାମର୍ଶ ଦେଇଛନ୍ତି ।

# ସୁଭଦ୍ରା କଲ ସେଂଟରର ସମୀକ୍ଷା କଲେ ଉପ-ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୫।୯ (ମହାଭାରତ): ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଶିଶୁ ବିକାଶ, ମିଶନ ଶକ୍ତି ଓ ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ଭୁବନେଶ୍ୱରସ୍ଥିତ ସୁଭଦ୍ରା କଲ ସେଂଟରକୁ ପରିଦର୍ଶନରେ ଯାଇ ଏହାର କାର୍ଯ୍ୟକରିତାକୁ ସମୀକ୍ଷା କରିଛନ୍ତି । ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା କଲ୍ ? ସେଂଟରରେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କ ସହ ଆଲୋଚନା କରିଛନ୍ତି ଓ ଲୋକମାନଙ୍କୁ ଠିକ ସୂଚନା ଦେବା ସେମାନଙ୍କ ଗୁରୁଦାୟିତ୍ୱ ବୋଲି ଉଲ୍ଲେଖ କରିଛନ୍ତି । ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ନିଜେ ଏହି ସେଂଟରରେ ଏକ କଲ୍ ?ରେ କଥା ହୋଇ ଅଭିଯୋଗକାରୀଙ୍କ ସନ୍ଦେହ ଦୂର କରିଛନ୍ତି ।



ସୂଚନାଯୋଗ୍ୟ, ସମସ୍ତଙ୍କୁ ସହଜରେ ସୂଚନା ପ୍ରଦାନ କରିବା ପାଇଁ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ସୁଭଦ୍ରା ହେଲ୍ପଲାଇନ ନମ୍ବର - ୧୪୬୭୮ ଜାରି କରାଯାଇଛି । ଏହି ହେଲ୍ପଲାଇନ ନମ୍ବର ପ୍ରତିଦିନ ସକାଳ ୬ଟା ରୁ ରାତି ୧୦ଟା ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ରହିଛି । ଏହି କଲ ସେଂଟରଟି ମହିଳା ଓ ଶିଶୁ ବିକାଶ ବିଭାଗ ଓ 'ତତ୍ତ୍ୱ ଟେକ୍ ?ନୋଲୋଜି'ର ସହଭାଗିତାରେ କାର୍ଯ୍ୟକାରୀ କରାଯାଉଛି । ଏହି ସେଂଟରରେ ୧୮୦ ଜଣ କର୍ମଚାରୀ କାର୍ଯ୍ୟ କରୁଛନ୍ତି ଓ ଏଥିରେ ୧୨୦ ଜଣ ମହିଳା କାର୍ଯ୍ୟରତ ଅଛନ୍ତି । ୩୦ ଅଗଷ୍ଟରୁ ଆରମ୍ଭ ହୋଇଥିବା ଏହି ସେଂଟରରେ ଏଯାବତ ୮୨୦୦୦ କଲ୍ ?ର ଉତ୍ତର ଦିଆଯାଇଛି । ପ୍ରମୁଖ ପ୍ରଶ୍ନ ମଧ୍ୟରେ ଆଧାର ଓ ମୋବାଇଲ ଲିଙ୍କ, ଫର୍ମ ଦାଖଲର ଶେଷ ତାରିଖ, ସୁଭଦ୍ରା ଫର୍ମ ପୂରଣର ପ୍ରକ୍ରିୟା, ପ୍ରଥମ କିସ୍ତି ମିଳିବା ତାରିଖ, ଆୟ ପ୍ରମାଣପତ୍ର (ଇନକମ ସାର୍ଟିଫିକେଟ) ଓ ରାସନ କାର୍ଡର ଆବଶ୍ୟକତା ସମ୍ବନ୍ଧୀୟ ପ୍ରଶ୍ନ ବହୁ ମାତ୍ରାରେ କଲ୍ ? ସେଂଟରକୁ ଆସୁଥିବାର ସୂଚନା ରହିଛି । ଏହି ସବୁ ପ୍ରଶ୍ନର ଉତ୍ତର ସଠିକ ଭାବେ ଦେଇ ଲୋକଙ୍କ ମନର ଭୁଲ ଧାରଣାକୁ ଦୂର କରାଯାଉଛି ।

# କିଟ୍‌ରେ ଯୋଗାସନ କ୍ରୀଡ଼ା ରେଫରୀ ଓ ଜଜ୍ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୫।୯ (ମହାଭାରତ): ସମଗ୍ର ବିଶ୍ୱରେ ଯୋଗକୁ ପ୍ରାଧାନ୍ୟ ଦେବାପରେ ଭାରତ ସରକାର ଯୋଗକୁ ଖେଳରେ ସାମିଲ କରିଛନ୍ତି କ୍ଷ ଭାରତ ସରକାରଙ୍କ ଯୁବ ଓ କ୍ରୀଡା ବିଭାଗ ଅଧୀନ ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ଯୋଗକୁ ଅନ୍ତର୍ଭୁକ୍ତ କରାଯାଇଛି କ୍ଷ ଶିକ୍ଷାନୁଷ୍ଠାନର ପାଠ୍ୟକ୍ରମରେ, ସ୍ୱାସ୍ଥ୍ୟ ବିଭାଗରେ ଓ ବିଭିନ୍ନ ବିଭାଗରେ ଫିଟ୍ ନେସ୍ ପାଇଁ ଯୋଗର ଆବଶ୍ୟକତା ରହିଛି ବୋଲି ମତପ୍ରକାଶ କରିଥିଲେ କ୍ଷ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଯୋଗ ଶିକ୍ଷକ ଓ ରେଫରୀ ଜଜ୍ ନିଯୁକ୍ତି ପାଇଁ ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି କ୍ଷ ଯୋଗାସନ ଭାରତ ପକ୍ଷରୁ ଯୋଗାସନ ସ୍ପୋର୍ଟସ ଆସୋସିଏସନ୍ ଅଫ ଓଡିଶା ଓ କିଟ୍ ସ୍ପୋର୍ଟ୍ସ ଆଣ୍ଡ ଯୋଗିକ ସାଇନ୍ସ ବିଭାଗ ଆନୁକୁଲ୍ୟରେ ଯୋଗାସନ ରେଫରୀ ଓ ଜଜ୍ ତାଲିମ୍ ଶିବିର ସାତ ଦିନ ଧରି ଅନୁଷ୍ଠିତ ହୋଇଥିଲା କ୍ଷ ଭୁବନେଶ୍ୱର କିଟ୍ କ୍ରୀଡ଼ା ଓ ଯୋଗ ବିଭାଗ ପରିସରରେ ଅନୁଷ୍ଠିତ ଉତ୍ସବରେ ଯୋଗର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସଂପର୍କରେ ଆଲୋଚନା ହୋଇଥିଲା କ୍ଷ କିଟ୍ କ୍ରୀଡ଼ା ଓ ଯୋଗ ବିଭାଗର ମହାନିର୍ଦ୍ଦେଶକ ଡ଼ ଗଗନେନ୍ଦୁ ଦାଶ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ କହିଲେ ଯେ କିଟ୍ ହେଉଛି ଦେଶର ପ୍ରଥମ ବିଶ୍ୱବିଦ୍ୟାଳୟ ଯାହାକି ଯୋଗାସନ ବିଚାରକ ପ୍ରଣାଳୀକୁ ପାଠ୍ୟକ୍ରମରେ ସାମିଲ କରିଛି ।

ଯୋଗାସନ ସ୍ପୋର୍ଟସ ଆସୋସିଏସନ୍ ଅଫ ଓଡିଶା ର ରାଜ୍ୟ ସଂଯୋଜକ ଡ଼ ସଞ୍ଜୟ କୁମାର ପଣ୍ଡା, ନିଖିଳ କୁମାର ଦଳାଇ, ମମତା ମହାନ୍ତି, ଉମାବଲ୍ଲଭ ମହାପାତ୍ର, ସରୋଜକାନ୍ତ ମହାପାତ୍ର, ପ୍ରକାଶ ଗୋଛି ଆଲୋଚନାରେ ଅଂଶଗ୍ରହଣ କରିଥିଲେ କ୍ଷ ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ଜିଲ୍ଲାର ସଂଯୋଜକ ଓ ପ୍ରଶିକ୍ଷାର୍ଥୀ ଉପସ୍ଥିତ ରହିଥିଲେ କ୍ଷ ସମ୍ମାନିତ ଅତିଥି ଭାବରେ ସି.ଏ. ଦିବାକର ପ୍ରସାଦ ହରିଚନ୍ଦନ, ଡ଼ ସତ୍ୟ ନାରାୟଣ ମିଶ୍ର, ଡ଼ ମନମୋହନ ରାଉତ ଯୋଗଦାନ କରି ଏକଶହ ଛବିଶ ଜଣଙ୍କୁ ପ୍ରମାଣ ପତ୍ର ପ୍ରଦାନ କରିଥିଲେ କ୍ଷ ଏହା ପରେ ଜିଲ୍ଲାସ୍ତରୀୟ, ରାଜ୍ୟସ୍ତରୀୟ ପ୍ରତୀଯୋଗିତା କରିବାକୁ ନିଷ୍ପତ୍ତି ନିଆଯାଇଛି କ୍ଷ ପ୍ରତ୍ୟେକ ଜିଲ୍ଲାରେ ଯୋଗାସନ ସ୍ପୋର୍ଟସ ଆସୋସିଏସନ୍ ଅଫ ଓଡିଶା ପକ୍ଷରୁ ଜିଲ୍ଲା ଶାଖା ଖୋଲିବାକୁ ପ୍ରସ୍ତାବ ଦିଆଯାଇଛି କ୍ଷ ପରିଶେଷରେ କିଟ୍ କ୍ରୀଡ଼ା ଓ ଯୋଗ ବିଭାଗର ସହକାରୀ ନିର୍ଦ୍ଦେଶକ ଡ଼ ଶାନ୍ତମତି ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଜେଡି ମହିଳା ମାନଙ୍କ ସ୍ୱର ହୋଇ ରହିଛି ଓ ରହିବ

ଭୁବନେଶ୍ୱର,୫।୯ (ମହାଭାରତ): ମିଛ ବିଜେପିର ସବୁଠାରୁ ବଡ଼ ପରିଚୟ । ମିଛ ପ୍ରତିଶ୍ରୁତି ଦେଇ ବିଜେପି କ୍ଷମତାକୁ ଆସିଛି । ତେଣୁ ବିଜେପିର ମିଛକୁ ଏକ୍ସପୋଜ କରିବାକୁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଆହ୍ୱାନ ଜଣାଇଛନ୍ତି । ଆଜି ଶଙ୍ଖ ଭବନରେ ଆୟୋଜିତ ବିଜୁ ମହିଳା ଜନତା ଦଳର ଜିଲ୍ଲା ସ୍ତରୀୟ କର୍ମକର୍ତ୍ତା ଓ ରାଜ୍ୟ ନେତୃବୃନ୍ଦଙ୍କୁ ସମ୍ବୋଧିତ କରିବା ଅବସରରେ ଶ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି ।



ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ନିର୍ବାଚନ ବେଳେ ସାରା ଦେଶରୁ ବିଜେପିର ବଡ଼ ବଡ଼ ନେତା ଓଡିଶା ଆସିଲେ ହାତୀ ଦେବୁ ଘୋଡା ଦେବୁ କହିଲେ କିନ୍ତୁ କାମରେ ଶୂନ । ଏ ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି ଯେ ବିଜେପି ସୁଭଦ୍ରା ଯୋଜନାରେ ଦୁଇ ବର୍ଷରେ ସବୁ ମାଆଙ୍କୁ ପଚାଶ ହଜାର ଟଙ୍କା ଦେବ ବୋଲି କହିଥିଲେ । କିନ୍ତୁ ଏବେ ଅଳ୍ପ କିଛି ମା ମାନଙ୍କୁ ସୁଭଦ୍ରା ଯୋଜନାରେ ଛଅ ମାସରେ ଦେବେ ମାତ୍ର ପାଂଚ ହଜାର ଟଙ୍କା । ସେହିପରି ୩୦୦ ୟୁନିଟ ମାଗଣା ବିଜୁଳି ମଧ୍ୟ ମିଛ । ମା ମାନଙ୍କ ବିଶ୍ୱାସ ସହ ସାଧାରଣ ଲୋକଙ୍କ ବିଶ୍ୱାସ ସହ ବିଜେପି ଖେଳିବା ଉଚିତ ନୁହେଁ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି । ରାଜ୍ୟର ପ୍ରତି ଘରେ ଘରେ ବିଜେପିର ମିଛକୁ ଏକ୍ସପୋଜ କରାଯିବା ଦରକାର । ସାରା ଦେଶରେ ମହିଳା ମାନଙ୍କ ବିରୋଧରେ ହେଉଥିବା ଅତ୍ୟାଚାର ଘଟଣାରେ ଚିନ୍ତା ପ୍ରକଟ କରି ଶ୍ରୀ ପଟ୍ଟନାୟକ କହିଥିଲେ ଯେ ଆମ ସଂସ୍କୃତିରେ ମା ମାନଙ୍କୁ ଆମେ ଦେବୀ ଭାବରେ ପୂଜା କରୁ । ତେଣୁ ମା ମାନଙ୍କ ଉପରେ ଅତ୍ୟାଚାର ଇଶ୍ୱରଙ୍କ ସହ ଦ୍ରୋହ , ମାନବିକତା ବିରୁଦ୍ଧରେ ଦ୍ରୋହ ଭାବେ ଶ୍ରୀ ପଟ୍ଟନାୟକ ବର୍ଣ୍ଣନା କରିଥିଲେ ଏବଂ ଏଭଳି ଅପରାଧୀଙ୍କୁ କଠୋର ରୁ କଠୋରତମ ଦଣ୍ଡ ଦେବା ଉପରେ ସେ ଗୁରୁତ୍ୱ ଆରୋପ କରିଥିଲେ । ଅତ୍ୟାଚାରର ଶିକାର ହେଉଥିବା ମହିଳାମାନଙ୍କୁ ସାହାଯ୍ୟ ସହଯୋଗ କରିବା ପାଇଁ ଶ୍ରୀ ପଟ୍ଟନାୟକ ଦଳର ସଦସ୍ୟ ମାନଙ୍କୁ ପରାମର୍ଶ ଦେଇଥିଲେ । ଆମ ସମସ୍ତଙ୍କ ସାମୁହିକ ଉଦ୍ୟମ ହିଁ ମା ମାନଙ୍କ ପାଇଁ ଏକ ନିରାପଦ ଦୁନିଆ ସ୍ଥାପନ କରିବାରେ ସହାୟକ ହେବ ବୋଲି ଆଶା କରିଥିଲେ । ସାରା ଦେଶରେ ମହିଳା ସଶକ୍ତିକରଣର ମୂଳଦୁଆ ବିଜୁ ବାବୁ ହିଁ ପକାଇଥିଲେ ବୋଲି ଶ୍ରୀ ପଟ୍ଟନାୟକ ସ୍ମରଣ କରାଇଦେବା ସହ ବିଜୁ ଜନତା ଦଳ ସବୁବେଳେ ମା ମାନଙ୍କ ସ୍ୱର ହୋଇ ରହିଛି ଓ ରହିବ ବୋଲି କହିଥିଲେ ।ଏହି କାର୍ଯ୍ୟକ୍ରମରେ ବିଧାୟିକା ପ୍ରମିଳା ମଲ୍ଲିକ, ଶ୍ରୀ ଦେବୀପ୍ରସାଦ ମିଶ୍ର ପ୍ରମୁଖ ଉଦବୋଧନ ଦେଇଥିଲେ । ପୂର୍ବତନ ବିଧାୟିକା ଶ୍ରୀମତୀ ସ୍ନେହାଙ୍ଗିନୀ ଛୁରିଆ ସ୍ୱାଗତ ଭାଷଣ ଦେଇଥିଲେ ।

# ଛାତ୍ର ସଂସଦ ନିର୍ବାଚନ ଦାବିରେ ବିଧାନସଭା ଘେରାଉ

ଭୁବନେଶ୍ୱର, ୫।୯ (ମହାଭାରତ): ଓଡ଼ିଶା ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଉଦିତ୍ ନାରାୟଣ ପ୍ରଧାନଙ୍କ ନେତୃତ୍ୱରେ ଛାତ୍ର ସଂସଦ ନିର୍ବାଚନ ସପକ୍ଷରେ ବିଧାନସଭା ଘେରାଉ କାର୍ଯ୍ୟକ୍ରମ କରାଯାଇଥିଲା । ଶ୍ରୀ ପ୍ରଧାନ ତାଙ୍କ ବକ୍ତବ୍ୟରେ କହିଛନ୍ତି ଯେ ଛାତ୍ର ସଂସଦ ନିର୍ବାଚନ ବନ୍ଦ କରି ସରକାର ନେତୃତ୍ୱ ସୃଷ୍ଟି କରିବାପାଇଁ ଚାହୁଁ ନାହାନ୍ତି । ଛାତ୍ରମାନେ ହେଉଛନ୍ତି ଆଗାମୀ ଦିନରେ ଭବିଷ୍ୟତ । ଭବିଷ୍ୟତର ପୀଢ଼ିକୁ ଏ ସରକାର ଅଣଦେଖା କରିବାକୁ ଚେଷ୍ଟା କରୁଛନ୍ତି । ବିଗତ ସରକାର ଛାତ୍ର ସଂସଦ ନିର୍ବାଚନ ବନ୍ଦ କରାଯାଇଥିଲା । ଏ ନେଇ ବିଜେପି ସରକାରରେ ଏହାର ପୁନରାବୃତି କରାଯାଇଛି । ଏଥିରୁ ସ୍ପଷ୍ଟ ଅନୁମେୟ ଉଭୟ ବିଜେପି ଏବଂ ବିଜେଡ଼ି ଛାତ୍ରଛାତ୍ରୀ ମାନଙ୍କୁ ଗଣତାନ୍ତ୍ରିକ ଅଧିକାରରୁ ବଂଚିତ ରଖିବାପାଇଁ ଷଡଯନ୍ତ୍ର ଚଳାଇଛନ୍ତି । ତଥାପି ସରକାର ଏଭଳି ଷଡଯନ୍ତ୍ରକୁ ଓଡ଼ିଶା ପ୍ରଦେଶ କଂଗ୍ରେସ କେବେବି ବରଦାସ୍ତ କରିବ ନାହିଁ । ପୂର୍ବତନ ଛାତ୍ର କଂଗ୍ରେସ ସଭାପତି ତଥା ଭୁବନେଶ୍ୱର ଲୋକସଭାର କଂଗ୍ରେସ ପ୍ରାର୍ଥୀ ୟାସିର ନୱାଜ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ରେଭେନ୍ସା ବିଶ୍ୱବିଦ୍ୟାଳର ନାମ ପରିବର୍ତନ ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଯେଉଁ ହୀନ ପ୍ରୟାସ କରୁଛନ୍ତି ଏହା ଅତ୍ୟନ୍ତ ନିନ୍ଦନୀୟ । ଓଡ଼ିଶା ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ପ୍ରଧାନ ତାଙ୍କ ବକ୍ତବ୍ୟରେ ମଧ୍ୟ ରେଭେନ୍ସା ବିଶ୍ୱବିଦ୍ୟାଳୟର ନାମ ପରିବର୍ତନ ପରିପ୍ରେକ୍ଷୀରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସମାଲୋଚନା କରିଛନ୍ତି । ଆଗାମୀ ଦିନରେ ରାଜ୍ୟ ସରକାର ଯଦି ଛାତ୍ର ଛାତ୍ରୀମାନଙ୍କର ନାର୍ଯ୍ୟ ହକ ଦାବିରେ କୌଣସି ବାଧା ସୃଷ୍ଟି କରନ୍ତି ତାହାହେଲେ ଓଡ଼ିଶା ପ୍ରଦେଶ ଛାତ୍ର କଂଗ୍ରେସ ଚୁପ ବସିବ ନାହିଁ ବୋଲି ଶ୍ରୀ ପ୍ରଧାନ ତାଙ୍କ ବିବୃତିରେ କହିଛନ୍ତି । ଆଜିର ଏହି ଘେରାଉ କାର୍ଯ୍ୟକ୍ରମରେ ଭୁବନେଶ୍ୱର ଲୋକସଭା ସାଂସଦ ପ୍ରାର୍ଥୀ ୟାସିର ନୱାଜ, ନିହାର ରଞ୍ଜନ ବେହେରା, ଗଣେଶ ଦାଶ, ଲିପିକା ପାତ୍ର, ଭାଗ୍ୟଶ୍ରୀ ମହାନ୍ତି, ଲକ୍ଷ୍ମୀପ୍ରିୟା ନାୟକ, ସୁନିଲ କୁମାର ସାହୁ, ମିର୍ଜା ଇସଲାମ, ନିଆଜୁଲ ଇସଲାମ, ମହମ୍ମଦ ତାଇସୁନ, ସାହାରୁଖ ଖାନ, ଆଦିତ୍ୟ ରାଶି, ଚନ୍ଦନ ସାହୁ, ଆରିୟନ ଦାସ, ସୌମ୍ୟ ରଞ୍ଜନ ବରାଳ, ରାଜେଶ ଦାସ, ମହମ୍ମଦ ଇସଲାମ ପ୍ରମୁଖ ଯୋଗଦେଇଥିଲେ ।



# ଦୁବାଇରେ ଓଡିଆ ଯୁବକଙ୍କ ଦୁର୍ଘଟଣାରେ ମୃତ୍ୟୁ

ଭୁବନେଶ୍ୱର, ୫।୯ (ମହାଭାରତ):ବିଜେପି ରାଷ୍ଟ୍ରୀୟ ଉପସଭାପତି ତଥା କେନ୍ଦ୍ରାପଡ଼ା ସାଂସଦ ଶ୍ ବୈଜୟନ୍ତ ପଣ୍ଡା ଦୁବାଇରେ ଫସିଥିବା ମୃତ ଓଡିଆ ଯୁବକ ଅବ୍ୟକ୍ତ ପ୍ରସାଦ ସିଂହଙ୍କ ମରଶରୀର ଭାରତ ଫେରାଇ ଆଣିବାପାଇଁ ଦୁବାଇରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତଙ୍କୁ ଏକ ପତ୍ର ଲେଖି ନିବେଦନ କରିଛନ୍ତି । କଟକ ଜିଲ୍ଲା ନିଆଳି ଥାନା ଅନ୍ତର୍ଗତ ବାବଜା ଗ୍ରାମର ପ୍ରଭାତ କୁମାର ବିଶ୍ୱାଳଙ୍କ ପୁଅ ଅବ୍ୟକ୍ତ ଦୁବାଇ ଠାରେ ଏକ ଘରୋଇ କମ୍ପାନୀରେ କାମ କରୁଥିଲେ । ଗତ ଅଗଷ୍ଟ ୨୩ ତାରିଖରେ ଏକ ସଡକ ଦୁର୍ଘଟଣାରେ ତାଙ୍କର ସେଠାରେ ମୃତ୍ୟୁ ହୋଇଥିବା ଜଣେ ସହକର୍ମୀ ଅବ୍ୟକ୍ତଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ ମଧ୍ୟ କମ୍ପାନୀ କର୍ତ୍ତୃପକ୍ଷ ଏ ପର୍ଯ୍ୟନ୍ତ ପରିବାର ଲୋକଙ୍କୁ ଅବ୍ୟକ୍ତଙ୍କ ମୃତ୍ୟୁ ନେଇ କୌଣସି ସୂଚନା ଦେଇନାହାନ୍ତି ।

# କୋତ୍ତଭାଲାସା-କିରନ୍ଦୁଲ ରେଳ ମାର୍ଗରେ ସ୍ୱତନ୍ତ୍ର ହିଲ୍ ଗ୍ୟାଙ୍ଗ ଦଳ ନିୟୋଜନ

ଭୁବନେଶ୍ୱର,୫।୯ (ମହାଭାରତ): ମୌସୁମୀ ସମୟରେ ନିରବଚ୍ଛିନ୍ନ ଟ୍ରେନ୍ ଚଳାଚଳକୁ ସୁନିଶ୍ଚିତ କରିବାକୁ ପୂର୍ବ ତଟ ରେଳପଥ (ଇକୋର) କୋତ୍ତଭାଲାସା-କିରନ୍ଦୁଲ (କେକେ) ରେଳ ମାର୍ଗରେ ଅନେକ ସକ୍ରିୟ ପଦକ୍ଷେପ କାର୍ଯ୍ୟକାରୀ କରିଛି, ଯାହା ଲୁହାପଥର ଯାତାୟାତ ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ । ଉପତ୍ୟକା ଏବଂ ପାହାଡ ଅଞ୍ଚଳ ଦ୍ୱାରା ସୃଷ୍ଟି ହୋଇଥିବା ଅନନ୍ୟ ବାଧା ଗୁଡ଼ିକୁ ଚିହ୍ନଟ କରି ପୂର୍ବତଟ ରେଳପଥ ସ୍ୱତନ୍ତ୍ର ହିଲ୍ ଗ୍ୟାଙ୍ଗ ଏବଂ ଏକ ଉତ୍ସର୍ଗୀକୃତ ଟନେଲ୍ ରକ୍ଷଣାବେକ୍ଷଣ ଦଳ ଗଠନ କରିଛି ।

ପ୍ରତିରକ୍ଷା ମନ୍ତ୍ରଣାଳୟ ଅଧୀନରେ ଅରୁଣାଚଳ ପ୍ରଦେଶରେ ଥିବା ଜାତୀୟ ପର୍ବତାରୋହଣ ସଂସ୍ଥା (ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ମାଉଂଟନିୟରିଂ) ପର୍ବତାରୋହଣରେ ୨୦ ରୁ ଅଧିକ ରେଳ କର୍ମଚାରୀ ଉନ୍ନତ ପ୍ରଶିକ୍ଷଣ ଗ୍ରହଣ କରିଥିଲେ । ଏହି ପଦକ୍ଷେପ ଉପରେ ଆଧାର କରି ଇଞ୍ଜିନିୟରିଂ, ଟ୍ରାକ୍ସନ୍ ଏବଂ ଆକ୍ସିଡେଂଟ ରିଲିଫ୍ ବିଭାଗର ଅତିରିକ୍ତ ୩୦ ଜଣ କର୍ମଚାରୀ ଆସନ୍ତା ଅକ୍ଟୋବରରେ ଉକ୍ତ ଅନୁଷ୍ଠାନରେ ବିଶେଷଜ୍ଞ ତାଲିମ ନେବାକୁ ପୂର୍ବତଟ ରେଳପଥ ପକ୍ଷରୁ ସ୍ଥିର ହୋଇଛି । ଏହି ଦଳଗୁଡିକୁ ନୂତନ ଜରୁରୀକାଳୀନ ଉପକରଣ ଏବଂ ଯୋଗାଯୋଗ ପ୍ରଣାଳୀ ସହିତ ପ୍ରସ୍ତୁତି ପାଇଁ ଧ୍ୟାନ ଦିଆଯାଇଛି ଯେପରିକି ଯେକୌଣସି ବ୍ୟାଘାତକୁ ଶୀଘ୍ର ସମାଧାନ କରିବାକୁ ଏହି ବିଶେଷଜ୍ଞଙ୍କ ଦଳ ବିଶେଷକରି କେ.କେ ରେଳ ମାର୍ଗର ସମ୍ବେଦନଶୀଳ ଅଞ୍ଚଳରେ ସେମାନଙ୍କର ଅଭିଜ୍ଞତାକୁ ପ୍ରତିପାଦନ କରି ଟ୍ରେନ ଚଳାଚଳ ପାଇଁ ସୁଗମ ପରିସ୍ଥିତି ସୃଷ୍ଟି କରିପାରିବେ । ଟ୍ରାକ୍ ରକ୍ଷଣାବେକ୍ଷଣ କ୍ଷମତାକୁ ଆହୁରି ବୃଦ୍ଧି କରାଇବା ଉଦ୍ଦେଶ୍ୟରେ ପୂର୍ବତଟ ରେଳପଥ ବୋଡାଭାରା-ବୋରାଗୁହାଲୁ ଘାଟ ସେକ୍ସନରେ ପରୀକ୍ଷାମୂଳକ ଭିତ୍ତିରେ ଏକ ନୂତନ ଟ୍ରାକ୍ ସାମଗ୍ରୀ ରିଲିଫ୍ ଟ୍ରେନ୍ ପ୍ରସ୍ତୁତି ବ୍ୟବସ୍ଥା କରିଛି । ଶୃଙ୍ଗାଭରାପୁକୋଟା ଷ୍ଟେସନରେ ଅବସ୍ଥିତ ଏହି ଟ୍ରେନ୍ ନିକଟ ଅତୀତରେ ଆରାକୁରେ ଏହାର ପାରଦର୍ଶିତା ପ୍ରତିପାଦନ କରିବା ସହିତ ଏହାର ସୁବିଧାକୁ ପୂର୍ଣ୍ଣ କରିଛି ଏବଂ ପ୍ରୋକ୍ଲେନ୍, କମ୍ପ୍ରେସର ଏବଂ ପିଉମାଟିକ ବ୍ରେକର୍ ଭଳି ଅତ୍ୟାବଶ୍ୟକ ଉପକରଣ ସହିତ ସଜ୍ଜିତ ରହିଛି । ଏହି ଷ୍ଟ୍ରାଟେଜିକ୍ ପ୍ଲେସମେଂଟ୍ ବୋଲ୍ଡର୍ ଅବରୋଧ କିମ୍ବା ଅନ୍ୟାନ୍ୟ ଟ୍ରାକ୍ ସମ୍ବନ୍ଧୀୟ ଜରୁରୀକାଳୀନ ପରିସ୍ଥିତିରେ ପ୍ରତିକ୍ରିୟା ସମୟକୁ ଯଥେଷ୍ଟ ହ୍ରାସ କରିବ । ନିରାପତ୍ତା ବ୍ୟବସ୍ଥାରେ ଯୋଗ ଦେଇ ଏକ ନୂତନ ଫ୍ଲାଇଙ୍ଗ ସ୍କ୍ୱାଡ୍, ହାଇଡ୍ରୋଲିକ୍ ରେଳିଂ ଉପକରଣ ଏବଂ ଅତ୍ୟାବଶ୍ୟକ ସାମଗ୍ରୀ ସହିତ ସଜ୍ଜିତ ହୋଇ ଆରାକୁ ଷ୍ଟେସନ ଠାରେ ନିୟୋଜିତ କରାଯାଇଛି ।

# ଓଡିଶାରୁ ପ୍ରଥମ ଥର ଲାଗି ଡ୍ରାଗନ୍ ଫଳର ରପ୍ତାନୀ

ଭୁବନେଶ୍ୱର, ୫।୯ (ମହାଭାରତ): ଭୁବନେଶ୍ୱରର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର କାର୍ଗୋ ଟର୍ମିନାଲରୁ ପ୍ରଥମ ଥର ଲାଗି ଡ୍ରାଗନ ଫଳର ରପ୍ତାନୀ ହୋଇଛି । ବଲାଙ୍ଗିର ଜିଲ୍ଲାର ପାଟଣାଗଡ଼ରେ ହୋଇଥିବା ଡ୍ରାଗନ ଫଳ ଦୁବାଇ ରପ୍ତାନୀ ହେଇଛି । ପୂର୍ବରୁ ଢେଙ୍କାନାଳର ଆମ୍ବ, ବଲାଙ୍ଗିରର ପୋଟଳ ବିଦେଶକୁ ଯାଇସାରିଛି । ଏବେ ସରକାର ମଧ୍ୟ କୃଷି ଓ କୃଷକଙ୍କୁ ଗୁରୁତ୍ୱ ଦେଇ ଉଦ୍ୟାନ କୃଷିକୁ ଆପଣେଇବାକୁ ପରାମର୍ଶ ଦେଉଛନ୍ତି । ଉପମୁଖ୍ୟମନ୍ତ୍ରୀ ନିଜକୁ ଜଣେ ଗର୍ବିତ ଚାଷୀ ଭାବେ ପରିଚୟ ଦେଇ କହିଲେ ଯେ, କୋଭିଡ ସମୟରେ ନେଇଥିବା ନିଷ୍ପତ୍ତି ଆଜି ଫଳପ୍ରସୂ ହୋଇଛି ଏବଂ ଆଜି ଇଣ୍ଡିଗୋ କାର୍ଗୋ ଯୋଗେ ୪ କୁଇଣ୍ଟାଲ ଡ୍ରାଗନ ଫଳ ସାର ଦେଇ ଉତ୍ପାଦନ ହେଉଥିବା ଫଳ ତୁଳନାରେ ଅଧିକ ଦିନ ସତେଜ ରହିବ । ଡ୍ରାଗନ ଫଳ ସ୍ୱାସ୍ଥ୍ୟ ପକ୍ଷେ ଖୁବ ହିତକାରୀ । ଏହାର ସେବନ ଦ୍ୱାରା ଶରୀରରେ କ୍ୟାନ୍ସର୍, ଡାଇବେଟିସ, କୋଷ୍ଠକାଠିନ୍ୟ ଭଳି ବେମାରିର ସମସ୍ୟା ରହିବ ନାହିଁ ବୋଲି ଶ୍ରୀ ସିଂହଦେଓ କହିଥିଲେ । ରାଜ୍ୟ ସରକାରଙ୍କ ତରଫରୁ ଉଦ୍ୟାନ କୃଷି ନିମନ୍ତେ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି । ସେଥିରେ କ୍ଷେତ ପୋଖରୀ, ସୁଗମ ଜଳସେଚନ ବ୍ୟବସ୍ଥା, ଡିବିଟି ମାଧ୍ୟମରେ ସବସିଡ୍ ପ୍ରଦାନ ଇତ୍ୟାଦି ଏହିସବୁ ପ୍ରୋତ୍ସାହନରେ ଅନ୍ତର୍ଭୁକ୍ତ ଅଟେ । ଦିନକୁ ଦିନ ଚାହିଦା ବଢୁଥିବାରୁ ଆଜିର ଦିନରେ ଉଦ୍ୟାନ କୃଷିକୁ ଅଧିକ ଗୁରୁତ୍ୱ ଦିଆଯାଉଛି ଓ ଚାଷୀମାନେ ଖୁବ୍ କମ୍ ସମୟ ମଧ୍ୟରେ ଅଳ୍ପ ଖର୍ଚ୍ଚରେ ଲାଭବାନ୍ ମଧ୍ୟ ହେଇପାରୁଛନ୍ତି । ତେଣୁ ସରକାର ମଧ୍ୟ ସେହି ଅନୁରୂପ ଯୋଜନା ସବୁ ଖୁବଶୀଘ୍ର ପ୍ରଣୟନ କରିବେ । ଆଗାମୀ ଦିନରେ ଓଡିଶାରୁ ଉନ୍ନତ ମାନର କୃଷି ଉତ୍ପାଦ ବଡ଼ ଆକାରରେ ବିଦେଶକୁ ରପ୍ତାନୀ କରାଯିବା ଲକ୍ଷ୍ୟ ରହିଛି ବୋଲି କୃଷି ଓ କୃଷକ ସଶକ୍ତିକରଣ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ କହିଥିଲେ । ଏହି ରପ୍ତାନିର ଶୁଭାରମ୍ଭ ପୂର୍ବରୁ ଶ୍ରୀ ସିଂହଦେଓ ନଡ଼ିଆ ଭାଙ୍ଗି, ପତାକା ଦେଖାଇ ରପ୍ତାନୀ ପ୍ରକ୍ରିୟା ଆରମ୍ଭ କରିଥିଲେ । ଉଦ୍ୟାନ କୃଷି ନିର୍ଦ୍ଦେଶକ ଶ୍ରୀ ନିଖିଳ ପଓ୍ୱନ କଲ୍ୟାଣଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ବରିଷ୍ଠ ଅଧିକାରୀ ଓ 'ଆପେଡ଼ା' ଓ 'ପାଲାଡିୟମ୍'ର



# ମହିଳା ଭୋଟବ୍ୟାଙ୍କ୍ କମିଯିବାରୁ ଭୟ ଘାରିଛି ନବୀନ ବାବୁଙ୍କ

ଭୁବନେଶ୍ୱର, ୫।୯ (ମହାଭାରତ): ବାସ୍ତବରେ ୨୪ବର୍ଷ ବିଜୁଜନତା ଦଳ ସରକାର ଥିଲାବେଳେ ମହିଳାମାନଙ୍କୁ ଆର୍ଥିକ ସଶକ୍ତିକରଣ ପାଇଁ କିଛି କରିନଥିଲା । ବିଜେଡି ମୁଖିଆ ନବୀନ ବାବୁଙ୍କର ଦୀର୍ଘ ୨୪ବର୍ଷ ପରେ ହଠାତ୍ ମହିଳାଙ୍କ ପ୍ରତି ସମ୍ମାନ ଓ ସମ୍ବେଦନଶୀଳତା ଦେଖି ଆଶ୍ଚର୍ଯ୍ୟ ଲାଗୁଛି । କାରଣ ଆଜି ଯେତେବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ବିଜେପି ସରକାର ମହିଳାମାନଙ୍କ ପାଇଁ ଉଦ୍ଦିଷ୍ଟ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିଛନ୍ତି, ସେହି ସମୟରେ ନବୀନ ବାବୁଙ୍କର ଏକପ୍ରକାର ରାଜନୀତିକ ଉଦ୍ଦେଶ୍ୟ ରଖି ଟିପ୍ପଣୀ ଦେବା କେତେଦୂର ସମିଚୀନ ? ବାସ୍ତବରେ ମହିଳା ଭୋଟବ୍ୟାଙ୍କ୍ କମିଯିବାରୁ ଭୟ ଘାରିଛି ନବୀନ ବାବୁଙ୍କୁ ବୋଲି ରାଜ୍ୟ ମୁଖପାତ୍ର ଶ୍ରୀମତି ଉର୍ମିଳା ମହାପାତ୍ର କହିଛନ୍ତି ।

ଶ୍ରୀମତି ମହାପାତ୍ର କହିଛନ୍ତି ଯେ, ନବୀନ ବାବୁ ଶାସନ ଗାଦିରେ ଥାଇ ଏଭଳି କଥା କହିଥିଲେ ଶୋଭା ପାଇଥାନ୍ତା ଏବଂ ଏହାକୁ ଓଡିସାବାସୀ ଆଦୃତ କରିଥାନ୍ତେ । କିନ୍ତୁ ଦୁର୍ଭାଗ୍ୟର ବିଷୟ ଆଜି ଯେତେବେଳେ ବିଜେପି ସରକାର ମହିଳାମାନଙ୍କୁ ସୁଭଦ୍ରା ଯୋଜନାରେ ୫୦ହଜାର ଟଙ୍କା ଦେବା ପାଇଁ ସ୍ଥିର କରିଛି ସେତେବେଳେ ନବୀନ ବାବୁ ଏତେ ଅସହିଷ୍ଣୁ କାହିଁକି ହୋଇପଡିଛନ୍ତି ? ବିଜେଡି ଦଳ ନିର୍ବାଚନ ହାରିବା ପରେ ତାଙ୍କର ମୁଖିଆ ହତାଶ୍ ହୋଇପଡିଥିବା ମହିଳା କାର୍ଯ୍ୟକର୍ତ୍ତାଙ୍କୁ ସାନ୍ତ୍ୱନା ଦେବା ପାଇଁ ଏଭଳି ବିବୃତି ଦେଇଛନ୍ତି । ସୁଭଦ୍ରା ଯୋଜନା ରାଜ୍ୟରେ ସମ୍ପୂର୍ଣ୍ଣ କାର୍ଯ୍ୟକାରୀ ହେଲେ ବିଜେଡିର ଭୋଟ୍‌ବ୍ୟାଙ୍କ ଭାଙ୍ଗିଯିବାର ଭୟ ନବୀନ ବାବୁଙ୍କ ମନରେ ସୃଷ୍ଟି ହୋଇଛି । କେବଳ ମହିଳାମାନଙ୍କୁ ଭୋଟ୍‌ବ୍ୟାଙ୍କ୍ ଭାବରେ ବ୍ୟବହାର କରି ଠକିବା କଥା ନବୀନ ବାବୁ ଜାଣିଥିଲେ । ନବୀନ ବାବୁଙ୍କ ସରକାର ସମୟରେ ଓଡିଶାରେ ମହିଳା ବିରୋଧି ହିଂସାର ସୀମା ଲଂଘିଥିଲା । ମମିତା ମେହେର ହତ୍ୟାକାଣ୍ଡ, ସ୍ମୀତାରାଣୀ ହତ୍ୟାକାଣ୍ଡ, ଇତିଶ୍ରୀ, ବେବିନା ହତ୍ୟାକାଣ୍ଡ, ମାଧବୀଲତା, ପରୀ ହତ୍ୟାକାଣ୍ଡ କାହା ସମୟରେ ଘଟିଥିଲା ? ଏଥିରେ ସମ୍ପୃକ୍ତ ଥିବା ରାଜନେତାମାନେ କାହିଁକି ଖସିଗଲେ ଏବଂ ମହିଳା ବ୍ୟଭିଚାର ମାନଙ୍କୁ କାହିଁକି ସୁରକ୍ଷା ଦେଇଥିଲେ ? ଏସମସ୍ତ ପ୍ରଶ୍ନର ଉତର ନବୀନ ବାବୁ ଦେବା ଉଚିତ୍ । ଗୋଟିଏ ପରେ ଗୋଟିଏ ତଦନ୍ତ କମିଶନ ଗଠନ କରିଥିଲେ ମଧ୍ୟ ପୀଡିତା ମହିଳା ଏବଂ ତାଙ୍କ ପରିବାର ନ୍ୟାୟ ପାଇବାରୁ ବଂଚିତ ହୋଇଥିଲେ । ସୁଭଦ୍ରା ଯୋଜନା ଏକ ସୁନ୍ଦର ସୁଚିନ୍ତିତ ଯୋଜନା ଯାହା ମା' ଭଉଣୀମାନଙ୍କ ମନରେ ଆନନ୍ଦ ଭରିଦେବ । ନବୀନ ବାବୁ ମିଛର ସାହାରା ନେଇ ଏହି ଯୋଜନାରେ ବାଧକ ନହୁଅନ୍ତୁ । ଏହି ଯୋଜନାରେ ବାଧକ ହେଲେ ଓଡିଶାର ମା'ମାନେ ବିଜୁ ଜନତାଦଳକୁ କେବେ କ୍ଷମା ଦେବେନାହିଁ ବୋଲି ଶ୍ରୀମତି ମହାପାତ୍ର କହିଛନ୍ତି ।

ବିଜେପି ସରକାର ମହିଳାମାନଙ୍କୁ ଆର୍ଥିକ ସ୍ତରରେ ସ୍ୱାବଲମ୍ବୀ କରିବା ପାଇଁ ଲକ୍ଷ୍ୟ ରଖିଛି । ଆଗାମୀ ଆର୍ଥିକ ବର୍ଷରେ "୨୬ଲକ୍ଷ ମହିଳାଙ୍କୁ ଲକ୍ଷ୍ୟପତି ଦିଦି"ର ସମ୍ମାନ ମିଳିବା ପାଇଁ ବ୍ୟବସ୍ଥା କରାଯାଉଛି । ତେଣୁ ମହିଳାମାନଙ୍କୁ ବିଜେପି ସରକାର ଆଗାମୀ ଦିନରେ ସାମାଜିକ ସୁରକ୍ଷା ସହିତ ଆର୍ଥିକ ସ୍ତରରେ ମଧ୍ୟ ସ୍ୱାବଲମ୍ବି କରିପାରିବ ।

# ପ୍ରାକୃତିକ ବିପର୍ଯ୍ୟୟ

ଅବଶ୍ୟ ଓଡ଼ିଶା ଏକ ଭୂକମ୍ପ ପ୍ରବଣ ରାଜ୍ୟ ନୁହେଁ। କିନ୍ତୁ ଅନେକ ସମୟରେ ଏକ ଛୋଟ ଇଲାକାରେ ଆକସ୍ମିକ ଟର୍ଣ୍ଣାଡ଼ୋ ସୃଷ୍ଟି ହୋଇଥାଏ। ବହୁ ବର୍ଷ ତଳେ କେନ୍ଦୁଝର ଜିଲ୍ଲା ପୁରୁଣା ବନ୍ଧଗୋଡ଼ା ଗ୍ରାମରେ ଏଭଳି ଭୟଙ୍କର ଟର୍ଣ୍ଣାଡ଼ୋ ହୋଇଥିଲା। ଏଥିରେ ଅକଳ୍ପନୀୟ କ୍ଷୟକ୍ଷତି ହୋଇଥିଲା। ଏହା ଏକ ଆକସ୍ମିକ ବିପର୍ଯ୍ୟୟ। ଏଥିପାଇଁ ପୂର୍ବ ପ୍ରସ୍ତୁତି ସମ୍ଭବ ନୁହେଁ। ସେହିପରି ଓଡ଼ିଶାରେ ଏବେ ବଜ୍ରପାତ ଆଉ ଏକ ଆକସ୍ମିକ ବିପର୍ଯ୍ୟୟ ଭାବେ ଚିନ୍ତାର କାରଣ ହୋଇଛି। ପ୍ରତି ବର୍ଷ ଓଡ଼ିଶାରେ ବଜ୍ରପାତରେ ମୃତ୍ୟୁ ସଂଖ୍ୟା ଉଦବେଗଜନକ ଭାବେ ବଢ଼ି ଚାଲିଛି। ଗତ ଦୁଇ ଦିନ ଭିତରେ ରାଜ୍ୟରେ ବଜ୍ରପାତ ଯୋଗୁ ବିଭିନ୍ନ ସ୍ଥାନରେ ୧୬ଜଣ ବ୍ୟକ୍ତି ପ୍ରାଣ ହରାଇଛନ୍ତି। ବନ୍ୟା, ବାତ୍ୟାରେ ଯେତିକି ଲୋକ ପ୍ରାଣ ହରାଉଛନ୍ତି, ତାହାଠାରୁ ଢେର ଅଧିକ ବ୍ୟକ୍ତି ବଜ୍ରପାତ ଯୋଗୁ ପ୍ରାଣ ହରାଉଛନ୍ତି। ଏପ୍ରିଲରୁ ଅକ୍ଟୋବର ମଧ୍ୟରେ ଏହି ବଜ୍ରପାତ ଅଧିକ ଦେଖିବାକୁ ମିଳୁଛି। କେତେକଙ୍କ ମତରେ ପୂର୍ବରୁ ମଧ୍ୟ ଓଡ଼ିଶାରେ ବଜ୍ରପାତ ଜନିତ ମୃତ୍ୟୁ ଦେଖିବାକୁ ମିଳିଛି। ଏବେ ଗଣମାଧ୍ୟମ ସକ୍ରିୟ ହୋଇଥିବାରୁ ଏହି ଖବର ପ୍ରଚାରିତ ହେଉଛି ଏବଂ ବଜ୍ରପାତ ଜନିତ ବିପର୍ଯ୍ୟୟ ଅଧିକ ଚର୍ଚ୍ଚିତ ହେଉଛି। ଏହା ସତ, ମାତ୍ର ଏବେ ବଜ୍ରପାତ ଜନିତ ମୃତ୍ୟୁ ସଂଖ୍ୟା ଅଧିକ ହେଉଛି, ଏହାକୁ ସ୍ୱୀକାର କରିବାକୁ ପଡୁଛି। ଅଧିକ ଦିନ ପଛକୁ ଯିବାକୁ ପଡ଼ିବ ନାହିଁ। ୩୦ ବର୍ଷ ତଳେ ଓଡ଼ିଶାରେ ବର୍ଷକୁ ଯେତିକି ଲୋକ ବଜ୍ରପାତରେ ପ୍ରାଣ ହରାଉଥିଲେ, ଏବେ ତାହାଠାରୁ ଅଧିକ ସଂଖ୍ୟକ ବ୍ୟକ୍ତି ବଜ୍ରପାତରେ ପ୍ରାଣ ହରାଉଛନ୍ତି। ଏହାର କାରଣ ହେଲା ପାରିପାର୍ଶ୍ୱିକ ସ୍ଥିତିରେ ପରିବର୍ତ୍ତନ। ସାଧାରଣତଃ ଉଚ୍ଚ ସ୍ଥାନରେ ବଜ୍ରପାତ ଅଧିକ ହୋଇଥାଏ। ଏଥିପାଇଁ ତାଳଗଛ, ନଡ଼ିଆ ଗଛ ଉପରେ ଅନେକ ସମୟରେ ଘଡ଼ଘଡ଼ି, ଚଡ଼ଚଡ଼ି ପଡ଼ିଥାଏ। କିନ୍ତୁ ଗତ କିଛି ବର୍ଷ ହେବ ରାଜ୍ୟରେ ତାଳଗଛ ସଂଖ୍ୟା କମିଚାଲିଛି। ତାଳଗଛର ଆବଶ୍ୟକତା ଲୋକେ ସମ୍ଭବତଃ ଅନୁଭବ କରୁନାହାଁନ୍ତି। ଏହାର ଫାଇଦାକୁ ଲୋକେ ଆର୍ଥିକ ଦୃଷ୍ଟିରୁ ବିଚାର କରୁଛନ୍ତି। ତେଣୁ ଅନେକ ସମୟରେ ତାଳଗଛକୁ ଅବିଚାରିତ ଭାବେ କାଟି ଦିଆଯାଉଛି। ତାଳଗଛ, ନଡ଼ିଆ ଗଛ ଥିଲେ ଏହା ଉପରେ ବଜ୍ରାଘାତ ହୋଇଥାଏ ଏବଂ ମଣିଷ ଜୀବନ ବର୍ତ୍ତିଯାଏ। ସେଥିପାଇଁ ପୂର୍ବରୁ ଲୋକେ ଘର ଆଗରେ ନଡ଼ିଆ ଗଛ, ତାଳଗଛ ଲଗାଉଥିଲେ। କିନ୍ତୁ ସେହି ପରମ୍ପରା ଆଉ ନାହିଁ। ତେଣୁ ବଜ୍ରପାତ ଜନିତ ମୃତ୍ୟୁ ସଂଖ୍ୟା ବଢୁଛି। ଆମେ ବଜ୍ରପାତକୁ ରୋକିପାରିବ ନାହିଁ, କିନ୍ତୁ ଏଥିରେ ଯେପରି ଜୀବନ ହାନୀ ସର୍ବନିମ୍ନ ହେବ ସେଥିପ୍ରତି ସତର୍କ ରହିପାରିବା। ବଜ୍ରପାତରେ ମୃତକଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ଚାଷୀ ବା ଶ୍ରମିକ। ବର୍ଷା ବେଳେ ସେମାନେ ଖୋଲାପଡ଼ିଆରେ କମ କରୁଥାନ୍ତି ବା ନିକଟସ୍ଥ ପରିତ୍ୟକ୍ତ ଗର ବା ଗଛ ତଳେ ଆଶ୍ରୟ ନିଅନ୍ତି। ଏହା ହିଁ ବିପଦର କାରଣ ହୋଇଥାଏ। ପରିତ୍ୟକ୍ତ ଘର ବା ଗଛ ଉପରେ ଅଧିକ ବଜ୍ରପାତ ହୋଇଥାଏ। ତେଣୁ ଏହା ତଳେ ଆଶ୍ରୟ ନେଇଥିବା କୃଷକ ଏବଂ ଶ୍ରମିକ ପ୍ରାଣ ହରାନ୍ତି। ଏ ସମ୍ପର୍କରେ ସରକାରଙ୍କ ପକ୍ଷରୁ ଅନେକ ସମୟରେ ଜନସଚେତନତା ସୃଷ୍ଟି କରାଯାଉଛି ଏବଂ ଲୋକଙ୍କୁ ବଜ୍ରପାତରୁ କିପରି ରକ୍ଷା ପାଇପାରିବେ ସେଥିଲାଗି ପରାମର୍ଶ ଦିଆଯାଉଛି। କିନ୍ତୁ ଅନେକ ଅଶିକ୍ଷିତ ବା ଗରିବ ଲୋକଙ୍କ ପାଖରେ ବିଶେଷ କରି ଶ୍ରମିକ ଶ୍ରେଣୀର ଲୋକଙ୍କ ପାଖରେ ଏହା ପହଞ୍ଚି ପାରୁନାହିଁ। ଏବେ ସରକାର ବଜ୍ରପାତରୁ ସୁରକ୍ଷା ପାଇବାକୁ ଅଧିକ ସଂଖ୍ୟାରେ ତାଳଗଛ ଲଗାଇବା ଉପରେ ଗୁରୁତ୍ୱ ଦେଉଛନ୍ତି। ଚଳିତ ବର୍ଷ ୨୦ ଲକ୍ଷ ତାଳଗଛ ଲଗାଇବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଏହା ସ୍ୱାଗତ ଯୋଗ୍ୟ। କିନ୍ତୁ ଏତିକି ଯଥେଷ୍ଟ ନୁହେଁ। ଏହାଠାରୁ ଢେର ଅଧବକ ଗଛ ଲଗାଯିବା ଉଚିତ।

# ଓଡ଼ିଶାର ବରପୁତ୍ର ରାମଚନ୍ଦ୍ର ମର୍ଦ୍ଦରାଜ

“ ୧୯୩୧ ମସିହାରେ ଓଡ଼ିଶା ସୀମା ନିର୍ଦ୍ଧାରଣ ପାଇଁ ସାର୍ ସାମୁଏଲ୍ ଓଡ଼ନେଲଙ୍କ ଅଧକ୍ଷତାରେ ଏକ କମିଟି ନିଯୁକ୍ତ ହୋଇଥିଲେ । ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ତା.୭.୧୨.୧୯୩୨ରେ ଲଣ୍ଡନରେ ଅନୁଷ୍ଠିତ ତୃତୀୟ ଗୋଲଟେବୁଲ୍ ବୈଠକରେ ଯୋଗଦାନ କରି ଓଡ଼ନେଲ୍ କମିଟି ସୁପାରିଶ ଅସମୀଚୀନ ଓ ଅଟଲି ସବ୍ କମିଟିର ସୁପାରିଶ ଯଥାର୍ଥ ବୋଲି ଯୁକ୍ତି ଉପସ୍ଥାପନ ପୂର୍ବକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ହେଉ ବୋଲି ଦାବି କରିଥିଲେ । ସେକ୍ରେଟାରୀ ଅଫ୍ ଷ୍ଟେଟସ୍ ସାର୍ ସାମୁଏଲ୍ ହୋର୍‌ଙ୍କୁ ନିଜ ପରିକଳ୍ପିତ ଓଡ଼ିଶା ପ୍ରଦେଶ ସଂପର୍କରେ ସେ ଅବଗତ କରାଇଥିଲେ ।

॥ ଡ. ବାୟାମନୁ ଚର୍ଚ୍ଚି ॥

ପ୍ରକୃତିର ନୈସର୍ଗିକ ଶୋଭା ସଂପଦ ବିମଣ୍ଡିତ ଖଲ୍ଲିକୋଟ ରାଜପ୍ରାସାଦରେ ୧୯୦୦ ମସିହା ଜାନୁଆରୀ ୧୩ ତାରିଖ ଦିନ ଜନ୍ମ ନିଅନ୍ତି ରାଜା ରାମଚନ୍ଦ୍ର ମର୍ଦ୍ଦରାଜ । ପିତା ହରିହର ମର୍ଦ୍ଦରାଜ, ମାତା ମୟୂରଭଂଜ ଛୋଟରାୟ ବୃନ୍ଦାବନ ଭଂଜଙ୍କ ଦ୍ୱିତୀୟ କନ୍ୟା, ରାଜା ରାମଚନ୍ଦ୍ର ଭଂଜଙ୍କ ଭଗ୍ନୀ କନକମଞ୍ଜରୀ । ପ୍ରକାଶଯୋଗ୍ୟ ଯେ, ହରିହର ମର୍ଦ୍ଦରାଜ (ଜନ୍ମ: ୧୮୭୧ ଜୁଲାଇ ୧୦, ତିରୋଧାନ: ୧୯୦୯) ଥିଲେ ଜଣେ ପ୍ରଜାହିତୈଷୀ ରାଜା । ଓଡ଼ିଆ ଭାଷା ଓ ସାହିତ୍ୟର ସୁରକ୍ଷା, ପ୍ରଚାର ଓ ପ୍ରସାର, ୧୯୦୧ ଜୁନ୍ ୫ ତାରିଖରେ ମର୍ଦ୍ଦରାଜ ପ୍ରେସ୍ ସ୍ଥାପନ ଓ ୧୯୦୨ ଜୁନ୍ ୫ ତାରିଖରେ ସାପ୍ତାହିକ ପତ୍ରିକା ନୀଳମଣି ବିଦ୍ୟାରତ୍ନଙ୍କ ସମ୍ପାଦନରେ ପ୍ରକାଶନ, ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ, ବ୍ରହ୍ମପୁର ଡାଇମଣ୍ଡ ଜୁବୁଲି ଟାଉନହଲ୍ ନିର୍ମାଣ ତଥା ବିଭିନ୍ନ ଜନହିତକର କାର୍ଯ୍ୟ ପାଇଁ ତାଙ୍କର ଅବଦାନ ଅବିସ୍ମରଣୀୟ ।

ଓଡ଼ିଆ ଭାଷା ଓ ସାହିତ୍ୟର ବିପନ୍ନ କାଳରେ କାଟିଙ୍ଗା ରାଜା ଭେଙ୍କେଟେଶ ଦେବଙ୍କ ନେତୃତ୍ୱରେ ୧୮୭୦ ମସିହାରେ ରସଲକୋଣ୍ଡା (ଭଂଜନଗର) ଠାରେ ପ୍ରାକୃତିକ ଓଡ଼ିଶାର ପ୍ରତିନିଧିମାନଙ୍କୁ ନେଇ ଅନୁଷ୍ଠିତ ଓଡ଼ିଆ ସମ୍ମିଳନୀରେ ଓଡ଼ିଆ ଭାଷା ପ୍ରତି ମାରଣନୀତି ବିରୁଦ୍ଧରେ ତୀବ୍ର ସ୍ୱର ଉତ୍ତୋଳନ କରାଯାଇଥିଲା । ଏହା ଓଡ଼ିଶାର ସର୍ବପ୍ରଥମ ଭାଷା ସୁରକ୍ଷା ଆନ୍ଦୋଳନ । ଏହାର ପ୍ରେରଣାରେ ରାଜା ହରିହର ମର୍ଦ୍ଦରାଜ ୧୯୦୨ ମସିହାରେ ଗଂଜାମ ଜାତୀୟ ସମିତି ଜାତୀୟବାଦୀ ମଂଚ ଗଠନ କରିଥିଲେ ଏବଂ ରମ୍ଭା ରାଜପ୍ରାସାଦରେ ପୁତ୍ର ରାମଚନ୍ଦ୍ର ମର୍ଦ୍ଦରାଜଙ୍କ ଦ୍ୱିତୀୟ ଜନ୍ମବାର୍ଷିକୀ ଉତ୍ସବ ପାଳନ ଅବସରରେ ଏକ ମହାସମ୍ମିଳନୀ ଆୟୋଜିତ ହୋଇଥିଲା । ଏହି ଜାତୀୟ ଯଜ୍ଞରେ ପୁରୋଧା ଥିଲେ ରାଜା ହରିହର ଏବଂ ଉଦ୍‌ଗାତା ଥିଲେ କୁଳବୃଦ୍ଧ ମଧୁସୂଦନ । ଏହି ସଭାରେ ସମଗ୍ର ଓଡ଼ିଶର ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦାନ କରିଥିଲେ । ଓଡ଼ିଆମାନଙ୍କ ଦୁଃଖ ଦୁର୍ଦ୍ଦଶା କିପରି ଦୂର ହେବ ଏବଂ ଓଡ଼ିଆ ଭାଷା କିପରି ବଂଚିରହିବ ସେ ସଂପର୍କରେ ଆଲୋଚନା ହୋଇଥିଲା । ଏହି ରମ୍ଭା ପ୍ରାସାଦର ଜାତୀୟ ସଭାରୁ ଗଂଜାମ ସମ୍ମିଳନୀ ଏବଂ ଗଂଜାମ ସମ୍ମିଳନୀରୁ ଜନ୍ମ ନେଲା ଉତ୍କଳ ସମ୍ମିଳନୀ ।

ଦୁଃଖର କଥା ମାତ୍ର ୯ ବର୍ଷ ବୟସରେ ରାମଚନ୍ଦ୍ର ପିତାଙ୍କୁ ହରାଇଲେ । ରାଜା ହରିହରଙ୍କ ଦେହାନ୍ତ ଥିଲା ଓଡ଼ିଆ ଜାତି ପାଇଁ ଏକ ଶକ୍ତ ଧକ୍କା । ୧୯୧୧ ମସିହା ମେ ମାସ ୧୦ ତାରିଖ ଦିନ ରାମଚନ୍ଦ୍ରଙ୍କ ବ୍ରତୋପନୟନ ଓ ଅଭିଷେକ ହୋଇଥିଲା । ୧୯୧୮ ମସିହାରେ ସେ ମାନ୍ଦ୍ରାଜ କଲେଜ୍ ସଭାପତି ଦାୟିତ୍ୱ ନେଇଥିଲେ । ମାନ୍ଦ୍ରାଜରୁ ପାଠପଢ଼ା ଶେଷ କରି ୧୯୨୧ ମସିହାରେ ଖଲ୍ଲିକୋଟ ପ୍ରତ୍ୟାବର୍ତ୍ତନ କଲେ ଏବଂ ରାଜ୍ୟଭାର ଗ୍ରହଣ କଲେ ।

୧୯୨୨ ମସିହାରେ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓ ଗଂଜାମ ଜିଲ୍ଲା ବୋର୍ଡ଼ ସଭାପତି ଭାବେ ମନୋନୀତ ହେଲେ । ୧୯୨୩ରେ ମାନ୍ଦ୍ରାଜ ଲୋକସଭାର ସଦସ୍ୟ ହେଲେ ଏବଂ ଅବହେଳିତ ଉତ୍କଳୀୟଙ୍କ ଉନ୍ନତିମୂଳକ କାର୍ଯ୍ୟ ସଂପାଦନ ପାଇଁ ସଂକଳ୍ପ ନେଲେ , ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ମନପ୍ରାଣ ଢ଼ାଳିଲେ । ପ୍ରକାଶଯୋଗ୍ୟ ଯେ, ଏତିକିବେଳେ ଅଣଓଡ଼ିଆମାନେ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଉଚ୍ଚ ପଦପଦବୀରେ ଅଧିଷ୍ଠିତ ହୋଇ ବିଭିନ୍ନ ଷଡ଼ଯନ୍ତ୍ର କରିବା ହେତୁ ଓଡ଼ିଆମାନେ ବହୁ ଦୁଃଖ ଓ ନିର୍ଯ୍ୟାତନା ଭୋଗ କରୁଥିଲେ । ବ୍ରିଟିଶ୍ ସରକାରଙ୍କ ପ୍ରଶାସନିକ କର୍ତ୍ତୃପକ୍ଷ ସେମାନଙ୍କ ଦ୍ୱାରା ପ୍ରଭାବିତ ହେଉଥିଲେ । ଓଡ଼ିଶାରୁ ବିଚ୍ଛିନ୍ନ ହୋଇଥିବା ଓଡ଼ିଆମାନେ ପ୍ରକୃତରେ ଓଡ଼ିଶାରେ ରହିବାକୁ ଚାହୁଁଛନ୍ତି କି ନାହିଁ, ସେ ସଂପର୍କରେ ତଦନ୍ତ ତଥା ଦେଶ ମିଶ୍ରଣର ଶେଷ ନିଷ୍ପତ୍ତି ପାଇଁ ଗଭର୍ଣ୍ଣର ଜେନେରାଲ୍ ସି.ଏଲ୍. ଫିଲିପ୍ ଓ ମାନ୍ଦ୍ରାଜ ସରକାରଙ୍କ ଦ୍ୱାରା ପ୍ରସ୍ତାବିତ ଏ.ସି.ଡଫ୍. ନିଯୁକ୍ତ ହୋଇଥିଲେ । ଏହି ଫିଲିଫ୍-ଡଫ୍ କମିଶନ ୭.୧୨.୧୯୨୪ ଠାରୁ ୨୧.୧୨.୧୯୨୪ ଯାଏଁ ତଦନ୍ତ ବେଳେ ଖଲ୍ଲିକୋଟ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓ ନିଜ ପିତା ସ୍ୱର୍ଗତ ହରିହର ମର୍ଦ୍ଦରାଜଙ୍କ ଦେଶ ମିଶ୍ରଣ ପାଇଁ ମହନୀୟ ଚେଷ୍ଟା ତଥା ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣର ଆବଶ୍ୟକତା, ଓଡ଼ିଆମାନଙ୍କ ଇଚ୍ଛା ଓ ଅଭୀପ୍ସା ସଂପର୍କରେ ଯୁକ୍ତିଯୁକ୍ତ ଲିଖିତ ଦାବି ଉପସ୍ଥାପନ କରିଥିଲେ । ତାଙ୍କୁ ଏହି ତଦନ୍ତ କାର୍ଯ୍ୟରେ ସର୍ବଶ୍ରୀ ନିରଞ୍ଜନ ପଟ୍ଟନାୟକ, ହରିହର ପଣ୍ଡା, ମଧୁସୂଦନ ପାଣିଗ୍ରାହୀ, ଶରତ ଚନ୍ଦ୍ର ମହାନ୍ତି ପ୍ରମୁଖ ସହାୟତା କରିଥିଲେ । ଦାବି ଯୁକ୍ତିଯୁକ୍ତ ବୋଲି କମିଶନ ସ୍ୱୀକାର କରିଥିବା ତାଙ୍କ ରିପୋର୍ଟରୁ ଜଣାଯାଏ ।

୧୯୩୧ ମସିହାରେ ଓଡ଼ିଶା ସୀମା ନିର୍ଦ୍ଧାରଣ ପାଇଁ ସାର୍ ସାମୁଏଲ୍ ଓଡ଼ନେଲଙ୍କ ଅଧକ୍ଷତାରେ ଏକ କମିଟି ନିଯୁକ୍ତ ହୋଇଥିଲେ । ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ତା.୭.୧୨.୧୯୩୨ରେ ଲଣ୍ଡନରେ ଅନୁଷ୍ଠିତ ତୃତୀୟ ଗୋଲଟେବୁଲ୍ ବୈଠକରେ ଯୋଗଦାନ କରି ଓଡ଼ନେଲ୍ କମିଟି ସୁପାରିଶ ଅସମୀଚୀନ ଓ ଅଟଲି ସବ୍ କମିଟିର ସୁପାରିଶ ଯଥାର୍ଥ ବୋଲି ଯୁକ୍ତି ଉପସ୍ଥାପନ ପୂର୍ବକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ହେଉ ବୋଲି ଦାବି କରିଥିଲେ । ସେକ୍ରେଟାରୀ ଅଫ୍ ଷ୍ଟେଟସ୍ ସାର୍ ସାମୁଏଲ୍ ହୋର୍‌ଙ୍କୁ ନିଜ ପରିକଳ୍ପିତ ଓଡ଼ିଶା ପ୍ରଦେଶ ସଂପର୍କରେ ସେ ଅବଗତ କରାଇଥିଲେ ।

ଭାରତ ସରକାର ଓ ବିଲାତ ସରକାର ଏକମତ ହୋଇ ତା.୨୪.୧୨.୧୯୩୨ରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ରୂପେ ଗଠିତ ହେବାଲାଗି ସ୍ଥିର ହେଲା । ଏହି ଦିବସଟି ଆମ ଓଡ଼ିଆମାନଙ୍କ ପାଇଁ ଏକ ସ୍ମରଣୀୟ ଦିବସ । ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଏ ଖବର ପାଇ ରାଜା ରାମଚନ୍ଦ୍ରଙ୍କ ନିକଟକୁ ପ୍ରଶଂସା କରି ବାର୍ତ୍ତା ପଠାଇଥିଲେ ।

୧୯୩୩ ମସିହାରେ ଜଏଣ୍ଟ୍ ପାର୍ଲାମେଣ୍ଟାରୀ କମିଟି ଆଗରେ ସାକ୍ଷ୍ୟ ପ୍ରଦାନ କରିଥିଲେ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ । ତା.୧୭.୩.୧୯୩୩ରେ ଗୋଲଟେବୁଲ୍ ବୈଠକରେ ପ୍ରକାଶିତ ଶ୍ୱେତପତ୍ରରେ ପାରଳାଖେମୁଣ୍ଡି ଓ ଜୟପୁରକୁ ବାଦ୍ ଦିଆଯାଇଥିଲା । ତା. ୬.୧୧.୧୯୩୩ରେ ପାରଳା ରାଜା କୃଷ୍ଣଚନ୍ଦ୍ର ଗଜପତି ଏବଂ ଖଲ୍ଲିକୋଟ ରାଜା ରାମଚନ୍ଦ୍ର ମର୍ଦ୍ଦରାଜଙ୍କ ମିଳିତ ଉଦ୍ୟମରେ ପାର୍ଲାମେଣ୍ଟ୍ କମିଟି ଓଡ଼ନେଲ କମିଟି ସାକ୍ଷାତ୍ କରାଇ ଓଡ଼ିଶାରେ ଜୟପୁରକୁ ସାମିଲ କରାଗଲା । ମହାରାଜା କୃଷ୍ଣଚନ୍ଦ୍ରଙ୍କ ମତାମତକୁ ସମ୍ମାନ ଦେଇ ପାରଳା ରାଜ୍ୟ ପରିବର୍ତ୍ତେ ପାରଳାର ଉତ୍ତରାଞ୍ଚଳକୁ ପ୍ରସ୍ତାବିତ ପ୍ରଦେଶରେ ମିଶ୍ରଣ ଲାଗି ନିଷ୍ପତ୍ତି ହେଲା । ଭାରତ ଶାସନ ସଂସ୍କାର (୧୯୩୫)ରେ ଓଡ଼ିଶା ପ୍ରଦେଶ ଜନ୍ମ ନେଲା ଏବଂ ଆନୁଷ୍ଠାନିକ ଭାବେ ଏପ୍ରିଲ ୧, ୧୯୩୬ ମସିହାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠିତ ହେଲା ।

୧୯୩୭ ମସିହାରେ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଅପ୍ରତିଦ୍ୱନ୍ଦ୍ୱୀ ଓଡ଼ିଶା ବିଧାନ ସଭା ସଦସ୍ୟ ହେବା ସହ ‘ରାଜାବାହାଦୂର’ ଉପାଧିପ୍ରାପ୍ତ ହେଲେ । ୧୯୪୫ ମସିହା ପର୍ଯ୍ୟନ୍ତ ସେ ବିଧାନସଭା ସଦସ୍ୟ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିଲେ । ୧୯୪୫ ମସିହାରେ କେନ୍ଦ୍ର ବ୍ୟବସ୍ଥାପକ ସଭାରେ ସଭ୍ୟ ରୂପେ ନିର୍ବାଚିତ ହୋଇ ‘ସାର୍’ ଉପାଧି ପାଇଥିଲେ । ୧୯୫୨ ମସିହାରେ ସ୍ୱାଧୀନ ପ୍ରାର୍ଥୀ ଭାବେ ଓଡ଼ିଶା ବ୍ୟବସ୍ଥାପକ ସଭାକୁ ନିର୍ବାଚିତ ହୋଇଥିଲେ । ୧୯୫୫ ମସିହାରେ ବ୍ରହ୍ମପୁରରେ ଅନୁଷ୍ଠିତ ଭାରତୀୟ ଜାତୀୟ କଂଗ୍ରେସ ଅଧିବେଶନର ସେ ମୁଖ୍ୟ ସଂଗଠକ ଓ ପୃଷ୍ଠପୋଷକ ଥିଲେ । ୧୯୫୭ ମସିହାରେ ବିଧାନସଭା ସଭ୍ୟ ଭାବେ ନିର୍ବାଚିତ ହୋଇ ନଦୀ ଉପତ୍ୟକା, ଉନ୍ନୟନ ଓ ଦୁର୍ନୀତି ନିବାରଣ ମନ୍ତ୍ରୀ ପଦରେ ଅଧିଷ୍ଠିତ ହୋଇଥିଲେ । ୧୯୬୧ ମସିହାରୁ ୧୯୬୩ ମସିହା ପର୍ଯ୍ୟନ୍ତ ବିଧାନସଭା ସଦସ୍ୟ ଓ ରାଜ୍ୟ ସମବାୟ ବ୍ୟାଙ୍କର ସଭାପତି ଥିଲେ । ୧୯୬୩ ମସିହାରେ କଂଗ୍ରେସ ପ୍ରାର୍ଥୀ ଭାବେ ବିଧାନସଭା ସଦସ୍ୟ ରୂପେ ନିର୍ବାଚିତ ହୋଇଥିଲେ ।

ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ରାଜ୍ୟ ଶାସନ, ରାଜନୈତିକ ଜୀବନ, ଜନସଂପର୍କକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ସେ ଓଡ଼ିଆ ଜାତି ପାଇଁ ଶ୍ରଦ୍ଧାଶୀଳ ଥିଲେ । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ତାଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା । ୧୯୬୩ ମସିହା ଜାନୁଆରୀ ୨୩ ତାରିଖ ଦିନ ସେ ଇହଲୀଳା ସମ୍ବରଣ କଲେ । ସେ ଓଡ଼ିଶାର ବରପୁତ୍ର ଏବଂ ଜନକଲ୍ୟାଣ ପାଇଁ ସଦା ସ୍ମରଣୀୟ ହୋଇ ରହିବେ ।

ଭାରତୀୟ ସମ୍ବାଦ ସେବା (ଭାସ୍)

# ରାଗିଙ୍ଗ, ଆଉ କେତେ ନିରୀହ ପିଲାଙ୍କ ଜୀବନ ଗଲାପରେ କର୍ତ୍ତୃପକ୍ଷ ଚେତିବେ ?

॥ ବିଷ୍ଣୁ ପ୍ରସାଦ ଦାସ ॥

ସମ୍ବାଦ ପତ୍ର ଓ ଟିଭିରେ ବେଳେ ବେଳେ ଶିକ୍ଷାନୁଷ୍ଠାନରେ ରାଗିଙ୍ଗ ଜନିତ ଅକାଳ ମୃତ୍ୟୁ ସମ୍ବାଦ ମନକୁ ଭାରାକ୍ରାନ୍ତ କରିଦିଏ ଓ ଘରଦ୍ୱାର ଛାଡ଼ି ପିଲାଟି ନିଜର ଉଚ୍ଚ ଶିକ୍ଷା ପାଇଁ ଦୂର ଦୁରାନ୍ତ ଶିକ୍ଷାନୁଷ୍ଠାନରେ ନାମ ଲେଖାଇ ନିଜର ଭବିଷ୍ୟତ ଗଢିବାକୁ ଆସି ଏହି ରାଗିଙ୍ଗ ଜନିତ ମହାମାରୀ କବଳରେ ପଡ଼ିଯାଏ ଅନେକ ଛାତ୍ର/ଛାତ୍ରୀ ଏହାକୁ ସହି ନିଅନ୍ତି ଆଉ କିଛି ଅତ୍ୟାଚାରର ସୀମା ଟପିଗଲେ ନିଜକୁ ନିଜ ଆୟତ୍ତରେ ରଖି ନ'ପାରି ଭୁଲ ପଦକ୍ଷେପ ନେଇଥାନ୍ତି । ବିଶେଷ କରି ବୈଷୟିକ ଶିକ୍ଷାନୁଷ୍ଠାନ ଗୁଡିକରେ ନୂତନ ଭାବେ ନାମ ଲେଖାଇଥିବା ଛାତ୍ର ଛାତ୍ରୀ ମାନେ ନିଜ ଶିକ୍ଷାନୁଷ୍ଠାନର ଉପର ଶ୍ରେଣୀର ଛାତ୍ର ଛାତ୍ରୀଙ୍କ ଦ୍ୱାରା ‘ସ୍ୱାଗତଂ’ ଆନୁଷ୍ଠାନିକ ଦୀକ୍ଷା ବା ଚିଂହା ପରିଚୟ ବଦଳରେ ଅମାନୁଷିକ ‘ରାଗିଙ୍ଗ’ର ଶିକାର ହୋଇଥାନ୍ତି , ବେଳେ ବେଳେ ଏହା ଉଗ୍ର ରୂପ ଧାରଣ କରେ ଯାହା କର୍ତ୍ତୃପକ୍ଷ 'ସାପ ମରିବ ନାହିଁ କି ବାଡ଼ି ଭାଙ୍ଗିବ ନାହିଁ' ନ୍ୟାୟ ରେ ସମାଧାନ କରିଦେଇଥାନ୍ତି । ପିଲାଟି କେତେ ସ୍ୱପ୍ନ ନେଇ ପରିବାର ଠାରୁ ଦୂରରେ ରହି କଲେଜରେ ପାଠପଢି ନିଜ ଭବିଷ୍ୟତ ଗଢିବାକୁ ଆସିଥାଏ, ସେ ଯଦି ନିଜର ସହପାଠୀଙ୍କ/ ଶିକ୍ଷାନୁଷ୍ଠାନର କୌଣସି ଶିକ୍ଷକ ବା କର୍ମଚାରୀଙ୍କ ନିର୍ଯାତନାର ଶିକାର ହୋଇ ନିଜ ପ୍ରାଣ ତ୍ୟାଗ କଲା ବା ସବୁଦିନ ପାଇଁ ଅକର୍ମଣ୍ୟ ହୋଇଗଲା ତେବେ ? ତା'ର ପରିବାର ଉପରେ କ'ଣ ପ୍ରଭାବ ପଡିବ? ସବୁ କ୍ଷେତ୍ରରେ ସହପାଠୀ ମାନଙ୍କୁ ଦୋଷ ଦେଇ ଚୁପ ବସିଗଲେ ହେବ ନାହିଁ , ଶିକ୍ଷାନୁଷ୍ଠାନର ଦାୟିତ୍ୱରେ ଥିବା ବ୍ୟକ୍ତିବିଶେଷଙ୍କୁ ଅତି କଠୋରରୁ କଠୋର ଦଣ୍ଡରେ ଦଣ୍ଡିତ କରିବା ଉଚିତ , କାରଣ ସେମାନେ ନିଜ ଦାୟିତ୍ୱ ତୁଲାଇବାରେ ଅବହେଳା କରିଛନ୍ତି , ଆଇନ ସମସ୍ତଙ୍କ ପାଇଁ ସମାନ କିନ୍ତୁ ଏହି ସବୁ ସ୍ଥାନରେ ବଡ଼ବଡ଼ିଆ ମାନେ ଖସିଯାଆନ୍ତି ଆଉ ଛୋଟ କର୍ମଚାରୀ ଜାଲରେ ପଡି ଯା'ନ୍ତି ଓ ଛାତ୍ରୀନିବାସର ଜଗୁଆଳି ଯଦି ସ୍ନାନାଗାରରେ ଗୁପ୍ତ କ୍ୟାମେରା ଲଗାଇପାରୁଛି ଏବଂଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ଧମକାଇ ପାରୁଛି ତେବେ ତା'କୁ କ'ଣ କର୍ତ୍ତୃପକ୍ଷ ଫୁଲ ଚନ୍ଦନ ଦେଇ ପୂଜା କରିବେ? ନା' ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ନେବେ? ଏଠାରେ କିଏ ଠିକ ଆଉ କିଏ ଭୁଲ ? ନିୟମିତ ବ୍ୟବଧାନରେ ଜଗୁଆଳି ମାନଙ୍କୁ କାହିଁକି ବଦଳି କରାଯାଉ ନାହିଁ ? କିଛି ଛାତ୍ର ଛାତ୍ରୀ ପୁରୁଣା କର୍ମଚାରୀଙ୍କୁ ପାଉଣା ଦେଇ ଗୁପ୍ତରେ ଅନୈତିକ କାର୍ଯ୍ୟ କରି ଥାନ୍ତି ଯାହା କର୍ତ୍ତୃପକ୍ଷ ଜାଣି ବି ଅଜଣା ହେବାର ଛଳନା କରନ୍ତି ଓ ପିତା ମାତା ତଥା ପିଲାର ତତ୍ତ୍ୱାବଧାରକ ବାରମ୍ବାର ଆସି ପିଲା ସହିତ ଦେଖା କରିବା ଉଚିତ , ଖାଲି ମୋବାଇଲ ଫୋନରେ କଥା ବା ଭିଡିଓ ଚାଟ କରିଦେଲେ କ'ଣ ଦାୟିତ୍ୱ ଶେଷ ?ରାଗିଙ୍ଗ ପରି ବିକୃତ ମାନସିକତା ଧୀରେ ଧୀରେ ବଢି ଚାଲିଛି, ସରକାର ନିୟମ କରିଦେଲେ, ସ୍କୁଲ, କଲେଜ କର୍ତ୍ତୃପକ୍ଷ ଆଣ୍ଟି ରାଗିଙ୍ଗ ସେଲ' କଲେ ସେଥିରେ କିଛି ଅଭିଜ୍ଞ ଶିକ୍ଷାବିତ ମାନଙ୍କୁ କମିଟି ଗଢି ଦାୟିତ୍ୱ ଦେଲେ ତା' ପରେ ଆଉ କ'ଣ ରହିଲା? ହଁ ରହିଗଲା, ସେଇଟା ହେଲା ଏହି କମିଟି କୌଣସି ନା' କୌଣସି ଚାପରେ ରହୁଛନ୍ତି ଆଉ ରାଗିଙ୍ଗ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେବାକୁ ସେମାନଙ୍କ ପାଖରେ ଦୃଢ ମନୋବଳ/ ଆନ୍ତରିକତାର ଘୋର ଅଭାବ ପରିଲକ୍ଷିତ ହେଉଛି, ସେମାନଙ୍କ ଉପରେ ଚାପ ସରକାରଙ୍କ ତରଫରୁ ବା ମ୍ୟାନେଜମେଣ୍ଟ / ପରିଚାଳନା କମିଟି କର୍ତ୍ତୃପକ୍ଷଙ୍କ ପାଖରୁ ଆସେ ତାହା ତଦନ୍ତ ସାପେକ୍ଷ ଓ ହଷ୍ଟେଲ ବା ଛାତ୍ରାବାସ ଦାୟିତ୍ୱରେ ଥିବା ବ୍ୟକ୍ତିବିଶେଷ ସବୁ ଜାଣନ୍ତି କିନ୍ତୁ ନିଜର ଦୁର୍ବଳତା ଲୁଚାଇବାକୁ ହେଉ ବା ଭୟ ହେଉ ବା ଦୁର୍ନୀତିର ବଶବର୍ତ୍ତୀ ହୋଇ ଚୁପ ବସି ଥା'ନ୍ତି । ଅନୁଶାସନ ବୋଲି କିଛି ନାହିଁ , ବିଶୃଙ୍ଖଳିତ ଛାତ୍ର ଛାତ୍ରୀ ମାନେ ଏବେ କୌଣସି ନିୟମ କାନୁନ ମାନିବାକୁ ପ୍ରସ୍ତୁତ ନୁହଁନ୍ତି, ରାଗିଙ୍ଗକୁ କାଗଜପତ୍ରରେ ଯେତେ ବନ୍ଦ କଲେବି ପ୍ରକୃତ ପକ୍ଷେ ତାହା ଆମ ମାନଙ୍କର ରୁଗ୍ଣ ମାନସିକତା, ଶିକ୍ଷାନୁଷ୍ଠାନର ଚରମ ଅବହେଳା ଏବଂ ପ୍ରଶାସନର କୋହଳ ମନୋବୃତି ଯୋଗୁ ଧୀରେ ଧୀରେ ବୈଷୟିକ ଶିକ୍ଷାନୁଷ୍ଠାନଠାରୁ ଆରମ୍ଭ ହୋଇ ସାଧାରଣ ମହାବିଦ୍ୟାଳୟରେ ପ୍ରବେଶ କରିଗଲାଣି । ରାଗିଙ୍ଗ କାହାପାଇଁ ଖେଳ ତ' ପୁଣି କାହାପାଇଁ ଏହା କାଳ ରେ ପରିଣତ ହେଉଛି ଓ ପ୍ରତିଟି ଜୀବନର ମୂଲ୍ୟ ଅଛି ଏବଂ ପ୍ରତିଟି ଜୀବନକୁ ସୁରକ୍ଷା ଦେବା ଗଣତନ୍ତ୍ର ସରକାରଙ୍କ ଏକ ଦାୟିତ୍ୱ । ଆଇନର ହାତ ଖୁବ ଲମ୍ବା ଆଉ ଆଇନରେ ରାଗିଙ୍ଗ ପାଇଁ ଖୁବ କଠିନ ଦଣ୍ଡ ବ୍ୟବସ୍ଥା ଅଛି ତେଣୁ ଛାତ୍ର ଛାତ୍ରୀ ମାନଙ୍କୁ ଅନୁରୋଧ ଏହିସବୁ କୁପ୍ରଥାକୁ ଯଥା ଶୀଘ୍ର ତ୍ୟାଗ କରନ୍ତୁ, ଯେଉଁମାନେ ରାଗିଙ୍ଗର ଶିକାର ହେଉଛନ୍ତି ସେମାନେ ୟୁ ଜି ସି ର ଟୋଲ ଫ୍ରି ନମ୍ବରକୁ ଜଣାନ୍ତୁ , ନିଜ ଅଭିଭାବକ ମାନଙ୍କୁ ଜଣାନ୍ତୁ , ଆଜିକାଲି ପ୍ରାୟ ସମସ୍ତଙ୍କ ପାଖରେ ମୋବାଇଲ ଫୋନ ଅଛି ସମସ୍ତ କର୍ତ୍ତୃପକ୍ଷଙ୍କୁ ମେଲ ଦେବା ସହିତ ନିଜ ଜୀବନକୁ ବିପଦ ଅଛି ବୋଲି ପୋଲିସକୁ ମଧ ଜଣାଇ ପାରିବେ । ଯଦି ଶିକ୍ଷାନୁଷ୍ଠାନରେ ରାଗିଙ୍ଗ ହେଉ ନାହିଁ ତେବେ ଏହି ଆଣ୍ଟି ରାଗିଙ୍ଗ ସେଲର । ଆବଶ୍ୟକତା କୁଆଡୁ ଆସିଲା ? ଆଉ ଯଦି ଆଣ୍ଟି ରାଗିଙ୍ଗ ସେଲ ଥାଇ ଏବଂ ତାହାର ଦାୟିତ୍ୱରେ ଥିବା ଗଣ୍ୟମାନ୍ୟ ବ୍ୟକ୍ତି ମାନେ ରାଗିଙ୍ଗକୁ ରୋକି ନ'ପାରୁଛନ୍ତି ତେବେ ଏହି ସେଲକୁ ବନ୍ଦ କରିଦିଅଓ ଯାଉ । ଧର୍ମକୁ ଆଖିଠାର ମାରି ସବୁ ଚାଲିଛି, ଆଉ ନିରୀହ ପିଲା ରାଗିଙ୍ଗର ଶିକାର ହୋଇ ପ୍ରାଣ ତ୍ୟାଗ କରୁଥିବେ, ଆମେ ବସି ଦେଖୁଥିବା । ମାନବିକତା ବିହୀନ ଶିକ୍ଷାର ମୂଲ୍ୟ କ'ଣ ? ଅନେକ ଜାଗାରେ ଶିକ୍ଷାନୁଷ୍ଠାନର ବଦନାମକୁ ଆଖିରେ ରଖି ରାଗିଙ୍ଗକୁ ଅନ୍ୟ ରୂପ ଦେଇ ନଥି ପତ୍ର ବନ୍ଦ କରିଦିଅ ଯାଉଛି, ଏହା କେବଳ ଆମ ରାଜ୍ୟ କଥା ନୁହେ ସାରା ଭାରତବର୍ଷ ରେ ଏହି ପ୍ରକ୍ରିୟା ଚାଲିଛି । ସରକାରଙ୍କୁ ବିନମ୍ର ଅନୁରୋଧ ଏହି ସବୁ ବିଷୟରେ ଟିକେ ଧ୍ୟାନ ଦିଅନ୍ତୁ ।

ଝାଞ୍ଜିରୀ ମଙ୍ଗଳ , କଟକ ୭୫୩୦୦୯
ମୋ: ୯୯୩୭୧୭୪୦୯୭

# ରାଷ୍ଟ୍ରପତି ସମ୍ବିଧାନର ରକ୍ଷକ

॥ ଗୋପବନ୍ଧୁ ॥

ରାଷ୍ଟ୍ରପତି ହେଉଛନ୍ତି ଦେଶର ପ୍ରଥମ ନାଗରୀକ । ତାଙ୍କ ନାମରେ ଦେଶର ଶାସନ ଚାଲେ । ତାଙ୍କ ଦସ୍ତଖତ ପରେ କୌଣସି ବିଲ୍ ନିୟମରେ ପରିଣତ ହୁଏ । ସେ ହେଉଛନ୍ତି ସମଗ୍ର ଦେଶର ସମ୍ମାନ ଓ ମର୍ଯ୍ୟାଦାର ପ୍ରତୀକ । ବିଦେଶରେ ଭାରତବର୍ଷ ତାଙ୍କ ନାମକୁ ନେଇବି ଚର୍ଚ୍ଚିତ ହୁଏ । ତାଙ୍କୁ ଦେଖି ବିଦେଶୀମାନେ ଆମ ଦେଶର ସୌର୍ଯ୍ୟ ଓ ପରାକ୍ରମକୁ ଉପଲବ୍ଧି କରନ୍ତି । ତାଙ୍କ ବ୍ୟକ୍ତିତ୍ୱର ଗଭୀରତାରୁ ଭାରତୀୟତାକୁ ଆକଳନ କରନ୍ତି । ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ରର ରାଷ୍ଟ୍ରପତି କିଛି କମ୍ କଥା ନୁହେଁ ।

ରାଷ୍ଟ୍ରପତି କେବଳ ରବର ଷ୍ଟାମ୍ପ ନୁହଁନ୍ତି । ସେ ହେଉଛନ୍ତି ସମ୍ବିଧାନର ରକ୍ଷାକର୍ତ୍ତା । କେଉଁଠାରେ ସମ୍ବିଧାନର ଉଲ୍ଲଂଘନ ହେଲେ କିମ୍ବା ସମ୍ବିଧାନର ବର୍ହିଭୂତ କାର୍ଯ୍ୟହେଲେ ସରକାରଙ୍କୁ ନାଲିଆଖି ଦେଖାଇବାର କ୍ଷମତା ତାଙ୍କ ପାଖରେ ରହିଛି । ସରକାରଙ୍କୁ ପରାମର୍ଶ ଦେବା ଓ ତ୍ରୁଟିବିଚ୍ୟୁତିକୁ ସୂଚାଇଦେବା ଅଧିକାର ତାଙ୍କ ନୀକଟରେ ରହିଛି । ଦେଶର ପ୍ରଥମ ନାଗରୀକଭାବେ ସେ ଜଣେ ସଚ୍ଚୋଟ, ବିଜ୍ଞ, ନିର୍ଭୀକ ଓ ନିରପେକ୍ଷ ବ୍ୟକ୍ତି ହେବା ଜରୁରୀ । ରାଷ୍ଟ୍ରମୁଖ୍ୟ ପଦ ତାଙ୍କପାଇଁ ବଡ ନୁହେଁ, ରାଷ୍ଟ୍ର ହେଉଛି ତାଙ୍କ ପାଇଁ ବଡ଼ । ରାଷ୍ଟ୍ରର ଏକତା, ଅଖଣ୍ଡତା ଓ ସାର୍ବଭୌମତ୍ୱ ପ୍ରତି ଅଙ୍ଗୀକାରବଦ୍ଧତା ତାଙ୍କର ପ୍ରତିଟି ଚିନ୍ତନ, କଥନ ଓ କର୍ମରେ ଉଦଭାସିତ ହେବା ଆବଶ୍ୟକ । ଅତୀତରେ ବହୁ ଗୁଣି, ଜ୍ଞାନୀ ଓ ପ୍ରବୀଣ ବ୍ୟକ୍ତିତ୍ୱ ରାଷ୍ଟ୍ରପତି ପଦକୁ ଅଳଙ୍କୃତ କରିଛନ୍ତି । ଦେଶର ପ୍ରଥମ ରାଷ୍ଟ୍ରପତି ଥିଲେ ଡକ୍ଟର ରାଜେନ୍ଦ୍ର ପ୍ରସାଦ । ସେଥିଲେ ଜଣେ ଅଗ୍ରଣୀ ସ୍ୱାଧୀନତା ସଂଗ୍ରାମୀ ଓ ସମ୍ବିଧାନ ପ୍ରଣୟନ ସଭାର ସଭାପତି । ବିଶିଷ୍ଟ ଦାର୍ଶନିକ ଓ ଶିକ୍ଷାବିତ୍ ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନ ଏହି ପଦକୁ ଅଳଙ୍କୃତ କରିଥିଲେ । ଦେଶର ବିଶିଷ୍ଟ ବୈଜ୍ଞାନିକ ଓ ମିଶାଇଲ ମ୍ୟାନଭାବେ ପରିଚିତ ଡକ୍ଟର ଏ ପି ଜେ ଅବଦୁଲ କାଲାମ ମଧ୍ୟ ଏହି ପଦର ଗାରିମାକୁ ବଢାଇଥିଲେ । ଆହୁରି ଅନେକେ ଆସିଛନ୍ତି ଓ ପଦମର୍ଯ୍ୟାଦାକୁ ଅକ୍ଷୁର୍ଣ୍ଣ ରଖି ଯାଇଛନ୍ତି । ଅନେକେ ରାଜନୈତିକ ଦଳରୁ ଆସିଥିଲେ ବି ପଦ ଅଳଙ୍କୃତ କଲାପରେ ସମ୍ପୂର୍ଣ୍ଣ ନିରପେକ୍ଷତାର ପରିଚୟ ଦେଇଛନ୍ତି । ଦେଶବାସୀ ଚାହାଁନ୍ତି ଆଗକୁ ବି ଏହା ବଜାୟୀ ରହିବ ଓ ଏ ଗୁରୁତ୍ୱପୂର୍ଣ୍ଣ ପଦବୀକୁ ରାଜନୈତିକ ଭିଡ଼ାଟଣାରୁ ଉର୍ଦ୍ଧ୍ୱରେ ରଖାଯିବ । ତେଣୁ ସମସ୍ତ ରାଜନୈତିକ ଦଳର ସହମତିରେ ରାଷ୍ଟ୍ରପତିଙ୍କ ଚୟନ ହେବା ସର୍ବୋତ୍କୃଷ୍ଟ ପନ୍ଥା । ରାଷ୍ଟ୍ରପତିଙ୍କ ଚୟନ ପରୋକ୍ଷ ନିର୍ବାଚନ ମାଧ୍ୟମରେ ହୁଏ । ଏଥିରେ ନିର୍ବାଚିତ ସାଂସଦ ଓ ବିଧାୟକମାନେ ଭୋଟ ଦିଅନ୍ତି । ଉପଯୁକ୍ତ ପ୍ରାର୍ଥୀ କିମ୍ବା ପ୍ରାର୍ଥୀନୀଙ୍କୁ ଚୟନ କରାଯିବା ପାଇଁ ମତଦାନକୁ ମୁକ୍ତ ଓ ଗୋପନୀୟ ରଖାଯାଇଛି । କୌଣସି ଦଳ ନିର୍ଦ୍ଦିଷ୍ଟ ଜଣେ ପ୍ରାର୍ଥୀଙ୍କୁ ଭୋଟ ଦେବାପାଇଁ ହୁଇପ୍ ଜାରି କରିପାରିବ ନାହିଁ । ଅବଶ୍ୟ ପାର୍ଟି ସ୍ତରରେ ସିଦ୍ଧାନ୍ତ ହୁଏ କାହାକୁ ଭୋଟ ଦିଆଯିବ ବୋଲି । ଯେହେତୁ ଭୋଟ ଦାନରେ ଗୋପନୀୟତା ରହେ, ତେଣୁ ଏଥିରେ କ୍ରସ୍ ଭୋଟ ମଧ ହୁଏ । ଭୋଟଦାତା ଯଦି ଅନୁଭବ କରେ ଯେ ପାର୍ଟି ଯାହାକୁ କହୁଛି ଭୋଟ ଦେବାପାଇଁ ସେ ପ୍ରାର୍ଥୀ ଠିକ୍ ନୁହେଁ, ସେ ଗୁପ୍ତରେ କ୍ରସ୍ ଭୋଟିଂ କରିପାରିବ । ଅତୀତରେ ଏପରି ହୋଇଛି ।

ଦେଶର ରାଷ୍ଟ୍ରପତି ପଦରେ ଯେଉଁମାନେ ବସିବାକୁ ଚାହୁଁଛନ୍ତି, ସେମାନଙ୍କ ବିଷୟରେ ଦେଶବାସୀ ଜାଣିବା ଜରୁରୀ । ଫଳରେ ଉପଯୁକ୍ତ ପ୍ରାର୍ଥୀଙ୍କ ସପକ୍ଷରେ ଜନମତ ତିଆରି ହୋଇପାରିବ । ଜନମତକୁ ସମ୍ମାନ ଜଣାଇବା ପାଇଁ ନିର୍ବାଚିତ ପ୍ରତିନିଧିମାନେ ନିଶ୍ଚୟ ନୈତିକଭାବେ ବାଧ ହେବେ । ଏ ବାବଦକୁ କେନ୍ଦ୍ରୀୟ ସ୍ତରରେ ତଥା ରାଜ୍ୟ ସ୍ତରରେ ଡିବେଟ୍ ଅନୁଷ୍ଠିତ ହେବା ଉଚିତ୍ ଏବଂ ଏହାକୁ ବୈଦ୍ୟୁତିକ ଗଣମାଧ୍ୟମରେ ସିଧାସଳଖ ପ୍ରସାରିତ କରାଯିବା ଉଚିତ୍ । ପ୍ରାର୍ଥୀମାନଙ୍କୁ ଗୋଟିଏ ମଞ୍ଚରେ ବସାଇ ଜଣେ ଅନ୍ୟଜଣଙ୍କୁ ପ୍ରଶ୍ନ ପଚାରି ଏବଂ ଉପସ୍ଥିତ ଜନତା ପ୍ରାର୍ଥୀଙ୍କୁ ପ୍ରଶ୍ନ ପଚାରି ପ୍ରାର୍ଥୀଙ୍କ ବିଚାରଗତ ତ୍ରୁଟିକୁ ପଦାରେ ପକାଇବାର ସୁଯୋଗ ରହିବା ଅତ୍ୟାବଶ୍ୟକ । ପାଶ୍ଚାତ୍ୟ ଗଣତନ୍ତ୍ରରେ ଏହା ଏକ ବାଧ୍ୟତାମୂଳକ ସୋପାନ । ପ୍ରାର୍ଥୀଙ୍କ ରାଷ୍ଟ୍ରୀୟ ଅବଧାରଣା କଣ ରହିଛି, ସାମାଜିକ ଓ ଧାର୍ମିକ ସମସ୍ୟା ପ୍ରତି ତାଙ୍କ ଆଭିମୁଖ୍ୟ କଣ, ସେ କିପରି ସମ୍ବିଧାନର ରକ୍ଷାକବଚ ବନିପାରିବେ, ଗଣତନ୍ତ୍ରକୁ ମଜଭୁତ କରିବାପାଇଁ ତାଙ୍କର ଯୋଗଦାନ କଣରହିବ ପ୍ରଭୃତି ଏବଂ ଏବାବଦକୁ ତାଙ୍କ ଅତୀତର କାର୍ଯ୍ୟକଳାପ କଣ ରହିଛି ତାହାର ସ୍ୱଚ୍ଛଚିତ୍ର ଲୋକମାନେ ପାଇବାକୁ ହକଦାର ।

ବିଚାରଧାରାର ମାନଦଣ୍ଡରେ ଜଣେ ରାଷ୍ଟ୍ରପତି ପ୍ରାର୍ଥୀଙ୍କୁ ଯଦି ମପାଯାଏ ତେବେ ସେ ଜଣେ ମାନବବାଦୀ, ବସୁଧୈବ କୁଟୁମ୍ବକମ୍ ରେ ବିଶ୍ୱାସୀ, ସାମାଜିକ ନ୍ୟାୟର ଅନୁଗାମୀ ଓ ସର୍ବୋପରି ଜଣେ ପ୍ରଗତିଶୀଳ ଚେତନାର ବ୍ୟକ୍ତିବିଶେଷ ହେବା ଆବଶ୍ୟକ । ଯେକି ରାଷ୍ଟ୍ରକୁ ଏକ ଉନ୍ନତ ଶିଖରକୁ ନେଇ ଯିବାର ମାର୍ଗଦର୍ଶନ କରିପାରୁଥିବେ ।

ବାରିପଦା, ମୟୁରଭଞ୍ଜ, ମୋ. ୭୦୦୮୯୭୬୧୮୦


ମହାଭାରତ
# ରାଇଜ କଥା
ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା




## ଆରମ୍ଭ ହେଲା ଅନଲାଇନ ଋଷ ଜମି ଚିହ୍ନଟ ପ୍ରକ୍ରିୟା



ହାଟଡିହ(ମହାଭାରତ): ହାଟଡିହି ବ୍ଲକ କୃଷି ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ପ୍ରତି ପଞ୍ଚାୟତ ରେ ଶିକ୍ଷିତ ଯୁବକ ମାନଙ୍କୁ ନେଇ ଏକ ଆରମ୍ଭ ହୋଇଛି ଏହି ଯାଞ୍ଚ ପ୍ରକ୍ରିୟା। ଏହି ଯାଞ୍ଚ ପ୍ରକ୍ରିୟା ରେ ପ୍ରକୃତ ଋଷ ଜମି କୁ ଚିହ୍ନଟ କରାଯାଇ ଜମି ର ପରିମାଣ ସହ ଉକ୍ତ ଜମି ର କେତେ ଅଂଶ ରେ ଋଷ ହୋଇଛି ଦର୍ଶାଇବାକୁ ପଡୁଥିବା ଦେଖିବାକୁ ମିଳିଛି। ଏହି ଅନଲାଇନ୍ ମାଧ୍ୟମ ରେ ଭାଗ ଋଷୀ ମାନଙ୍କ ର କୌଣସି ତଥ୍ୟ ରହୁ ନଥିବା ରୁ କେତେକ ସ୍ଥାନ ରେ ଭାଗ ଋଷୀ ମାନେ ଏହାକୁ ନେଇ ଚିନ୍ତିତ ଅଛନ୍ତି। ପ୍ରକୃତ ଜମି ମାଲିକ ମାନେ ଜମି କୁ ଭାଗ ସୂତ୍ର ରେ ଦେଉଥିବାରୁ ଏହାର କ୍ଷତି ହେଲେ ସେ କ୍ଷତି କାହାକୁ ମିଳିବ ତାକୁ ପ୍ରଶ୍ନ ଉଠିଛି। ଯାହାକି ସମ୍ପର୍କିତ ସୂଚନା କିଛି ଆସି ନାହିଁ ବୋଲି କୃଷି ବିଭାଗ ପକ୍ଷରୁ କୁହାଯାଇଛି।

## ମିଳିତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଗୁରୁଦିବସ ପାଳନ



ଆସିକା:(ମହାଭାରତ): ଗଞ୍ଜାମ ଜିଲ୍ଲା ଆସିକା ହରିହର ହାସ୍କୁଲରୁ ଠାରେ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ଆସିକା ଆନୁକୁଲ୍ୟରେ ଗୁରୁ ପୂଜନ ଉତ୍ସବ ବହୁ ଆଡମ୍ବର ସହ ପାଳିତ ହେଉଛି । ଏହି ଅବସରରେ ଆସିକା ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ, ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷା ବିନେତା ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ସଭା କାର୍ଯ୍ୟ ଆରମ୍ଭ କରିଥିଲା ବେଳେ ଅନ୍ୟ ଉପସ୍ଥିତ ଅତିଥି ମାନଙ୍କ ମଧ୍ୟରେ ମୁଖ୍ୟ ବକ୍ତା ଭାବେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଉପେନ୍ଦ୍ର ନାୟକ, ସଭାପତି ସନ୍ତୋଷ କୁମାର ସେଠୀ, ସମ୍ପାଦକ ସରୋଜ କୁମାର ନାୟକ,ପ୍ରମୁଖ ଯୋଗ ଦେଇଥିଲେ । ସେପ୍ଟେମ୍ବର ୫ ତାରିଖ ଦିନ ମହାନ ଶିକ୍ଷାବିତ୍,ଦାର୍ଶନିକ ତଥା ଭାରତର ଦ୍ୱିତୀୟ ରାଷ୍ଟ୍ରପତି ଭାରତରତ୍ନ ଡକ୍ଟର ସର୍ବପଲ୍ଲୀ ରାଧାକ୍ରୀଷ୍ଣନଙ୍କ ଜନ୍ମଦିନ କୁ ମନେ ପକେଇବା ପାଇଁ ସାରା ଦେଶରେ ଗୁରୁ ଦିବସ ରୂପେ ପାଳନ କରାଯାଏ । ମିଳିତ ପ୍ରାଥମିକ ଶିକ୍ଷକ ସଂଘ ଆସିକା ପକ୍ଷରୁ ପାଳିତ ଏହି ପବିତ୍ର ଗୁରୁ ଦିବସରେ ପ୍ରଥମେ ପ୍ରଦିପ ପ୍ରଜ୍ୱଳନ ସହ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଫୋଟରେ ପୁଷ୍ପମାଲ୍ୟ ଅର୍ପଣ କରାଯିବ ସହ ଅତିଥି ମାନଙ୍କୁ ଭବ୍ୟ ସମ୍ବୋର୍ଦ୍ଧନା ଜ୍ଞାପନ କରାଯାଇଥିଲା । ପରେ ସାମୁହିକ ଗୁରୁ ବନ୍ଦନା, ସ୍ୱାଗତ ସଙ୍ଗୀତ ଜ୍ଞାନ କରାଯାଇଥିଲା ।

## ନୂଆଁଖାଇ ଖର୍ଚ୍ଚ ପାଇଁ ମିଳିଲାନି ଭତ୍ତା ଟଙ୍କା

କୋକସରା,(ମହାଭାରତ): ବିଧବା, ଭିନ୍ନକ୍ଷମ, ବୃଦ୍ଧ ବୃଦ୍ଧା ମାନଙ୍କୁ ଏଥି ପୂର୍ବରୁ ପ୍ରତ୍ୟେକ ବର୍ଷ ନୂଆଁଖାଇ ପାଇଁ ଆଗୁଆ ସରକାରଙ୍କ ପକ୍ଷରୁ ଭତ୍ତା ସହାୟତା ଯୋଗାଇ ଦିଆ ଯାଉଥିଲା। ହେଲେ ଚଳିତ ନୂଆଁଖାଇ ପର୍ବରେ ଏହାର ବ୍ୟତିକ୍ରମ ଘଟିଛି। କୋକସରା ବ୍ଲକରେ ଏହାର ଘୋର ପ୍ରଭାବ ଦେଖା ଦେଇଛି ।ବ୍ଲକର ୨୨ ଟି ପଞ୍ଚାୟତରେ ରହୁଥିବା ଭତ୍ତା ହିତାଧିକାରୀଙ୍କ ମନରେ ଏକ ଆଲୋଡନ ସୃଷ୍ଟି ହେଉଛି। ଋତକ ପରି ଭତ୍ତା ସହାୟତା ପାଇଁ ବୃଦ୍ଧ ବୃଦ୍ଧା ମାନେ ଅନେଇ ବସିଛନ୍ତି। କିନ୍ତୁ ସରକାର ବୁଝିଲେ ନାହିଁ ଏମାନଙ୍କ ମନର ଦୁଃଖକୁ ପରିବାର ଉପରେ ନିର୍ଭର କରି ଚଳୁଥିବା ବୃଦ୍ଧ ବୃଦ୍ଧା ତଥା ଭିନ୍ନକ୍ଷମ ମାନଙ୍କ ପାଇଁ ଏହା ଏକ ଆର୍ଥିକ ସଙ୍କଟର ସମୟ ବୋଲି ଲୋକେ ଅଭିଯୋଗ କରିଛନ୍ତି। ନୂଆଁଖାଇ ପୂର୍ବରୁ ଭତ୍ତା ଟଙ୍କା ମିଳିଥିଲେ ଆନନ୍ଦରେ ନୂଆଁଖାଇ ସହିତ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ କିମ୍ବା ଔଷଧ ପତ୍ର କରିଥାନ୍ତେ ବୋଲି ମତ ପ୍ରକାଶ କରିଛନ୍ତି ।ଯାହା ଫଳରେ ଭତ୍ତା ହିତାଧିକାରୀଙ୍କ ମନରେ ତୀବ୍ର ଅସନ୍ତୋଷ ଭାବନା ଦେଖା ଦେଇଛି।

# ପୁଣି ଟ୍ରକ୍ ଚକା ତଳେ ଗଲା ଆଉ ଏକ ଜୀବନ

## ଅଠରବାଙ୍କୀରେ ରାସ୍ତାରୋକରେ ପାରାଦୀପକୁ ଯାତାୟତ ବନ୍ଦ



ପାରାଦୀପ(ମହାଭାରତ): ବୁଧବାର ଦିନ ମଧ୍ୟାହ୍ନରେ ପାରାଦୀପ ନେହେରୁବଙ୍ଗଳା ରାସ୍ତାରେ ଏକ ଅଜଣା ଟ୍ରକ୍ ଚାପାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ଘଟଣାରୁ ପ୍ରକାଶଯେ,ପାରାଦୀପ ବୃନ୍ଦାବନ କଲୋନୀରେ ରହୁଥିବା ଉପେନ୍ଦ୍ର ଭୋଳଙ୍କ ଏକମାତ୍ରପୁଅ ରାକେଶ ଭୋଳ(୨୧) ତାଙ୍କର ଜଣେ ବନ୍ଧୁଙ୍କ ଜନ୍ମଦିନ ପାଳନ କରିବାକୁ ତିନି ଜଣ ସାଙ୍ଗ ଏକ ସ୍କୁଟି ଯୋଗେ ନେହେରୁ ବଙ୍ଗଳା ଯାଉଥିଲେ । ଅଟରବାଙ୍କୀ ନେହେରୁ ବଙ୍ଗଳା ରାସ୍ତାରେ ସ୍କୁଟିରେ ଯାଉଥିବା ବେଳେ ପଛ ପଟୁ ଏକ ଅଜଣା ଟ୍ରକ୍ ସ୍କୁଟିକୁ ଧକ୍କା ଦେଇଥିଲା । ସ୍କୁଟିରେ ଥିବା ଦୁଇ ଜଣ ସାଙ୍ଗ ଆଗକୁ ଛିଟିକି ପଡିଥିବା ବେଳେ ପଛରେ ବସିଥିବା ରାକେଶ ତଳେ ପଡି ଯାଇଥିଲେ ଟ୍ରକ୍ ତାଙ୍କ ମୁଣ୍ଡ ଉପରେ ଚଢି ଯାଇଥିଲା । ଘଟଣାସ୍ଥଳରେ ହିଁ ରାକେଶଙ୍କର ମୃତ୍ୟୁ ଘଟିଥିଲା । ଦୂର୍ଘଟଣା ଘଟାଇ ଟ୍ରକ୍ ସେଠାରୁ ଫେରାର ହୋଇଯାଇଥିଲା । ସ୍କୁଟିରେ ଥିବା ରାକେଶଙ୍କର ଦୁଇ ସାଙ୍ଗଙ୍କ ମଧ୍ୟରୁ ଜଣଙ୍କର ଅବସ୍ଥା ଗୁରୁତର ଥିବା ବେଳେ ଅନ୍ୟ ଜଣେ ସାମାନ୍ୟ ଆହତ ହୋଇଛନ୍ତି । ଏହି ଦୂର୍ଘଟଣାର ଖବର ପାଇ ବୃନ୍ଦାବନ କଲୋନୀ ବାସିନ୍ଦାମାନେ ଅଠରବାଙ୍କୀଠାରେ ରାସ୍ତାରୋକ କରିଛନ୍ତି । ଏହି ରାସ୍ତାରୋକରେ ତିନି ପ୍ରମୁଖ ରାଜନୈତିକ ଦଳର ନେତାମାନେ ସାମିଲ ହୋଇଥିବା ଦେଖିବାକୁ ମିଳିଛି । ରାସ୍ତାରୋକ ଫଳରେ ପାରାଦୀପକୁ ଯାତାୟତ ବନ୍ଦ ହୋଇଯାଇଛି । ଘଣ୍ଟାଘଣ୍ଟା ଧରି ଏହି ରାସ୍ତାର ଉଭୟ ପାର୍ଶ୍ୱରେ ଗାଡି ମଟର ଠିଆ ହୋଇ ରହିଛି । ରିପୋର୍ଟ ଲେଖା ହେବା ବେଳକୁ ରାସ୍ତାରୋକ ଜାରୀ ରହିଥିବା ବେଳେ ଘଟଣାସ୍ଥଳରେ ପାରାଦୀପ ଆଦର୍ଶ ଥାନା ପୋଲିସ୍ ମୁତୟନ ହୋଇଛନ୍ତି ।

## ଗୁରୁ ଦିବସ ଓ ଗୁରୁ ପୂଜନ ଉତ୍ସବ

କେନ୍ଦ୍ରାପଡା,(ମହାଭାରତ): ବାରୁଅ ସ୍ଥିତ ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଭାବଗ୍ରାହୀ କଳା ନିକେତନ ଏବଂ ଜିଲ୍ଲାର ଏକମାତ୍ର ଗୋଷ୍ଠୀ ବେତାର କେନ୍ଦ୍ର ରେଡିଓ ଭାବଗ୍ରାହୀର ମିଳିତ ଆନୁକୂଲ୍ୟରେ ଆଜି ଅପରାହ୍ନରେ ଅନୁଷ୍ଠାନର ଚିରସବୁଜ ଅକ୍ଷୟ ମହାନ୍ତି କକ୍ଷରେ ପବିତ୍ର ଗୁରୁଦିବସ ଉପଲକ୍ଷେ ଗୁରୁ ପୂଜନ ଓ ବନ୍ଦନ ଉତ୍ସବ ଯଥାବିଧି ଅନୁଷ୍ଠିତ ହୋଇଯାଇଛି । କଳା ନିକେତନ ତଥା ରେଡିଓ ଭାବଗ୍ରାହୀର ପ୍ରାଣ ପ୍ରତିଷ୍ଠାତା ସଂଗୀତ ନିର୍ଦ୍ଦେଶକ ବିମଳ ପ୍ରସାଦ ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଭବ୍ୟ ଉତ୍ସବରେ ପଣ୍ଡିତ୍ ପଦ୍ମନାଭ ଦାଶ ମୁଖ୍ୟ ଅତିଥି ଏବଂ ବାଣୀ ବିନୋଦ ସାହିତ୍ୟ ସେବା ନିକେତନର ସଭାପତି ନିରଂଜନ ପରିଡା ମୁଖ୍ୟ ବକ୍ତା ଭାବରେ ଯୋଗଦେଇ ଗୁରୁ ଦିବସରେ ଗୁରୁ ପୂଜନ ଓ ବନ୍ଦନର ତାତ୍ପର୍ଯ୍ୟ ସଂପର୍କରେ ଆଲୋଚନା କରିଥିଲେ । ସମ୍ମାନିତ ଅତିଥି ଭାବରେ ଅନୁଷ୍ଠାନର ତବଲା ଗୁରୁ ତଥା ସଭାପତି ସମୀରଂଜନ ଦାସ, ଓଡିଶୀ ସଂଗୀତ ଗୁରୁ ପ୍ରମୋଦ କୁମାର ଦାସ, ଓଡିଶୀ ନୃତ୍ୟ ଗୁରୁ ପ୍ରକାନ୍ତ କୁମାର ମହାରଣା ଏବଂ ପ୍ରାଧାପକ ପ୍ରଶାଂ ପାଣି ଯୋଗଦେଇ ନୃତ୍ୟ, ବାଦ୍ୟ ଓ ସଂଗୀତ କ୍ଷେତ୍ରରେ ବିନା ଗୁରୁରେ ସଫଳତା ଲାଭ କରିବା ଅସମ୍ଭବ ବୋଲି କହିଥିଲେ । ସତୀର୍ଥର ସଭାପତି କବି ଅମର ବିଶ୍ୱାଳ, କବି ତଥା ନାଟ୍ୟକାର ଗଗନ ବିହାରୀ ଜେନା,



ନାଟ୍ୟକାର ଭୀମସେନ ପ୍ରଧାନ, ଗ୍ରାମ୍ୟ ଉନ୍ନୟନ ସାଂସ୍କୃତିକ ଯୁବ ସଂଗଠନର ସଂପାଦକ ଚିତ୍ତରଂଜନ ପ୍ରଧାନ, ଅଭିନେତା ଦିଲ୍ଲିପ ବାରିକ, ପ୍ରଭାତ ବେହେରା ପ୍ରମୁଖ ଉପସ୍ଥିତ ରହି ସର୍ବଭାରତୀୟ ପରମ୍ପରାରେ ପ୍ରାଚୀନ ଗୁରୁମାନଙ୍କର ଆଦର୍ଶ ଜୀବନ ସଂପର୍କରେ ଆଲୋକପାତ କରିଥିଲେ ।

## ନିୟମଗିରି ପାହାଡ଼ରେ ପ୍ରଥମ ଥର ପାଇଁ କଫି ଋଷ ଆରମ୍ଭ

ବିଷମ କଟକ:(ମହାଭାରତ)ସମୁଦ୍ର ପତ୍ତନ ଠାରୁ ୯୦୦ ମିଟରରୁ ସୁଉଚ୍ଚ ରେ ଅବସ୍ଥିତ ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକ୍ ଖମ୍ବେସି ଓ ହୁଂଡିଜାଲି ଗ୍ରାମରେ ପ୍ରଥମ ଥର ପାଇଁ କଫି ଋଷ ଆରମ୍ଭ ହୋଇଛି। ଜଳଛାୟା ମିଶନ, ରାୟଗଡା ଓ କଫି ବୋର୍ଡ, କୋରାପୁଟ ର ମିଳିତ ଅନୁଦାନ ରେ ଓପିଲିପି-ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା ସହଯୋଗରେ ଖାଂବେସି ଗ୍ରାମର ୧୦୦ ଜଣ ଋଷୀ ୬୦ ହେକ୍ଟର ଜଙ୍ଗଲ ଜମି ଓ ହୁଂଡିଜାଲି ଗ୍ରାମ ରେ ୨୦ ଜଣ ଋଷୀ ୧୦ ହେକ୍ଟର ଜଙ୍ଗଲ ଜମିରେ କଫି ଋଷ ପାଇଁ ଆଜି ଆର୍ବିକା କିସମର କଫି ଋରା ରୋପଣ ର ଶୁଭାରମ୍ଭ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଦୟାନିଧି ବାଗ, ଜଳଛାୟା ମିଶନ, ରାୟଗଡ, ଶ୍ରୀ ସଦାଶିବ ନାୟକ, ବିଡ଼ିଓ, ଶ୍ରୀ ଜଗବନ୍ଧୁ ମେହେର, ସ୍ୱତନ୍ତ୍ର



ଅଧିକାରୀ, ଡ଼ିକେଡିଏ,ଶ୍ରୀମତି ସୁବାରଦିନି ଓ୍ୱାଡ଼କା, ସରପଞ୍ଚ ଙ୍କ ସମେତ ଜଳଛାୟା ମିଶନର କ୍ଷେତ୍ର ଅଧିକାରୀ ରମେଶ ବାବୁ,ଓପିଲିପି ର ପ୍ରକଳ୍ପ ପରିଋଳକ ସୁଦର୍ଶନ ପାଢ଼ୀ, ତପନ ନାୟକ, ଏପିଓ ମାନସୀ ପାତ୍ର ପ୍ରମୁଖ ଙ୍କ ସହ ବିଭିନ୍ନ ବିଭାଗୀୟ ଅଧିକାରୀ ଏବଂ ୧୦୦ ରୁ ଊର୍ଦ୍ଧ୍ୱ ଋଷୀ ଯୋଗ ଦେଇଥିଲେ।

## ଦେବଗିରି ମହାବିଦ୍ୟାଳୟ ର ୧୩ ତମ ପ୍ରତିଷ୍ଠା ଦିବସ ପାଳିତ



ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ରେ ଥିବା ଦେବଗିରି ମହାବିଦ୍ୟାଳୟ ର ୧୩ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି ପବିତ୍ର ଗୁରୁଦିବସ ଦିନ ମହାବିଦ୍ୟାଳୟ ପ୍ରତିଷ୍ଠା କରାଯାଇଥିଲା ପୂର୍ବ ରୁ ଏହି ବ୍ଲକ ରେ ଉଚ୍ଚ ଶିକ୍ଷା ନିମନ୍ତେ କୌଣସି ମହାବିଦ୍ୟାଳୟ ନଥିବା ରୁ ବହୁ ଛାତ୍ର ଛାତ୍ରୀ ଉଚ୍ଚଶିକ୍ଷା ଗ୍ରହଣ କରିପାରୁନ ଥିଲେ ଏହି ମହା ବିଦ୍ୟାଳୟ ସ୍ଥାପିତ ହେବା ପରେ ଏହି ଅଞ୍ଚଳ ର ଶିକ୍ଷା ର ବିକାଶ ହେବା ସହ ଛାତ୍ର ଛାତ୍ରୀ ନିଜ ଅଞ୍ଚଳରେ ଉଚ୍ଚଶିକ୍ଷା ଲାଭ କରିବାକୁ ସୁଯୋଗ ପାଇଛନ୍ତି ବର୍ତ୍ତମାନ ରାୟଗଡା ଜିଲ୍ଲା ର ପ୍ରତିଷ୍ଠିତ ଶିକ୍ଷାଅନୁଷ୍ଠାନ ଭାବେ ପରିଚୟ ଲାଭ କରିଛି ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉଚ୍ଚଶିକ୍ଷା ବିଭଗ ର ପୂର୍ବତନ ଆଞ୍ଚଳିକ ନିର୍ଦ୍ଦେଶକ ଲକ୍ଷ୍ମୀ ନାରାୟଣ ତ୍ରିପାଠୀ ଓ ସମ୍ମାନିତ ଅତିଥି ଭାବେ କ ଜୋନ ର ଜିଲ୍ଲା ପରିଷଦ ସଭ୍ୟ ବି. ଭି. ଓ୍ୱରା ପ୍ରସାଦ ରାଓ, ସମ୍ମାନୀତ ଅତିଥି ଭାବେ ଅବସର ପ୍ରାପ୍ତ ଶିକ୍ଷକ ତଥା ବରିଷ୍ଠ ଶିକ୍ଷାବିତ ଭି. ସୂର୍ଯ୍ୟ ପ୍ରକାଶ ରାଓ , ବକ୍ତା ଭାବେ ବରିଷ୍ଠ ଶିକ୍ଷାବିତ ତଥା ରାୟଗଡା ସଂଘ ଶାସିତ ମହା ବିଦ୍ୟାଳୟ ର ପୂର୍ବତନ ଅଧକ୍ଷ ସୂର୍ଯ୍ୟ ନାରାୟଣ ତ୍ରୀପାଠୀ, ବାବା ସରୁପା ନନ୍ଦ ଗିରି ଦେବଗିରି ମହାବିଦ୍ୟାଳୟ ଅଧକ୍ଷ ଯୋଗେଶ୍ୱର ଗରଡା ମଞ୍ଚାସିନ ଥିଲେ ଏହି ଅବସର ରେ ଅତିଥି ମାନେ ଛାତ୍ର ଛାତ୍ରୀ ମାନେ କିପରି ଶିକ୍ଷା ରେ ଉନ୍ନତି କରିପାରିବେ ଏବଂ ତାଙ୍କ ଭବିଷ୍ୟତ କିପରି ଉଜଳମୟ ହେବ ମାର୍ଗଦର୍ଶନ ଦେଇଥିଲେ ଏହି ଅବସର ରେ ବିଭିନ୍ନ ପ୍ରତିଯୋଗିତା ରେ କୃତିତ୍ୱ ଲାଭ କରିଥିବା ଛାତ୍ର ଛାତ୍ରୀ ମନଙ୍କୁ ପୁରସ୍କୃତ କରାଯାଇ ଥିଲା ଏହି କାର୍ଯ୍ୟକ୍ରମ କୁ ମହାବିଦ୍ୟାଳୟ ର ଅଧାପକ ଅଧାପିକା ସମସ୍ତ କର୍ମଋରୀ ଓ ପରିଋଳନା କମିଟି ର ସଦସ୍ୟ ସହଯୋଗ କରିଥିଲେ

## ଜଙ୍ଗଲ ରୁ ମୃତଦେହ ଉଦ୍ଧାର

କପ୍ତିପଦା -(ମହାଭାରତ ): କପ୍ତିପଦା -କପ୍ତିପଦା ଥାନା ଜଡିଦା ପଞ୍ଚାୟତ ନେଦାମ ଜଙ୍ଗଲ ରୁ ଜଣେ ବୃଦ୍ଧଙ୍କ ମୃତଦେହ ଉଦ୍ଧାର ହୋଇଛି । ଘଟଣାରୁ ଜଣାପଡିଛି କି ନେଦାମ ଗ୍ରାମର(ଲୋଧାସାହି ) ଦାମୁଭକ୍ତା (୬୧) ବୁଧବାର ସ୍ତ୍ରୀ କୁ ରୋଷେଇ କରିବାକୁ କହି ନିକଟସ୍ଥ ଜଙ୍ଗଲକୁ ଛତୁ ଆଣିବାକୁ କହି ଯାଇଥିଲା,ତେବେ ବିଳମ୍ବିତ ସମୟ ପର୍ଯ୍ୟନ୍ତ ନ ପହଞ୍ଚିବାରୁ ସ୍ତ୍ରୀ ରୁନ୍ଧି ବଦ୍ରା ଅନେକ ଖୋଜାଖୋଜି କରିଥିଲା, କିନ୍ତୁ ରାତି ହେବା ପର୍ଯ୍ୟନ୍ତ କୌଣସି ଖବର ପାଇ ନଥିଲା ।ଗୁରୁବାର ସକାଳୁ ଗ୍ରାମବାସୀ ଙ୍କ ଠାରୁ ଖବର ପାଇ ଘରଠାରୁ ପ୍ରାୟ ୧କିଲୋମିଟର ଦୂର ଜଙ୍ଗଲ ନିକଟରୁ ମୃତଦେହକୁ ଚିହ୍ନଟ କରିଥିଲା । ଖବର ପାଇଁ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ଉଦ୍ଧାର କରିବା ସହ ବ୍ୟବଚ୍ଛେଦ ପାଇଁ ଉଦଳା ଡାକ୍ତରଖାନା କୁ ପଠାଇଛି ।ମୃତ୍ୟୁ ର କାରଣ ଜଣା ପଡି ନଥିଲେ ବି ପ୍ରତ୍ୟେକ ଦିନ ମଦପିଇ ନିଶାରେ ରହୁଥିବା ବେଳେ ବୁଧବାର ମଦ ଆଣିବା ପାଇଁ ଯାଇଥିବା ବେଳେ ପାହାଡ ତଳକୁ ପଡ଼ି ମୃତ୍ୟୁ ବରଣ କରିଥାଇ ପାରେ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ନେଦାମ ଅଞ୍ଚଳରେ ଚୋରା ମହୁଲି ମଦ ତିଆରି ହେଉଥିବା ବେଳେ ବିକ୍ରି ମଧ୍ୟ ହେଉଛି,ଯାହାକୁ ପିଇ ଗରିବ ଲୋକେ ଅକାଳରେ ମୃତ୍ୟୁ ବରଣ କରୁଥିବା ସ୍ଥାନିୟ ଲୋକେ ଅଭିଯୋଗ କରିଛନ୍ତି।

## ସ୍କାଉଟ ଗାଇଡ଼ ମାନଙ୍କ ଦ୍ୱାରା ଗୁରୁଦିବସ ଅବସରରେ ବୃକ୍ଷରୋପଣସହ ସଫେଇ କାର୍ଯ୍ୟକ୍ରମ

ଆସିକା (ମହାଭାରତ): ଆସିକା ରାମକୃଷ୍ଣ ଆଦର୍ଶ ବିଦ୍ୟାମନ୍ଦିର ସ୍କାଉଟ ଓ ଗାଇଡ଼ ମାନଙ୍କ ଦ୍ୱାରା ଗୁରୁଦିବସ ଅବସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆଜି ପବିତ୍ର ଗୁରୁଦିବସ ଅବସରରେ ପ୍ରଥମେ ବିଦ୍ୟାଳୟ ସ୍କାଉଟ ଓ ଗାଇଡ଼ ଓ ଛାତ୍ର ଛାତ୍ରୀ ମାନେ ଗୁରୁଜୀ ଗୁରୁମା ମାନଙ୍କୁ ଗୁରୁ ପୂଜନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ପରେ ପରେ ନିକଟସ୍ଥ ଠାକୁରାଣୀ ମନ୍ଦିର ପାର୍ଶ୍ୱରେ ବିଦ୍ୟାମନ୍ଦିର ସ୍କାଉଟ ମାଷ୍ଟର କମଳେନ୍ଦୁ ହୋତା, ଗାଇଡ଼ କ୍ୟାପଟେନ କାଦମ୍ବିନୀ ହୋତା, ଲୀନାକୁମାରୀ ସ୍ୱାଇଁ ଙ୍କ ନେତୃତ୍ୱ ରେ କିଛି ବୃକ୍ଷ ଋରା ରୋପଣ କରିବା ସହ ଉକ୍ତ ସ୍ଥାନଟିକୁ ସଫେଇ କାର୍ଯ୍ୟକ୍ରମ କରିଥିଲେ । ସ୍କାଉଟ ଗାଇଡ଼ ମାନଙ୍କ ଏହି ନିଆରା ପ୍ରୟାସ କୁ ଅଞ୍ଚଳବାସୀ ସ୍ୱାଗତ କରିଛନ୍ତି । ଆଜି କାର ଏହି କାର୍ଯ୍ୟକ୍ରମ ରେ ବିଦ୍ୟାମନ୍ଦିର ପ୍ରଧାନାଋର୍ଯ୍ୟ ଅନ୍ନପୂର୍ଣ୍ଣା ଆଋର୍ଯ୍ୟ, ସହସମ୍ପାଦକ ଦିଲ୍ଲୀପ କୁମାର ଶତପଥି,କାର୍ତ୍ତିକେଶ୍ୱର ପୋଲାଇ, ଅନିଲ ଗୁରୁଜୀ, କାର୍ତ୍ତିକେଶ୍ୱର ବେହେରା, ଅଜୟ କୁମାର ପଟ୍ଟନାୟକ, ଅନ୍ତର୍ଯ୍ୟାମି ସାହୁ, ସଙ୍ଗୀତା ପାତ୍ର, ସୁନୀତା କୁମାରୀ ମହାପାତ୍ର,କେ ମାଧବି ଆଋରୀ, ସସ୍ମିତା କୁମାରୀ ସାହୁ, ଅଶୋକ କୁମାର ପଟ୍ଟନାୟକ, କେ କମଳା କୁମାରୀ ଆଋରୀ ପ୍ରମୁଖ ସହଯୋଗ କରିଥିଲେ ।

## ଗୁରୁଦିବସ ପାଳନ

ରେଙ୍ଗାଲି(ମହାଭାରତ):ସ୍ୱାଧୀନ ଏକତା ସଙ୍ଗଠନ ରେଙ୍ଗାଲି ଓ ଏସ ସି ଆଇ ଟି କମ୍ପୁଟର ଶିକ୍ଷାନୁଷ୍ଠାନ ପକ୍ଷରୁ ପବିତ୍ର ଗୁରୁଦିବସ ଅବସରରେ ଶିକ୍ଷା ଓ ଦୀକ୍ଷା ରେ ସୁନାମ ଅର୍ଜନ କରିଥିବା ରେଙ୍ଗାଲି ଅଞ୍ଚଳ ର କିଛି ଗୁରୁ ଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଗଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ରେଙ୍ଗାଲୀ ର ପୂର୍ବତନ ବିଧାୟକ ଦୁର୍ଯ୍ୟୋଧନ ଗର୍ଡିଆ ମୁଖ୍ୟ ବକ୍ତା ଭାବେ ରେଙ୍ଗାଲି ସାମ୍ବାଦିକ ସଙ୍ଘ ର ସଭାପତି ହରିହର ନାଥ ତଥା ଅନ୍ୟାନ୍ୟ ଅତିଥି ଭାବେ ସରୋଜ ପୁଝାରୀ ଓ ପଞ୍ଚାନନ ସକ୍ଷ ଯୋଗ ଦାନ କରି ସମ୍ମାନିତ କରିଥିଲେ ଶିକ୍ଷା ପ୍ରଦାନ କରୁଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ର ଶିକ୍ଷୟିତ୍ରି ଲୁସି ସାହୁ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ରେଙ୍ଗାଲି ର ଗରୁମା ସଞ୍ଜୁଲତା ସାହୁ, ଲପଙ୍ଗକ୍ଷ ଉଚ୍ଚ ବିଦ୍ୟାଳୟ ର ଶିକ୍ଷୟିତ୍ରୀ ଶର୍ମିଷ୍ଠା ନାୟକ , ତିଲିୟା ଉଚ୍ଚ ବିଦ୍ୟାଳୟ ର ଶିକ୍ଷକ ହେମନ୍ତ ଖଡିଆ ତଥା ବିଭିନ୍ନ କ୍ଷେତ୍ର ରେ ପରିଦର୍ଶିତା ଥିବା ଦୁଇ ଜଣ ଗୁରୁ ଯେପରି ପରିକ୍ଷିତ ବାହୁକ ଯେ କଳା ଓ ସଂସ୍କୃତି କୁ ବଞ୍ଚାଇ ରଖି ତାର ପ୍ରଋର ଓ ପ୍ରସାର କରି ଆସୁଛନ୍ତି ବିଗତ ୪୨ ବର୍ଷ ରୁ ଓ ରଥଚରଣ ଖୀଚିଡି ଯେ ବିଷ୍ଣା ସାପ ଧରାଳି ଭାବେ ପରିଚିତ ।ଏହି କାର୍ଯ୍ୟକ୍ରମ କୁ ପରିଚଳନା କରିଥଲେ ସ୍ୱାଧୀନ ଏକତା ସଙ୍ଗଠନ ର ଉପସଭାପତି ଅମିତ ସାହୁ ଏଂ ସଙ୍ଗଠନ ର ସଭାପତି ତଥା କମ୍ପ୍ୟୁଟର ସେଣ୍ଟର ର ନିର୍ଦ୍ଦେଶକ ରାଜିବ ମିଶ୍ର ସ୍ୱାଗତ ଅଭିଭାଷଣ ଦେଥିଲେ ସଙ୍ଗଠନ ର ସହ ସଂପାଦକ ସରୋଜ ବିଶୋଇ ଧନ୍ୟବାଦ ପ୍ରଦାନ କରିଥଲେ କାର୍ଯକ୍ରମ ରେ ସହଯୋଗ କରିଥଲେ କମ୍ପ୍ୟୁଟର ସେଣ୍ଟର ର ଶିକ୍ଷୟତ୍ରି ଶିବାନୀ ମେହେର, ସୁନୀତା ରଣକ୍ଷ , ଅନୁ ଭଇଁସା, ପ୍ରମିତା ପ୍ରଧାନ, ମିହିର ପଧାନ।

# ବିଜେପି ଯୁବ ନେତାଙ୍କୁ ମରଣାତ୍ମକ ଆକ୍ରମଣ



ଆସିକା (ମହାଭାରତ): ଆସିକା ବିଜେପି ଯୁବ ନେତାଙ୍କୁ ମରଣାତ୍ମକ ଆକ୍ରମଣ । ଗଞ୍ଜାମ ଜିଲ୍ଲା ଆସିକା କୋଟିନଡ଼ା ଥାନା ସ୍ଥିତ କଲେଜ ଛକ ସୂତାକଲ ରାସ୍ତାରେ ରାଜନୈତିକ ଶତ୍ରୁତା ନେଇ ବିଜେପି ନେତା ଶ୍ରୀନିବାସ ଭଞ୍ଜଙ୍କୁ ଆକ୍ରମଣ। ଘଟଣା ସ୍ଥଳରୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ଆସିକା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ଅବସ୍ଥା ସଂକଟପର୍ଣ୍ଣ ହେବାରୁ ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲ କୁ ସ୍ଥାନାନ୍ତର କରାଯାଇଛି ।ପ୍ରକାଶ ଥାଉକୁ ଶ୍ରୀନିବାସ ଭଞ୍ଜ କଲେଜ ଛକ ବାସିନ୍ଦା ଅଟନ୍ତି । ସେ ଭାରତୀୟ ଜନତା ପାର୍ଟିର ଘୁମୁସର ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ରହିଥିଲା ବେଳେ ଜିଲ୍ଲା ପରିଷଦ ଭାବେ ବିଜେପି ଦଳ ପକ୍ଷରୁ ଦୁଇ ଦୁଇ ପ୍ରାର୍ଥୀ ହୋଇଥିଲେ । ଆକ୍ରମଣ ଘଟଣାକୁ ନେଇ ସେ ରାଜନୈତିକ ଶତ୍ରୁତା ଥିବା କହିଛନ୍ତି କ୍ଷ ଏପରିକି ଏହା ଏକ ସୁଚିନ୍ତିତ ଯୋଜନା ଥିଲା ।ଅନ୍ଧାରର ସୁଯୋଗ ନେଇ ସୂତାକଲ ଛକ ରୁ ଘରକୁ ଫେରୁଥିବା ସମୟରେ ଦୁଇ ରୁ ତିନି ଜଣ ବ୍ୟକ୍ତି ରାସ୍ତାରେ ଜବରଦସ୍ତି ଅଟକାଇ ବିଭିନ୍ନ ଅଶିଳ ଭାଷାରେ ଗାଳି ଦେଇ ତୁ ଆସିକାରେ ବେଶୀ ରାଜନୀତି କରୁଛୁ । ଆଜି ତୋତେ ଜୀବନରେ ମାରିଦେବୁ କହିଲେ ଏତିକି ବେଳେ ଶ୍ରୀନିବାସ ଘଟଣା ସ୍ଥଳରୁ ପଳେଇ ଯିବାପାଇଁ ଉଦ୍ୟମ କରୁଥିବା ବେଳେ ଆସାମୀ ମାନେ ମିଳିତ ଭାବେ ଲୁହା ରଡ଼ ଓ ବିଭିନ୍ନ ମରଣାତ୍ମକ ଅସ୍ତ୍ର ସାହାଯ୍ୟରେ ଭଞ୍ଜଙ୍କୁ ଜୀବନରେ ମାରିଦେବା ଉଦ୍ଦେଶ୍ୟ ରେ ଗୋଡେଇ ଗୋଡେଇ ଆକ୍ରମଣ କରି ଥିଲେ । ଭଞ୍ଜ ପ୍ରାଣ ବିକଳରେ ନିଜ ଜୀବନ ରକ୍ଷା କରିବା ପାଇଁ ସେଇ ରାସ୍ତା କଡ଼ରେ ଜଣଙ୍କ ଘରକୁ ପଶି ଯାଇ ପାଟି କରିବାରୁ ସ୍ଥାନୀୟ ଲୋକ ଆସି ଶ୍ରୀ ଭଞ୍ଜଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଆସିକା ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ । ତାଙ୍କ ଅବସ୍ଥା ଉଦବେଗ ଜନକ ଥିବା ବେଳେ କାର୍ଯ୍ୟରତ ଡାକ୍ତରଙ୍କ ପରାମର୍ଶ କର୍ମେ ବ୍ରହ୍ମପୁର ବଡ ମେଡିକାଲକୁ ୧୦୮ ଆମ୍ବୁଲାନ୍ସ ମାଧ୍ୟମରେ ପଠାଇ ଥିଲେ । ଏହି ଆକ୍ରମଣ ଘଟଣା ବିରୋଧ ରେ କୋଟିନଡ଼ା ଥାନାକୁ ଏକ ଲିଖିତ ଅଭିଯୋଗ ପ୍ରଦାନ କରିଛନ୍ତି । ଏହି ଅଭିଯୋଗରେ ଗତ ୧୬-୦୮-୨୦୨୪ ରେ ଆସିକା ଚିନି ଶିଳ୍ପ ମଧ୍ୟ ଇଂରାଜୀ ବିଦ୍ୟାଳୟ ଅନତ୍ର ଉଠେଇ ନେବା ଘଟଣାରେ ଆସିକା ରେ ଏକ ଆନ୍ଦୋଳନ ହୋଇଥିଲା ।ଏହାର ନେତୃ ଶ୍ରୀନିବାସ ଭଞ୍ଜ ନେଇଥିଲେ। ସେଇ ଦିନ ଦିନ ୧୦ ଘଣ୍ଟା ବେଳେ ଚିନି ଶିଳ୍ପ ନୂଆଁଗାଁ ଠାରେ ବିଧାୟକଙ୍କ ସହ କଥା କଟା କଟି ପ୍ରତେକ୍ଷ ଭାବେ ହୋଇଥିଲା । ଏହି ଘଟଣା ଏତିକିରେ ସରି ନଥିଲା । ବିଜେପି ରାଜ୍ୟ କାର୍ଯ୍ୟାଳୟରେ ବିଧାୟକଙ୍କ ବିରୋଧରେ ଏହାର ଦୃଢ଼ ପ୍ରତିବାଦ କରିଥିଲେ । ସେଠାରେ ମଧ୍ୟ ବିଧାୟକଙ୍କ ସହ ଉଚ୍ଚ ବଚସା ହୋଇଥିଲା । ନିର୍ବାଚନ ପୂର୍ବରୁ ଆସିକାରେ ବିଜେପି ଦୁଇ ଗୋଷ୍ଠିରେ ପରିଣତ ହୋଇଛି । ଏହି ଆକ୍ରମଣ ଘଟଣା ଆଜି ଚରମ ସୀମାରେ ପହଞ୍ଚିଛି । ଶହ ଶହ ଦଳୀୟ କର୍ମୀ ଶ୍ରୀନିବାସଙ୍କୁ ମେଡିକାଲରେ ଦେଖା କରିବା ସହ ଦଳଗତ ନିର୍ବିଶେଷ ରେ ଏହି ଘଟଣାକୁ ନିନ୍ଦା କରାଯାଇଛି। ବହୁଦିନ ପରେ ପୁଣି ରାଜ ନୈତିକ ଆକ୍ରମଣ ପୂନରାବର୍ତ୍ତୀ ହୋଇଛି । ଆସିକା କଲେଜ ଛକ ଓ ସହରରେ କୋକୁଆ ଭୟ ସଷ୍ଟି ହୋଇଛି । ଅଧିକ ଗଣ୍ଡଗୋଳ ଆଶଙ୍କା ରଖି ସହରରେ ବ୍ୟାପକ ପୋଲିସ ମୁତୟନ ହୋଇଛି । ଘଟଣା ସ୍ଥଳରେ କୋଟିନଡ଼ା ଥାନା ଅଧିକାରୀଙ୍କ ସମେତ ଆସିକା ଥାନା ଅଧିକାରୀ, ଓ ଉଚ୍ଚ ଅଧିକାରୀ ମାନେ ପରିଦର୍ଶନ କରିଛନ୍ତି । ଖବର ଲେଖା ସୁଦ୍ଧା ଏହି ଘଟଣାରେ କୌଣସି ଆସାମୀ ଗିରଫ ହୋଇ ନାହାନ୍ତି । ପୂର୍ବରୁ ରାଜନୀତି ପାଇଁ ଅନେକ ମୁଣ୍ଡ ଗଡିଛି । ପୁଣି ଏହି ଘଟଣା ଆସିକାରେ ପୁନରାବର୍ତ୍ତି ହେବାର ବୃଦ୍ଧି ଜିବୀ ଓ ଆସିକା ଅଞ୍ଚଳରେ ଚର୍ଚ୍ଚା ହେଉଛି ।

## ପାରାଦୀପ ପୋର୍ଟ ଡିଏଲଆର ସଂଘର ନୂତନ କର୍ମକର୍ତ୍ତା ମନୋନୀତ

# ପ୍ରକାଶ ତ୍ରିପାଠୀ ନୂତନ ସଭାପତି




ପାରାଦୀପ(ମହାଭାରତ) : ପାରାଦୀପ ବନ୍ଦରରେ ଦୀର୍ଘ ବର୍ଷ ହେବ ଅବହେଳିତ ଅବସ୍ଥାରେ କାର୍ଯ୍ୟ କରି ଆସୁଥିବା ପାରାଦୀପ ବନ୍ଦର ର ଡିଏଲଆର ଓ ଚୁକ୍ତି ଭିତ୍ତିକ ଶ୍ରମିକମ ମାନଙ୍କ ସ୍ୱାର୍ଥ ରକ୍ଷା ଲାଗି ଗଠିତ ପାରାଦୀପ ପୋର୍ଟ ଡିଏଲଆର ଆଣ୍ଡ କଣ୍ଟ୍ରାକ୍ଟ ଓ୍ୱାର୍କମେନ ଆସୋସିଏସନ ର ଏକ ବଡ ଧରଣର ନେତୃତ୍ୱ ପରିବର୍ତ୍ତନ ଘଟିଛି । ଏହି କ୍ରମରେ ବୁଧବାର ସନ୍ଧ୍ୟାରେ ସ୍ଥାନୀୟ ନୂତନ କଲ୍ୟାଣୀ ମଣ୍ଡପ ଠାରେ ଆସୋସିଏସନ ର ଏକ ନେତୃତ୍ୱ ପରିବର୍ତ୍ତନ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଉପସ୍ଥିତ ଶତାଧିକ ଡିଏଲଆର ସଭ୍ୟ ଓ ସଭ୍ୟା ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ଓ ଦୃଢ଼ ନେତୃତ୍ୱ ପାଇଁ ପାରାଦୀପ ପୋର୍ଟ ମଜଦୁର ସଂଘ ର ସଭାପତି ତଥା ବିଶିଷ୍ଟ ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ ଙ୍କୁ ସର୍ବସମ୍ମତି କ୍ରମେ ସଭାପତି ଭାବେ ମନୋନୀତ କରିଥିବା ବେଳେ କାର୍ଯ୍ୟକାରୀ ସଭାପତି ଭାବେ ପରେଶ ମୁର୍ମୁ, ସାଧାରଣ ସମ୍ପାଦକ ଭାବେ ଅଭିମନ୍ୟୁ ବେହେରା, ଉପସଭାପତି ସୁବ୍ରତ ପ୍ରଧାନ, ମୁଖ୍ୟ ଉପଦେଷ୍ଟା ସର୍ବେଶ୍ୱର ବଳିୟାରସିଂହ, ଉପଦେଷ୍ଟା ଭାବେ ଶିଶିର କୁମାର ନାୟକ, ଉପ କାର୍ଯ୍ୟକାରୀ ସଭାପତି ଭାବେ ପ୍ରକାଶ ଚନ୍ଦ୍ର ସ୍ୱାଇଁ, ମୁରଲୀଧର ବେହେରା ଓ ସୁରେନ୍ଦ୍ର କୁମାର ବେହେରା, ଉପସଭାପତି ପରମେଶ୍ୱର ଆଋର୍ଯ୍ୟ, ସହ ସମ୍ପାଦକ ଅନନ୍ତ କୁମାର ମଲ୍ଲିକ ଏବଂ କୋଷାଧକ୍ଷ ଭାବେ ଧ୍ରୁବ ଚରଣ ବେହେରା ପ୍ରମୁଖ ମନୋନୀତ ହୋଇଥିଲେ ।ଏହି ଅବସରରେ ପ୍ରକାଶ ସ୍ୱାଇଁ ଙ୍କ ସଭାପତିତ୍ୱ ରେ ଆୟୋଜିତ ସାଧାରଣ ସଭାରେ ଡିଏଲଆର କର୍ମଋରୀ ମାନେ ସେମାନଙ୍କ ଅଭାବ, ଅସୁବିଧା ଓ ଦୁଃଖ ବିଷୟରେ ଚିତ୍ରଣ କରି ନିଜ ହକ ହାସଲ ପାଇଁ ଶ୍ରୀ ତ୍ରିପାଠୀ ଙ୍କ ନେତୃତ୍ୱରେ ଜୋରଦାର ସଂଗ୍ରାମ ଜାରି ରଖିବାକୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ଆସୋସିଏସନ ର ନୂତନ ସଭାପତି ପ୍ରକାଶ ତ୍ରିପାଠୀ ଡିଏଲଆର କର୍ମଋରୀ ଙ୍କ ଦୁଃଖ ଦୁର୍ଦ୍ଦଶା ଦୂର ପାଇଁ ସମସ୍ତେ ଏକାଠି ହୋଇ ସଂଗ୍ରାମ କଲେ ନିଶ୍ଚିତ ସଫଳତା ମିଳିବ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ ।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






## ଶାନ୍ତି ଶକ୍ତି ଭବନରେ ଶିକ୍ଷକ ସମ୍ମାନ ସମାରୋହ



ଆସିକା(ମହାଭାରତ):ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସ୍ଥାନୀୟ ସେବା କେନ୍ଦ୍ର ଶାନ୍ତି ଶକ୍ତି ଭବନରେ ଆଜି ସେବା କେନ୍ଦ୍ର ସଂଚାଳିକା ରାଜ ଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀ ଭଉଣୀଙ୍କ ସଂଯୋଜନାରେ ଶିକ୍ଷକ ସମ୍ମାନ ସମାରୋହ ପାଳିତ ହୋଇଯାଇଛି । ଏହି ଅବସରରେ ଅବସର ପ୍ରାପ୍ତ ବରିଷ୍ଠ ଶିକ୍ଷକ ତଥା ମାନବ ସେବା ସମିତି ଆବାହକ ଗଣେଶ ରଥ, ଅବସରପ୍ରାପ୍ତ ଶିକ୍ଷକ ବଂଶୀଧର ରଥ,ରାଜ୍ୟପାଳ ସମ୍ମାନ ପ୍ରାପ୍ତ ବରିଷ୍ଠ ଶିକ୍ଷକ ଏ ଯୁଧିଷ୍ଠିର ଦୋରା,ଅବସର ପ୍ରାପ୍ତ ସଂସ୍କୃତ ପଣ୍ଡିତ ଦୂର୍ଗା ପଣ୍ଡା ଓ ଅବସର ପ୍ରାପ୍ତ ବରିଷ୍ଠ ଶିକ୍ଷକ ବ୍ରହ୍ମାକୁମାର ପଞ୍ଚାନନ ସ୍ୱାଇଁଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ମଞ୍ଚାସୀନ ସମସ୍ତ ବରେଣ୍ୟ ଶିକ୍ଷକ ସେମାନଙ୍କ ଆଶୀର୍ବଚନ ପ୍ରଦାନ ପୂର୍ବକ ସମସ୍ତଙ୍କୁ ସମାଜର ସର୍ବାଙ୍ଗୀନ ବିକାଶ ଧାରାରେ ସହଯୋଗୀ ହୋଇ ଆଗକୁ ବଢିବା ପାଇଁ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମ ପରିଚାଳନା ରେ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ସମସ୍ତ ଭଉଣୀ ଭାଇ ସହଯୋଗ କରିଥିଲେ।

## କଳିଆପଦର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ ଓୟୁଡବ୍ଲୁଜେ ସାମ୍ବାଦିକ ସଂଘ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ

ନବରଙ୍ଗପୁର ଜିଲ୍ଲା(ମହାଭାରତ): ରାଇଘର ବ୍ଲକ କୁରାବେଡା ପଂଚାୟତ ଅନ୍ତର୍ଗତ କଳିଆ ପଦର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଠାରେ ରାଇଘର ଓୟୁଡବ୍ଲୁଜେ ସାମ୍ବାଦିକ ସଂଘ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଇଘର ଓୟୁଡବ୍ଲୁଜେ ସାମ୍ବାଦିକ ସଂଘର ସଭାପତି ନରସିଂହ ବାଘଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଇଘର ବ୍ଲକ ଅଧକ୍ଷ ଗୁପ୍ତ ପ୍ରକାଶ ଝଙ୍କାର ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବେଳେ ଜିଲ୍ଲା ପରିଷଦ ଖଗେଶ୍ୱର ହରିଜନ ସମ୍ମାନିତ ଅତିଥିଭାବେ ଯୋଗଦେଇ ବୃକ୍ଷରୋପଣ କାର୍ଯ୍ୟକ୍ରମର ଶୁଭ ଉଦ୍ଘାଟନ କରିଥିବା ବେଳେ ଝରୀଗାଁ, କୋଷାଗୁମୁଡା, ଡାବୁଗାଁ ଓ ଉମରକୋଟ ବ୍ଲକର ଓୟୁଡବ୍ଲୁଜେ ସାମ୍ବାଦିକ ସଂଘର ସଭାପତି, ସେକ୍ରେଟାରୀ ଓ ଅନ୍ୟାନ୍ୟ ସଭ୍ୟମାନେ ଉପସ୍ଥିତ ରହିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସାଫଲ୍ୟ କରିବା ପାଇଁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପଲ୍ଲବୀ ସୋହାୟ,ସହ ଶିକ୍ଷକ ରାଜେଶ କୁମାର ସାହୁ ଓ ଅନ୍ୟ ସହ ଶିକ୍ଷକମାନେ ଓ ଛାତ୍ରଛାତ୍ରୀମାନେ ପୂର୍ଣ୍ଣ ସହଯୋଗ କରିଥିଲେ ମୁଖ୍ୟ ଅତିଥି ଗୁପ୍ତ ପ୍ରସାଦ ଝାଙ୍କର। ଓୟୁଡବ୍ଲୁଜେ ସାମ୍ବାଦିକ ସଂଘର ଜିଲ୍ଲା ସଭାପତି ଶେଖର ଖୁରା ଓ ଜିଲ୍ଲା ସାଧାରଣ ସମ୍ପାଦକ ଅଶୋକ ସାହୁ ପ୍ରମୁଖ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ଗୁରୁ ଦିବସ। ବୃକ୍ଷରୋପଣ ଓ ପରିବେଶ ସନ୍ତୁଳନ ଉପରେ ସଂକ୍ଷିପ୍ତରେ ନିଜ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ ସଭା ଶେଷରେ ସମସ୍ତେ ବିଦ୍ୟାଳୟର ମୁଖ୍ୟ ଫାଟକରେ ବିଭିନ୍ନ ପ୍ରକାର ଚାରା ରୋପଣ କରିବା ସହିତ ତାକୁ ଯତ୍ନର ସହ ବଢେଇବା ପାଇଁ ଶପଥ ନେଇଥିଲେ।

## ରାଧା କୃଷ୍ଣଙ୍କ ଆସ୍ଥାନ ପ୍ରତିଷ୍ଠା



ବାଲିପାଟଣା;(ମହାଭାରତ) କାହିଁ କୋଉ କାଳ୧୯୬୬ମସିହା ରୁ ରାଜଧାନୀ ଉପକଣ୍ଠ ବାଲିପାଟଣା ବ୍ଲକ ଅନ୍ତର୍ଗତ ପମ୍ପାଲ ପଞ୍ଚାୟତର କୁଳନ୍ତିରା ବାଗିଲ ଗ୍ରାମରେ ପ୍ରଭୁ ରାଧା କୃଷ୍ଣ ( ଗୋପୀନାଥ) ଦେବ ନାମରେ ଅବହେଳିତ ଅବସ୍ଥାରେ ପୂଜା ପାଇ ଆସୁଛନ୍ତି। ଏଥି ପ୍ରତି କୌଣସି ସରକାରୀ ସାହାଯ୍ୟ ମିଳି ନଥିବା ବେଳେ ମା ଭୁବାସିନୀ ଚାରି ଟେବୁଲ୍ ଟ୍ରଷ୍ଟ ପକ୍ଷରୁ ମା ଭୁବାସିନୀ ଯୁବକ ସଂଘ ର ସମସ୍ତ ସଦସ୍ୟ ମାନଙ୍କ ସାହାଯ୍ୟ ଓ ସହଯୋଗରେ ପୁରାତନ ରାଧାକୃଷ୍ଣ ଙ୍କ ମନ୍ଦିରର ପୁନରୁଦ୍ଧାର କରାଯାଇ ତିଥି ନକ୍ଷତ୍ର ଅନୁସାରେ କାଲି ପ୍ରଭୁଙ୍କ ଆସ୍ଥାନ ପ୍ରତିଷ୍ଠା କରାଯାଇଛି। ସାରାଦିନ ଗ୍ରାମରେ ହୋମ ଯଜ୍ଞ ଅନୁଷ୍ଠିତ ହୋଇ ପୁରା ପରିବେଶ ଭକ୍ତିମୟ ସୃଷ୍ଟି କରିଥିଲା। ଯଜ୍ଞର ପୁରୋହିତ ସଞ୍ଜୟ ଦାଶ , ଡମ୍ବୁରୁ ମିଶ୍ର ଓ ପୂଜକ ପୂର୍ଣ୍ଣଚନ୍ଦ୍ର ପଣ୍ଡା ଥିବାବେଳେ କର୍ତ୍ତା ଶଙ୍କର ଭୋଳ,ମମତା ଭୋଳ ,ମୁଖ୍ୟ କର୍ମକର୍ତ୍ତା ଭାବେ ପାଇଁ ପ୍ରିୟଞ୍ଜନ ସ୍ୱାଇଁ,ପ୍ରଦୀପ ଭୋଳ,ଆଲୋକ ରଂଜନ ଭୋଳ,ସୁଶାନ୍ତ ଭୋଳ,ଇନ୍ଦ୍ରମଣି ଜେନା, ବିଶନ ଭୋଳ,ପ୍ରଳୟ ଭୋଳ ଓ ମା ଭୁ ବାସିନୀ ସଂଘର ସମସ୍ତ ସଦସ୍ୟ ମାନେ ଉପସ୍ଥିତ ଥିଲେ। ଶେଷରେ ଗ୍ରାମବାସୀ ଓ ଅନ୍ୟ ଅତିଥି ମାନେ ପ୍ରସାଦ ସେବନ କରି ଆତ୍ମତୃପ୍ତି ଲାଭ କରିଥିଲେ।

## ସେଣ୍ଟ ଜାଭିୟର୍ସ ହାଇସ୍କୁଲରେ ଗୁରୁଦିବସ ପାଳିତ

ହାଟଡିହି (ମହାଭାରତ) ହାଟଡିହୀ ବ୍ଲକ ଚଣ୍ଡିଆବିର□ପୁରସ୍ଥିତ ସେଣ୍ଟ୍ ଜାଭିୟର୍ସ ହାଇସ୍କୁଲରେ ଗୁରୁଦିବସ ମହାସମାରୋହରେ ପାଳିତ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରତିଷ୍ଠାତା ମେକାନିକାଲ୍ ଇଞ୍ଜିନିୟର ଶ୍ରୀଯୁକ୍ତ ଉଦୟନାଥ କର, ବିଦ୍ୟାଳୟର ଉପାଧକ୍ଷ ଶ୍ରୀଯୁକ୍ତ ଗୋଲକ ବିହାରୀ ସାହୁ ଏବଂ ବରିଷ୍ଠ ଶିକ୍ଷକ ଶ୍ରୀଯୁକ୍ତ ସଞ୍ଜୟ ମଜୁମ୍ଦାର୍ ସମେତ ଅନ୍ୟାନ୍ୟ ଶିକ୍ଷକ ଓ ଶିକ୍ଷୟିତ୍ରୀ ଯଥା ଶୁଭଶ୍ରୀ ପଣ୍ଡା, ତନୁଶ୍ରୀ ତନୟା ପହି, କାବେରୀ ନାୟକ, ଇତିଶ୍ରୀ ପଣ୍ଡା, ରାଜଶ୍ରୀ ସୁଆର, ଭାଗ୍ୟଶ୍ରୀ ସାହୁ, ପ୍ରୀତିନନ୍ଦା ମଲ୍ଲିକ, ରଶ୍ମିପ୍ରଭା ଖଟୁଆ, ପୂଜା ରଣା, ଉର୍ମି ମହାନ୍ତି, ବିଷ୍ଣୁପ୍ରିୟା ଦାଶ, ରାଜେଶ ବେହେରା, ବିଜୟ କୁମାର ପହି, ଦେବେନ୍ଦ୍ରନାଥ ପାଢୀ, ଦୟାନିଧି ଚିନରା, ପ୍ରଶାନ୍ତ କୁମାର ଦାସ, ହିମାଂଶୁ ରଞ୍ଜନ ବାରିକ୍, ସଂଗ୍ରାମ କେଶରୀ ପଟ୍ଟନାୟକ, ଦେବାଶିଷ ରାଉତ, ଚନ୍ଦ୍ରଶେଖର ବାରିକଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇ ଗୁରୁଦିବସ କାର୍ଯ୍ୟକ୍ରମଟିର ଶୁଭାରମ୍ଭ କରାଯାଇଥିଲା । କାର୍ଯ୍ୟକ୍ରମଟିର ପ୍ରାରମ୍ଭରେ ବିଦ୍ୟାଳୟର ବରିଷ୍ଠ ଛାତ୍ରଛାତ୍ରୀମାନେ ସେବାଅର୍ପଣକରି ପ୍ରତିଷ୍ଠାତା, ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ଧୂପଦୀପ, ନୈବେଦ୍ୟ, ଚନ୍ଦନ ଓ ସିନ୍ଦୂର ଲଗାଇ ଗୁରୁବନ୍ଦନା ସହ ସେବା ସମର୍ପଣ କରିଥିଲେ । ତତ୍ପରେ ଗୁରୁଦିବସ ଉପଲକ୍ଷେ ବିଦ୍ୟାଳୟକୁ ଆମନ୍ତ୍ରିତ ଅତିଥି ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ରମାକାନ୍ତ ପହୀଙ୍କୁ ଗୁରୁବନ୍ଦନା ସହ ଉପହାର ଦେଇ ସମ୍ମାନିତ କରାଯାଇଥିଲା।

## ମୂର୍ତ୍ତିକୁ ଜୀବନ୍ତ ସ୍ପର୍ଶ ଦେଉଛନ୍ତି ମହିଳା ମୂର୍ତ୍ତି କାରିଗର

କପ୍ତିପଦା -(ମହାଭାରତ): କପ୍ତିପଦା -ନିଜର ଦୃଢ଼ ଇଚ୍ଛାଶକ୍ତି ଯୋଗୁ ଆଜି ପରିବାର ପ୍ରତିପୋଷଣ ରେ ହୋଇ ପାରିଛି ସହାୟକ। ଜଣେ ମହିଳା ମୂର୍ତ୍ତୀ ତିଆରି କରି ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟ ମହିଳା ଙ୍କ ପାଇଁ ହୋଇଛନ୍ତି ଉଦାହରଣ। ଜଣେ ସଫଳ ମୂର୍ତ୍ତୀ କାରିଗର ଭାବେ ଏ ଅଞ୍ଚଳ ରେ ସେ ବେଶ ପରିଚିତୟ ରଙ୍ଗ ତୂଳୀ ରେ ମୂର୍ତ୍ତୀ କୁ ଦେଉଛନ୍ତି ଜୀବନ୍ତ ସ୍ପର୍ଶ। ମୟୂରଭଞ୍ଜ ଜିଲ୍ଲା ଉଦଳା ଏନଏସି ଏକ ନମ୍ବର ୱାର୍ଡ ର ଏ ହେଉଛନ୍ତି ସୁମିତ୍ରା ଡିଣ୍ଡା। ମହିଳା ମୂର୍ତ୍ତୀ କାରିଗର ଭାବେ ଏ ଅଞ୍ଚଳ ରେ ସେ ବେଶ ପରିଚିତୟ ସବୁ କିଛି ମୂର୍ତ୍ତୀ ତିଆରି କରିବା ରେ ସେ ପାରଙ୍ଗମୟ ତାଙ୍କର ପୂର୍ବ ପୁରୁଷ



ମାନେ ମୂର୍ତ୍ତୀ ତିଆରି କରୁଥିଲେ। ତେବେ ସେ ନିଜର ସ୍ୱାମୀ ଙ୍କ ପାଖରୁ ମୂର୍ତ୍ତୀ କାମ ଶିଖି ଏବେ ସୁନ୍ଦର ସୁନ୍ଦର ମୂର୍ତ୍ତୀ ତିଆରି କରୁଛନ୍ତି। ନିଜର କୌଳିକ ବୃତ୍ତି କୁ ବଞ୍ଚାଇବା ସହ ମୂର୍ତ୍ତୀ ତିଆରି କରି ବେଶ କିଛି ରୋଜଗାର ମଧ କରି ପାରୁଛନ୍ତି। ମାଟି ର ମଣିଷ ସୁମିତ୍ରା। ମାଟି ଗୋଳା କରିବା ସହ ଛା□ ରେ ମୂର୍ତ୍ତୀ ତିଆରି କରିବା ରେ ଲାଗି ପଡିଛନ୍ତି। ଏହି ପରି କି ବିଭିନ୍ନ ରଙ୍ଗ ଦେଇ ମୂର୍ତ୍ତୀ ତିଆରି କରୁଛନ୍ତି ସୁମିତ୍ରାୟ ବିଭିନ୍ନ ପୂଜା ଆସିଲେ ଲାଗି ପଡନ୍ତି ମୂର୍ତ୍ତୀ ତିଆରି କରିବାରେ। ଛୋଟ ମୂର୍ତ୍ତୀ ଠୁ ଆରମ୍ଭ କରି ବଡ଼ ବଡ଼ ମୂର୍ତ୍ତୀ କୁ ତିଆରି କରିବା ସେ ପାରଙ୍ଗମୟ ଆଗକୁ ବିଶ୍ୱକର୍ମା ଓ ଗଣେଶ ପୂଜା ଥିବାରୁ କାମ ରେ ଲାଗି ପଡିଛନ୍ତି ସେ। ରଙ୍ଗ ଓ ତୂଳୀ ରେ ମୂର୍ତ୍ତୀ କୁ ଜୀବନ୍ତ ସ୍ପର୍ଶ ଦେଉଚନ୍ତି ସୁମିତ୍ରାୟ କେବଳ ଯେ ଗଣେଶ ମୂର୍ତ୍ତୀ ନୁହେଁ ଦୂର୍ଗା, କାଳୀଙ୍କ ମୂର୍ତ୍ତୀ ପରି ଅନେକ ମୂର୍ତ୍ତୀ ତିଆରି କରିଥାନ୍ତି। ତାଙ୍କର ମୂର୍ତ୍ତୀ ତିଆରି ନିଖୁଣତା ପାଇଁ ସେ ଏ ଅଞ୍ଚଳ ରେ ପ୍ରଶଂସାର ପାତ୍ର ହୋଇ ପାରିଛନ୍ତ। ନିଜେ ଆତ୍ମର୍ନିଭରଶୀଳ ହେବା ସହ ଅନ୍ୟ ମହିଳା ଙ୍କ ପାଇଁ ହୋଇ ପାରିଛନ୍ତି ଉଦାହରଣ।

## ବାଲିଗୁଡ଼ାରେ ଘରୋଇ ଚକ୍ଷୁ ଡାକ୍ତରଖାନାର ଉଦଘାଟନ

ବାଲିଗୁଡ଼ା(ମହାଭାରତ): କନ୍ଧମାଳ ଜିଲ୍ଲା ବାଲିଗୁଡ଼ାରେ ଖୋଲିଲା ଘରୋଇ ଚକ୍ଷୁ ଡାକ୍ତରଖାନା ଦାଶ ଚକ୍ଷୁ ଚିକିତ୍ସାଳୟ । ଜିଲ୍ଲା ଭାରପ୍ରାପ୍ତ ଚିକିତ୍ସାଧିକାରୀ ବିଜୟ କୁମାର ପଣ୍ଡା ରିବନ କାଟି ଚକ୍ଷୁ ଚିକିତ୍ସାଳୟର ଶୁଭ ଉଦଘାଟନ କରିଛନ୍ତି । ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଚକ୍ଷୁ ରୋଗୀଙ୍କ ପାଇଁ କୌଣସି ସୁବିଧା ନଥିବା ବେଳେ ଉପଖଣ୍ଡର ବହୁ ଚକ୍ଷୁ ରୋଗୀ ଜିଲ୍ଲା ବାହାରକୁ ଯାଇ ଚିକିତ୍ସିତ ହେବା ସହ ମାତ୍ରାଧିକ ଖର୍ଚ୍ଚାନ୍ତ ହେଉଛନ୍ତି । ଏଭଳି ପରିସ୍ଥିତିରେ ଦାଶ ଚକ୍ଷୁ ଚିକିତ୍ସାଳୟ ଅଞ୍ଚଳବାସୀଙ୍କ ହିତରେ ଆସିବ। ଅତ୍ୟାଧୁନିକ ଯନ୍ତ୍ରାଂଶ ଦ୍ୱାରା ଅଭିଜ୍ଞ ଡାକ୍ତର ଏଠାରେ ରୋଗୀଙ୍କୁ ଚିକିତ୍ସା କରିବେ ଏବଂ ଅଞ୍ଚଳବାସୀ ଆଉ ବାହାରକୁ ନଯାଇ ଏଠାରେ କମ୍ ଖର୍ଚ୍ଚରେ ଉପଯୁକ୍ତ ଚିକିତ୍ସା ପାଇପାରିବେ । ଏଠାରେ ରୋଗୀଙ୍କ ପାଇଁ ୩୦ ଶଯ୍ୟା ରହିଥିବା ସହ ଉତ୍ତମ ମାନର ଅପରେସନର ବ୍ୟବସ୍ଥା ରହିଛି ବୋଲି କହିଛନ୍ତି ଡାକ୍ତର ଓ ଡାକ୍ତରଖାନା ମାଲିକ । ସେପଟେ ବାଲିଗୁଡ଼ାରେ ଚକ୍ଷୁ ରୋଗୀଙ୍କ ପାଇଁ ଯିହା ଆବଶ୍ୟକ ଥିଲା ଆଜି ତାହା ପୁରଣ ହୋଇଛି ଦାଶ ଚକ୍ଷୁ ଚିକିତ୍ସାଳୟ



ମାଧମରେ। ନିଶ୍ଚିତଭାବେ ଅଞ୍ଚଳବାସୀ ଏଥିରେ ଉପକୃତ ହେବେ ବୋଲି କହିଛନ୍ତି ଜିଲ୍ଲା ଭାରପ୍ରାପ୍ତ ଚିକିତ୍ସାଧିକାରୀ ବିଜୟ କୁମାର ପଣ୍ଡା ।

## ଜିଲ୍ଲା ସ୍ତରୀୟ ଗୁରୁ ଦିବସ ଏବଂ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହ

ନବରଙ୍ଗପୁର(ମହାଭାରତ): ଆଜି ସହର ସ୍ଥିତ ସ୍ଥାନୀୟ ସାଇ କଲ୍ୟାଣ ମଣ୍ଡପ ଠାରେ ଜିଲ୍ଲା ସ୍ତରୀୟ ଗୁରୁ ଦିବସ ଉତ୍ସବ ଓ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହ ୨୦୨୪ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଏବଂ ମୁଖ୍ୟମନ୍ତ୍ରୀ ଓଡିଆ ଭାଷା ବୃତ୍ତି ସମ୍ମାନ ଅତିଥି ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଗୁରୁ କେବଳ ବିଦ୍ୟାର୍ଥୀ ମାନଙ୍କ ଭବିଷ୍ୟ ନିର୍ମାଣ କରନ୍ତି ନାହିଁ ସେମାନେ ସମାଜର ମାର୍ଗଦର୍ଶକ। ଆଜି ଆମେ ଯେଉଁ ସ୍ଥାନରେ ଅଛୁ ତାର ଶ୍ରେୟ କେବଳ ଆମ ଗୁରୁମାନଙ୍କର। ପବିତ୍ର ଗୁରୁ ଦିବସ ରେ ଏହି ମତ ସାରା ରାଜ୍ୟରେ ପ୍ରକାଶ ପାଇଥିଲା। ନବରଙ୍ଗପୁର ଜିଲ୍ଲାପାଳ ଡ ଶୁଭଙ୍କର ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଜିଲ୍ଲାସ୍ତରୀୟ ସମାରୋହରେ ବିଶିଷ୍ଟ ଅତିଥି ଭାବେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ,ଡ଼ାବୁଗାଁ ବିଧାୟକ ମନୋହର ରନ୍ଧାରୀ,



ଆରକ୍ଷୀ ଅଧିକ୍ଷକ ରୋହିତ ବର୍ମା,ନବରଙ୍ଗପୁର ପୌର ପରିଷଦ ଅଧକ୍ଷ କୁନୁ ନାୟକ, ଡି ଇ ଓ ଛତ୍ରପତି ସାହୁ,ଡି ଆଇ ଇ ଟି ଅଧକ୍ଷ ଅରବିନ୍ଦ ମଣୋହି, ଏ ଡି ଇ ଓ ରେଶମଲାଲ୍ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ବକ୍ତାମାନେ ଗୁରୁମାନଙ୍କୁ ସମ୍ମାନ ଦେବା,ପାଠ ପଢି ଭଲ ମଣିଷ ହେବା, ଉତ୍ତମ ଚରିତ୍ର ଗଠନ ଓ ସମାଜ ରେ ନିଜର ପରିଚୟ ସୃଷ୍ଟି ଉପରେ ଛାତ୍ର ଛାତ୍ରୀ ମାନଙ୍କୁ ଆହ୍ୱାନ କରିଥିଲେ।ଏହି ଉପଲକ୍ଷେ ଚଳିତ ବର୍ଷ ୨୦୨୩-୨୪ ଶିକ୍ଷା ବର୍ଷରେ ଦଶମ ଶ୍ରେଣୀ ବାର୍ଷିକ ପରୀକ୍ଷା ରେ ଉତ୍ତୀର୍ଣ୍ଣ ହୋଇଥିବା ଶିକ୍ଷାର୍ଥୀ ମାନଙ୍କୁ ଚୟନ କରି ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଉଛି। ଚଳିତ ବର୍ଷ ନବରଙ୍ଗପୁର ଜିଲ୍ଲାରୁ ରଜ୍ୟସ୍ତରକୁ ୩ ଜଣ,ଜିଲ୍ଲା ସ୍ତରରେ ୧୧୫ ଜଣ,ବ୍ଲକ ସ୍ତରରେ ୧୦୭୧ ଜଣ,ଓଡ଼ିଆ ଭାଷା ବୃ□ରେ ୨୯ ଜଣ ଏଭଳି ମୋଟ ୧୨୧୮ ଜଣ ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ରାଜ୍ୟ ସ୍ତରୀୟ ପୁରସ୍କାର ପାଇଁ ୨୦୦୦୦ ଟଙ୍କା,ଜିଲ୍ଲା ସ୍ତରୀୟ ପୁରସ୍କାର ପାଇଁ ୧୦,୦୦୦ ଟଙ୍କା ଏବଂ ବ୍ଲକ ସ୍ତରିୟ ପାଇଁ ୫୦୦୦ ଟଙ୍କା ଓ ଭାଷା ବୃତ୍ତି ପାଇଁ ୭୫୦୦ ଟଙ୍କା ପୁରସ୍କାର ରାଶି ତାଙ୍କ ବ୍ୟାଙ୍କ୍ ଖାତାରେ ଜମା ହେବ। ଆଜି ଏହି ସମାରୋହ ଉତ୍ସବ ରେ ଜିଲ୍ଲାର ୧୦ ଟି ବ୍ଲକ ର ୧୦୭୧ ଜଣଙ୍କୁ ଓ ଭାଷା ବୃତ୍ତି ଭାବେ ୨୯ ଜଣଙ୍କୁ ସାର୍ଟିଫିକେଟ ସହ ଟ୍ରଫି ପ୍ରଦାନ କରାଯାଇଥିଲା। ବ୍ଲକ ସ୍ତରୀୟ ମେଧାବୀ ବିଦ୍ୟାର୍ଥୀ ପୁରସ୍କାର ସହ ଗୁରୁ ମାନଙ୍କୁ ମଧ ସାର୍ଟିଫିକେଟ ସହ ସମ୍ମାନୀତ କରାଯାଇଥିଲା। ସମାରୋହରେ ଜିଲ୍ଲାସ୍ତରୀୟ ଅଧିକାରୀ, ସମସ୍ତ ବି ଇ ଓ,ଶିକ୍ଷକ ଶିକ୍ଷୟତ୍ରୀ ତଥା ଗଣମାଧମ ପ୍ରତିନିଧିଉପସ୍ଥିତ ଥିଲେ।

## କାଶୀନଗର ଏସ୍‌ବିଆଇ ଦ୍ୱାରା ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଗୁରୁ ସମ୍ମାନରେ ସମ୍ମାନିତ

କାଶୀନଗର(ମହାଭାରତ): କାଶୀନଗର ଷ୍ଟେଟ ବ୍ୟାଙ୍କ ତରଫରୁ କାଶୀନଗର ବ୍ଲକରୁ ଅବସର ଗ୍ରହଣ କରିଥିବା ସାତ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଗୁରୁ ଦିବସ ପାଳନ ଅବସରରେ ସ୍ଥାନୀୟ ବଂଶଧାରା ପାଠାଗାର ବୈଠକ ଗୃହ ମଧ ରେ ଗୁରୁ ସମ୍ମାନ ଦେବା ସହ ସମ୍ବର୍ଦ୍ଧନା କରିବା ପାଇଁ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଷ୍ଟେଟ ବ୍ୟାଙ୍କ ମ୍ୟାନେଜେର ମନ୍ମଥ ଭୂୟାଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବଂଶଧାରା ପାଠାଗାର ସଭାପତି ହୃଷିକେଶ ଗୌଡ଼ । ମୁଖ୍ୟ ବକ୍ତା ଭାବେ ସାମ୍ବାଦିକ ତଥା ସାହିତ୍ୟିକ ରବୀନ୍ଦ୍ର ମଲ୍ଲିକ ମଂଚାସୀନ ହୋଇ ଥିବା ବେଳେ ବାରଣାସୀ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ





ଭାଗିରଥି ବେହେରା ମଧ ଅତିଥି ଭାବେ ଯୋଗ ଦେଇ ଗୁରୁଦିବସ ପାଳନର ତାତ୍ପର୍ଯ୍ୟ ବିଷୟରେ ବକ୍ତବ୍ୟ ମାନ ରଖି ଆଜିକାଲି ଶିକ୍ଷକ ମାନେ ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ମୂଲ୍ୟବୋଧରେ ଅନୁପ୍ରାଣିତ ହୋଇ ନିଜର ଆଦର୍ଶବାଦ । କର୍ତ୍ତବ୍ୟନିଷ୍ଠା ଦ୍ୱାରା ଏକ ସୁସ୍ଥ ଓ ଶୃଙ୍ଖଳିତ ଛାତ୍ର ସମାଜ ଗଠନରେ ସହାୟକ ହୋଇ ଶିକ୍ଷାର ପ୍ରଚାର ପ୍ରସାର କରି ଏହାର ମାନ ବୃଦ୍ଧି କରିବା ଏକାନ୍ତ ଆବଶ୍ୟକ ରହିଛି ବୋଲି କହିଥିଲେ। ସେହିପରି ଗୁରୁଙ୍କ ଆଶୀର୍ବାଦ, ମାର୍ଗଦର୍ଶନ ବିନା କୌଣସି କାର୍ଯ୍ୟ ଅସମ୍ଭବ ଏବଂ ଗୁରୁଙ୍କ ସଂସ୍ପର୍ଶ ରେ ଆସି ଶିଷ୍ୟ ରୁଚିମନ୍ତ ଓ ବୁଦ୍ଧିମନ୍ତ କରି ନିଜକୁ ସଫଳତା ଆଗେ ବଢ଼ିଥାଏ। କାର୍ଯ୍ୟକ୍ରମ ରେ ଅବସର ନେଇଥିବା ୪ଜଣ ଶିକ୍ଷକ ଜୟ କୁମାର ମିଶ୍ର, ଉଦୟ ଲିମ୍ମା, କେ ଭେଙ୍କେଟ ରାଓ, ଶରତ କୁମାର ପ୍ରଧାନ ଓ ୩ଜଣ ଶିକ୍ଷୟିତ୍ରୀ ମାନେ ଇନ୍ଦୁମତୀ ନାୟକ,କିଶୋରୀ କୁମାରୀ ସାବତ ଓ ଶୈଳବଳା ଆପଟ ଏହିପରି ସର୍ବମୋଟ ସାତ ଜଣଙ୍କୁ ପୁଷ୍ପ ଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ଦେଇ ଏସବିଆଇ ମ୍ୟାନେଜେର ଶ୍ରୀ ଭୂୟାଁ ସମ୍ମାନୀତ କରିବା ପରେ କାଶୀନଗର ସ୍ଥିତ ହରିଜନ ସାହି ଓ ମାଜାଲା ସାହି ବିଦ୍ୟାଳୟ ସହ ଖୁରୀଗାଁ ବିଦ୍ୟାଳୟ କୁ ମଧ ଏହି ଗୁରୁଦିବସ ରେ ବିଦ୍ୟାଳୟ ମାନ ବୁଲି ବ୍ୟାଙ୍କ ତରଫରୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ ଆନନ୍ଦ ଚନ୍ଦ୍ର ପାତ୍ର, ମନୋଜ ଚୌଧୁରୀ ଓ ରାଧାନାଥ ଚୌଧୁରୀ ଯୋଗ ଦେଇଥିଲେ।

## ଗୁରୁଦିବସ ପାଇଁ ଚଳଚଞ୍ଚଳ ବିଭିନ୍ନ ଶିକ୍ଷା ଅନୁଷ୍ଠାନ

ଅସ୍ତରଙ୍ଗ,(ମହାଭାରତ): ଗୁରୁ ହେଉଛନ୍ତି ବ୍ରହ୍ମା, ଗୁରୁ ବିଷ୍ଣୁ ଗୁରୁ ପୁଣି ମହେଶ୍ୱର, ଗୁରୁ ଏକ ଏଭଳି ଶବ୍ଦ ଯାହାର ଶିକ୍ଷା ଅତୁଟ, ଏହି ଗୁରୁ ପରମ୍ପରା ଭାରତୀୟ ଆର୍ଯ୍ୟ ସନାତନ ପରମ୍ପରା ସହିତ ଜଡିତ ଥିବା ବେଳେ ଆମର ଦ୍ୱିତୀୟ ରାଷ୍ଟ୍ରପତି ଡ଼ଃ ସର୍ବପଲ୍ଲୀ ରାଧାକ୍ରିଷ୍ଣାନ ଙ୍କ ଜନ୍ମ ଦିନ କୁ ଆମେ ଆଜି ର ଦିନ ରେ ସର୍ବ ଭାରତୀୟ ସ୍ତରରେ ଗୁରୁଦିବସ ରୂପେ ପାଳନ କରୁ, ଅସ୍ତରଙ୍ଗ ଅଞ୍ଚଳ ରେ ଏହି ଗୁରୁପୂଜା ଆଜି ବିଭିନ୍ନ ଅନୁଷ୍ଠାନ, ସରକାରୀ ଓ ବେସରକାରୀ ଶିକ୍ଷାଅନୁଷ୍ଠାନ ରେ ବେଶ ନିଆରା ରୂପେ ପାଳିତ ହୋଇଯାଇଛି। ଅସ୍ତରଙ୍ଗ ହାଇସ୍କୁଲ, ସରସ୍ୱତୀ ଶିଶୁମନ୍ଦିର, ରାମକୃଷ୍ଣ ଶିଶୁମନ୍ଦିର, ଅସ୍ତରଙ୍ଗ କଲେଜ, ମହାତ୍ମାଗାନ୍ଧୀ କଲେଜ, ବିଭିନ୍ନ ବେସରକାରୀ କୋଚିଂ ସେଣ୍ଟରେ ଏହି କାର୍ଯ୍ୟକ୍ରମ ବେଶ ଧୁମଧାମ ରେ ପାଳିତ ହୋଇଛି କିନ୍ତୁ ସରସ୍ୱତୀ ଶିଶୁମନ୍ଦିର ଓ ରାମକୃଷ୍ଣ ଶିଶୁମନ୍ଦିର ରେ ଅତ୍ୟନ୍ତ ପାରମ୍ପରିକ ଢାଞ୍ଚା ରେ ଆଜି ଗୁରୁପୂଜା ଅନୁଷ୍ଠିତ ହୋଇଛି। ଏଠି ପ୍ରଥମେ ଡ଼ଃ ସର୍ବପଲ୍ଲୀ ରାଧା କ୍ରିଷ୍ଣାନ ଙ୍କ ପଟଚିତ୍ର ରେ ମାଲ୍ୟାର୍ପଣ କରି ପ୍ରଦୀପ ପ୍ରଜ୍ୱଳନ କରାଯିବା ପାରେ ଗୁରୁ ବନ୍ଦନା ଓ ରାଷ୍ଟ୍ରୀୟ ଗୀତ ପାଠ କରାଯାଇଛି। ତତପରେ ପିଲା ମାନଙ୍କ ଭିତରେ ଗୁରୁଦିବସ ର ଐତିହ୍ୟ କୁ ନେଇ କିଛି ବକ୍ତୃତା କାର୍ଯ୍ୟକ୍ରମ କରାଯାଇ ଉପସ୍ଥିତ ଆଚାର୍ଯ୍ୟ ଓ ଆଚାର୍ଯ୍ୟା ମାନଙ୍କ ପାଦ ଧୁଆଯାଇ ସେମାନଙ୍କୁ ଚନ୍ଦନ କୁକୁମ ଫୁଲ ଦୁବ ଧୂପ ଦୀପ ଲଗାଇ ବନ୍ଦାପନା କରାଯାଇ ପିଲା ମାନେ ଆଶୀର୍ବାଦ ଭିକ୍ଷା କରିଛନ୍ତି। ବର୍ଷକ ଭିତରେ ଥରେ ଆଜିର ପବିତ୍ର ଦିନ ରେ ଉପସ୍ଥିତ ଆଚାର୍ଯ୍ୟ ଆଚାର୍ଯ୍ୟା ମାନଙ୍କୁ ଛାତ୍ର ଛାତ୍ରୀ ମାନେ କିଛି କିଛି ଉପହାର ଦେବା ସହ ମିଠା ଓ ଚକୋଲେଟ ବଣ୍ଟନ କରିଥିଲେ। ଗୁରୁ



ଶିଷ୍ୟ ର ସମ୍ପର୍କ ଓ ପରମ୍ପରା ପ୍ରାଚୀନ ଓ ପୁରାତନ, ମୁନୀ ଋଷି ଙ୍କ ଠୁ ଆରମ୍ଭ ଆମ ଦେଶ ଭାରତ ଆଧ୍ୟାତ୍ମିକ ଓ ସନାତନ ଧର୍ମ ର ଉତ୍ସ, ଯେତେ ଆଧୁନିକତା ଆଡକୁ ସମାଜ ଗଲେ ବି ଏହି ବିଦ୍ୟାଳୟ ରେ ଆଧାତ୍ମିକତା କୁ ଗୁରୁତ୍ୱ ଦିଆଯିବା ସହ ଆମ ସଂସ୍କୃତି ସହିତ ତାଳ ଦେଇ ଛାତ୍ର ଛାତ୍ରୀ ମାନଙ୍କୁ ସ୍ୱର୍ଣ୍ଣିମ ଭାରତ ବର୍ଷ ଏକ ଏକ ମହାନ ନାଗରିକ ରୂପେ ଗଢ଼ିତୋଳିବା ଆମର କର୍ତ୍ତବ୍ୟ ଓ ଲକ୍ଷ୍ୟ ବୋଲି ସରସ୍ୱତୀ ଶିଶୁମନ୍ଦିର ଓ ରାମକୃଷ୍ଣ ଶିଶୁମନ୍ଦିର ର ଉଭୟ ପ୍ରଧାନଆଚାର୍ଯ୍ୟ ଅଶୋକ ପରିଡା ଓ ମଙ୍ଗୁଳି ପ୍ରଧାନ ମତବ୍ୟକ୍ତ କରିଛନ୍ତି।

## ସୁଭଦ୍ରା ପାଇଁ ଆଧାର କେନ୍ଦ୍ରରେ ପ୍ରବଳ ଭିଡ଼

ବାଲିପାଟଣା (ମହାଭାରତ): ଶୋଷଣର ଶିକାର ହେଉଛନ୍ତି ହିତାଧିକାରୀ ।ଧାର୍ଯ୍ୟ ମୂଲ୍ୟ ଠାରୁ ଅଧିକ ଅର୍ଥରାଶି ନିଆଯାଉଥିବା ଅଭିଯୋଗ ହେଉଚି। ସୁଭଦ୍ରା ଯୋଜନାରେ ସାମିଲ ହେବା ପାଇଁ ଆଧାର କେନ୍ଦ୍ର ଗୁଡ଼ିକରେ ନାହିଁ ନଥିବା ଭିଡ ଜମୁଛି । ଯୋଜନାରେ ସାମିଲ ହେବା ପାଇଁ ବିଭିନ୍ନ ବର୍ଗର ମହିଳା ସହଜ ଜନସେବା କେନ୍ଦ୍ର ଆଦି ସ୍ଥାନରେ ସଂଶୋଧନ ପାଇଁ ଲାଇନରେ ଛିଡ଼ା ହେଉଛନ୍ତି । ଏହି ଭିଡ ଭିତରେ କେତେକ ହିତାଧିକାରୀ ଆଧାର କେନ୍ଦ୍ର ଗୁଡ଼ିକରେ ଶୋଷଣର ଶିକାର ହେଉଥିବା ଅଭିଯୋଗ ହେଉଛି । କିଛି ଜନସେବା କେନ୍ଦ୍ର ଅଧିକାରୀ ତଥା ଆଧାର ସଂଶୋଧନ କେନ୍ଦ୍ରର ମାଲିକ ମାନେ ଧାର୍ଯ୍ୟ ମୂଲ୍ୟ ଠାରୁ ଢେର ଅଧିକ ନେଇ ନିରୀହ ମହିଳା ମାନଙ୍କୁ ଠକୁଥିବା ଅଭିଯୋଗ ହେଉଛି । ସ୍ୱଛତା ପାଇଁ ସରକାର ଯେକୌଣସି ଆବେଦନ କ୍ଷେତ୍ରରେ ଅନଲାଇନ ବ୍ୟବସ୍ଥା ଲାଗୁ କରି ନିର୍ଦ୍ଦିଷ୍ଟ ମୂଲ୍ୟ ଧାର୍ଯ୍ୟ କରିଥିବା ବେଳେ ଏମାନେ ମନଇଚ୍ଛା ମୂଲ୍ୟ ଧାର୍ଯ୍ୟ କରୁଛନ୍ତି। ପ୍ରାୟ କେନ୍ଦ୍ର ଗୁଡ଼ିକରେ ଆଧାର ସଂଶୋଧନ ନିମନ୍ତେ ଆଦାୟ କରାଯାଉଥିବା ଅର୍ଥରାଶିର ସୂଚନା ଲଗାଯାଇନାହିଁ । ଯାହାଫଳରେ କେହି ଜାଣି ପାରୁନାହାନ୍ତି ଯେ ଆଧାର ସଂଶୋଧନ ପାଇଁ ସରକାର କେତେ ଟଙ୍କା ଧାର୍ଯ୍ୟ କରିଛନ୍ତି। ଦୂରଦୂରାନ୍ତରୁ କାମ ଛାଡି ଆସିଥିବା ମହିଳା ମାନେ କାଳେ ଆଧାର ସଂଶୋଧନ ହୋଇନପାରିବ ସେହି ଭୟରେ ମାଲିକଙ୍କ କହିବା ମୂତାବକ ମୂଲ୍ୟ ଦେଇ କାମ କରାଉଛନ୍ତି ।ବିନା ରସିଦରେ ଧାର୍ଯ୍ୟ ଅର୍ଥରାଶି ଠାରୁ ମାତ୍ରାଧିକ ମୂଲ୍ୟ ଦେଇ ଠକାମୀର ଶିକାର ହେଉଥିଲେ ହେଁ ସେମାନେ ବାହାରେ କିଛି କହିବାକୁ କୁଣ୍ଠାବୋଧ କରୁଛନ୍ତି । ବ୍ଲକ ପ୍ରଶାସନ ଏନେଇ ତଦନ୍ତ କରି ଠକେଇ କରୁଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଚେତନ ମହଲରେ ଦାବି ହେଉଛି।

## ଆସିକା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଗୁରୁଦିବସ ପାଳିତ

ଆସିକା (ମହାଭାରତ): ଆସିକା ପୂର୍ବତନ ବୋର୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ପ୍ରାଥମିକ ଶିକ୍ଷକ ସଂଘ, ଆସିକା ଶାଖା ପକ୍ଷରୁ ଗୁରୁ ଦିବସ ପାଳିତ ହୋଇଯାଇଛି । ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ଦୀପକ କୁମାର ମହନ୍ତ ପ୍ରଦୀପ ପ୍ରଜ୍ୱଳନ କରି ସଭା କାର୍ଯ୍ୟ ଆରମ୍ଭ କରିଥିଲା ବେଳେ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଆସିକା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ର ସଭାପତି ଶିବରାମ ଗୌଡ଼, ସମ୍ପାଦକ ଅର୍ଜୁନ ନାହାକ, ଶଙ୍କର୍ଷଣ ତ୍ରିପାଠୀ, ସୁକାନ୍ତି ଲତା ମିଶ୍ର,ଅବସରପ୍ରାପ୍ତ ଶିକ୍ଷକ ରତିକାନ୍ତ ବେହେରା, ହରପ୍ରିୟା ଉପାଧ୍ୟାୟ, ପ୍ରଧାନଶିକ୍ଷୟତ୍ରୀ ପ୍ରମିତା ମହାପାତ୍ର, ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଅବସରରେ ମୁଖ୍ୟବକ୍ତା ଗୁରୁ ଜଣେ ଶିଷ୍ଟାଚାର, କ୍ଷମାଶିଳ, କର୍ତ୍ତବ୍ୟ ନିଷ୍ଠା ହେବା ଦରକାର । ପିଲା ମାନଙ୍କ ପ୍ରଥମ ଗୁରୁ ମା, ବାପା ଏବଂ ଶିକ୍ଷା ଗୁରୁ । ଗୁରୁ ଶିଷ୍ୟ ପରମ୍ପରା କେଉଁ ଆବାହନ କାଳରୁ ରହିଛି । ସମାଜ ଗଠନ, ଉ□ମ ରାଷ୍ଟ୍ର ନିର୍ମାଣ ନିମନ୍ତେ ଛାତ୍ର ଓ ଛାତ୍ରୀ ମାନଙ୍କୁ ଗୁରୁ ହିଁ ସଠିକ ଦିଗ ଦର୍ଶନ ଦେଇପାରିବ ବୋଲି ମତ ରଖିଥିଲେ।ଆୟୋଜିତ କାର୍ଯ୍ୟକ୍ରମ ରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ଶିକ୍ଷକ ସଂଘ ର ସଦସ୍ୟ ସନ୍ତୋଷ ସେଠି, ଅମୀୟ ସିନ୍ଧୁ ମୁନି, ସିଆରସିସି ଶୁଭେନ୍ଦୁ ଶେଖର ଜେନା, ଜଗନ୍ନାଥ ଦାସ, ଶିକ୍ଷକ ଅବନୀ ବେହେରା, ବ୍ରଜ ମୋହନ ପାତ୍ର, ସାରଙ୍ଗ ଧର ଦାସ, ଉମା ଶଙ୍କର ପାତ୍ର, ଭବାନୀ ଶଙ୍କର ପାତ୍ର, ଅର୍ଚ୍ଚନା ବେହେରା, ସୌଦାମିନୀ ହୋତା, ଶିଳା ବେହେରା, ହରପ୍ରିୟା ପାତ୍ର, ପ୍ରଭାକର ବିଷୋୟୀ, ସସ୍ମିତା କୁମାରୀ ଦେବୀ, ବାଳକୃଷ୍ଣ ସ୍ୱାଇଁ, ସୁବାଷ ଦାସ ପ୍ରମୁଖ ଗୁରୁ ଦିବସ ଉପରେ ଆଲୋକ ପାତ କରିଥିଲେ କ୍ଷ ଏହି ଶିକ୍ଷକ ସଂଘ ପକ୍ଷରୁ ଅସରପ୍ରାପ୍ତ ଶିକ୍ଷକ ମାନଙ୍କୁ ସଂମାଦୀତ କରାଯାଇଥିଲା।

## ବିଧାନସଭାରେ ବିଲ୍ ପାରିତ; ଦଳବଦଳ କରିଥିବା ବିଧାୟକଙ୍କୁ ମିଳିବନି ଭତ୍ତା

**ନୂଆଦିଲ୍ଲୀ,୫।୯(ଏଜେନ୍ସି):** ହିମାଚଳ ପ୍ରଦେଶର କଂଗ୍ରେସ ସରକାର ବିଧାନସଭାରେ ଏକ ନୂତନ ବିଲ୍ ପାରିତ କରିଛନ୍ତି । ଏହି ବିଲ୍ ବିଧାୟକମାନଙ୍କୁ ମିଳୁଥିବା ଭତ୍ତା ଉପରେ ଉଦ୍ଦିଷ୍ଟ । ନୂଆ ବିଲ୍ ଅନୁସାରେ, ଯଦି କୌଣସି ବିଧାୟକ ରାଜନୈତିକ କ୍ୟାରିଅରରେ ଦଳବଦଳ କରିଥାନ୍ତି, ତେବେ ତାଙ୍କୁ ଭତ୍ତା ବା ପେନସନ୍ ମିଳିବ ନାହିଁ । ଆଜି ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂହ ସୁଖୁ ହିମାଚଳ ପ୍ରଦେଶ ବିଧାନସଭା (ସଦସ୍ୟଙ୍କ ଭତ୍ତା) ସଂଶୋଧନ ବିଲ୍ ୨୦୨୪ ବିଲ୍ ଆଗତ କରିଥିଲେ । ବିରୋଧୀ ଦଳ ସଦସ୍ୟଙ୍କ ବିରୋଧ ସତ୍ତ୍ୱେ ବିଲ୍ ପାରିତ ହୋଇଛି । ଏହାପରେ ରାଜ୍ୟପାଳ ଓ ରାଷ୍ଟ୍ରପତିଙ୍କ ଅନୁମୋଦନ କ୍ରମେ ବିଲ୍ ଆଇନରେ ପରିଣତ ହେବା ପରେ କାର୍ଯ୍ୟକାରୀ



ହେବ । ଏହି ବିଲକୁ ବିରୋଧି ଦଳ ବିଧାୟକମାନେ ପ୍ରବଳ ବିରୋଧ କରିଥିଲେ । ଏପରି ଅଣାଯିବା ଦ୍ୱାରା ବିଧାୟକଙ୍କ ଅଧିକାର ଉଲ୍ଲଂଘନ ହେବ ବୋଲି ବିରୋଧୀ ଦଳ ଅଭିଯୋଗ କରିଥିଲେୟ । କିନ୍ତୁ ଶାସକ କଂଗ୍ରେସ କହିଛି, ରାଜନୀତିରେ ଦୁର୍ନୀତି ହ୍ରାସ କରିବାରେ ଏହି ଆଇନ ସହାୟକ ହେବ । ଏହି ବିଲରେ କୁହାଯାଇଛି ଯେ, ଯଦି କୌଣସି ବ୍ୟକ୍ତି ସମ୍ବିଧାନର ଦଶମ ସୂଚୀ ଅନୁଯାୟୀ କୌଣସି ସମୟରେ ଦଳବଦଳ କରିଥାନ୍ତି, ତେବେ ଆଇନ ଅନୁଯାୟୀ ସେ ଭତ୍ତା ପାଇବାକୁ ଯୋଗ୍ୟ ହେବେ ନାହିଁ ।

## ଭାରତରେ ବନ୍ଦ ହେବ ପେଟ୍ରୋଲ-ଡିଜେଲ ଯାନ !



**ନୂଆଦିଲ୍ଲୀ,୫।୯(ଏଜେନ୍ସି):** ପେଟ୍ରୋଲ ଏବଂ ଡିଜେଲ ଯାନ ତୁଳନାରେ ବୈଦ୍ୟୁତିକ ଯାନ କମ୍ ପ୍ରଦୂଷଣ ସୃଷ୍ଟି କରିଥାଏ । ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ବୃଦ୍ଧି ଯୋଗୁ ଲୋକମାନେ ବର୍ତ୍ତମାନ ସିଏନଜି ଏବଂ ବୈଦ୍ୟୁତିକ ଯାନ ଆଡକୁ ମୁହାଁଉଛନ୍ତି । ଆଗାମୀ ସମୟରେ ଭାରତ ସରକାର ଇଥାନଲ ଏବଂ ଫ୍ଲେକ୍ସ ଇନ୍ଧନରେ କାର ଚଳାଇବାକୁ ଯୋଜନା କରିଛନ୍ତି । ଯାହା ଲୋକଙ୍କ ପାଇଁ ଗାଡ଼ି ଚଳାଇବା ମୂଲ୍ୟ ହ୍ରାସ କରିବ ଏବଂ ପ୍ରଦୂଷଣ କମ୍ କରିବାରେ ମଧ୍ୟ ସହାୟକ ହେବ । ସୂଚନାନୁସାରେ, ଭାରତ ସମେତ ସାରା ବିଶ୍ୱରେ ସରକାର ନିଜ ଦେଶରେ ପେଟ୍ରୋଲ ଏବଂ ଡିଜେଲ ଯାନ ବିକ୍ରି ବନ୍ଦ କରିବାକୁ ଯୋଜନା କରିଛନ୍ତି । ମିଡିଆ ରିପୋର୍ଟ ଅନୁଯାୟୀ, ଏହାକୁ ଦୃଷ୍ଟିରେ ରଖି ୨୦୨୫ ସୁଦ୍ଧା ଉତ୍ତର ୟୁରୋପରେ ନରୱେରେ ପେଟ୍ରୋଲ ଏବଂ ଡିଜେଲ ଚାଳିତ ଗାଡ଼ି ବିକ୍ରି ବନ୍ଦ ହୋଇଯିବ । ୨୦୪୦ ସୁଦ୍ଧା ଭାରତରେ ପେଟ୍ରୋଲ ଏବଂ ଡିଜେଲ ଚାଳିତ ଗାଡ଼ି ବିକ୍ରି ବନ୍ଦ କରିବାକୁ ଲକ୍ଷ୍ୟ ରଖାଯାଇଛି । ଏହା ସହିତ ପଡୋଶୀ ଦେଶ ଚୀନ୍ରେ ୨୦୩୫ ସୁଦ୍ଧାପେଟ୍ରୋଲ ଏବଂ ଡିଜେଲ ଗାଡ଼ି ବିକ୍ରି ବନ୍ଦ କରିବାକୁ ଯୋଜନା କରାଯାଇଛି। ଏହା ବ୍ୟତୀତ ୨୦୨୯ ଏବଂ ୨୦୩୦ରେ ବେଲଜିୟମ, ଜର୍ମାନୀ, ଗ୍ରୀସ୍ ଏବଂ ସ୍ୱିଡେନରେ ଏହି ଯାନଗୁଡିକର ବିକ୍ରୟ ବନ୍ଦ ହେବ। ସୁପ୍ରିମକୋର୍ଟରେ ଉପସ୍ଥାପିତ ହୋଇଥିବା ରିପୋର୍ଟ ଅନୁଯାୟୀ ପେଟ୍ରୋଲ ଯାନ ଅପେକ୍ଷା ଡିଜେଲ ଯାନ ଅଧିକ କାର୍ବନ ଡାଇଅକ୍ସାଇଡ ସୃଷ୍ଟି କରିଥାଏ । ରିପୋର୍ଟରେ କୁହାଯାଇଛି ଯେ ପେଟ୍ରୋଲ ଯାନ ଅପେକ୍ଷା ଡିଜେଲ ଯାନ ଅଧିକ NOx ଏବଂ PM କଣିକା ଉତ୍ପାଦନ କରିଥାଏ ।ଗବେଷକ କହିଛନ୍ତି ଯେ ଗୋଟିଏ ଡିଜେଲ ଯାନ ୨୪ ପେଟ୍ରୋଲ ଯାନ ଏବଂ ୪୦ ସିଏନଜି ଯାନ ଭଳି ପ୍ରଦୂଷଣ ସୃଷ୍ଟି କରିଥାଏ । ତେଣୁ ପେଟ୍ରୋଲ ଏବଂ ଡିଜେଲ ଚାଳିତ ଗାଡ଼ିର ବ୍ୟବହାର ବନ୍ଦ କରିବା ସହିତ ସବୁଜ ପୃଥିବୀର ସୁରକ୍ଷା ପାଇଁ ବିଶ୍ୱସ୍ତରରେ ବିଭିନ୍ନ ଦେଶ ଏଭଳି ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି ।

## ଶୁଖିବାରେ ଲାଗିଛି ବିଶ୍ୱର ବଡ଼ ନଦୀ

**ନୂଆଦିଲ୍ଲୀ,୫।୯(ଏଜେନ୍ସି):** ଦୁନିଆର ସବୁଠୁ ବଡ ନଦୀ ମଧ୍ୟରେ ଗଣାଯାଉଥିବା ଆମାଜନ ଶୁଖିବାରେ ଲାଗିଛି । ବର୍ତ୍ତମାନ ନଦୀ ୧୨୧ ବର୍ଷରେ ସବୁଠାରୁ ବଡ ଜଳାଭାବର ସମ୍ମୁଖୀନ ହୋଇଛି । ପରିସ୍ଥିତି ଏପରି ଯେ ଏହି ନଦୀର ଜଳ ବର୍ତ୍ତମାନ ଅତ୍ୟନ୍ତ ଗରମ ହୋଇଯାଇଛି । ଏହି ନଦୀର ତାପମାତ୍ରା ଆମ ଦେହର ତାପମାତ୍ରା ଠାରୁ ୨ ଡିଗ୍ରୀ ଅଧିକ ରହିଛି । ଏଭଳି ପରିସ୍ଥିତିରେ ଲକ୍ଷ ଲକ୍ଷ ଜଳ ପ୍ରାଣୀଙ୍କର ମୃତ୍ୟୁ ଘଟିଛି । ମୃତ୍ୟୁ ବରଣ କରିଥିବା ପଶୁମାନଙ୍କ ମଧ୍ୟରେ ୧୫୦ ଡଲଫିନ୍ ମଧ୍ୟ ଅଛନ୍ତି । ଆମାଜନ ନଦୀରେ ଏହି ପ୍ରକାର ଜଳାଭାବ ପରିବେଶବିତମାନଙ୍କ ପାଇଁ ମଧ୍ୟ ଏକ ବଡ଼ ଆହ୍ୱାନ ଏବେ ପ୍ରଶ୍ନ ଉଠିଛି କି ଏହା କିଛି ବଡ ବିପଦର ସଙ୍କେତ କି ?



ଏବଂ ଏହି ବଡ ପରିବର୍ତ୍ତନର କାରଣ କ'ଣ ?୨୦୦୭ ର ଆଇପିସିସି ରିପୋର୍ଟରେ ଏହା ସ୍ପଷ୍ଟ ହୋଇଥିଲା ଯେ ଗ୍ଲୋବାଲ ୱାର୍ମିଂ ହେତୁ ଏଲ୍ ନିନୋ ପରି ଅବସ୍ଥା ବାରମ୍ବାର ଘଟିବ । ପୂର୍ବ ପ୍ରଶାନ୍ତ ମହାସାଗରରେ ଥିବା କେନ୍ଦ୍ରୀୟ ଏଲ୍ ନିନୋ ବର୍ତ୍ତମାନ ସମୁଦ୍ର ମଧ୍ୟଭାଗରେ ବ୍ୟାପିଛି । ଆଉ ଏହାର ପ୍ରଭାବରେ ଆମାଜନ ନଦୀର ତାପମାତ୍ରା ବଢିଛି ଆଉ ନଦୀ ଶୁଖିବାରେ ଲାଗିଛି ବ୍ରାଜିଲ- ଭେନେଜୁଏଲା ସୀମାରେ ଅବସ୍ଥିତ ରୋରାଇମା ପ୍ରଦେଶ ସହିତ ଉତ୍ତର ଆମାଜନରେ ଏଲ୍ ନିନୋ ଭୟଙ୍କର ମରୁଡ଼ି ସୃଷ୍ଟି କରିଛି । ଏହା ସହ ଏହି ଅଂଚଳରେ ଥିବା ଜଙ୍ଗଲରେ ନିଆଁ ଲାଗିବା ସ୍ଥିତିକୁ ସଂଗୀନ କରିଦେଇଛି ୧୯୮୨ର ଏଲ୍ ନିନୋ କାରଣରୁ ଆମାଜନରେ ଗଛ ନଷ୍ଟ ହେବା ସହିତ ଇଥିଓପିଆ ଏବଂ ପଡୋଶୀ ଆଫ୍ରିକୀୟ ଦେଶରେ ମରୁଡ଼ି ଯୋଗୁଁ ୨୦୦,୦୦୦ ରୁ ଅଧିକ ଲୋକଙ୍କର ମୃତ୍ୟୁ ଘଟିଥିଲା ।

## ବନ୍ୟା ବନ୍ଦ ନ ହେବାରୁ ୩୦ ଅଧିକାରୀଙ୍କୁ ମୃତ୍ୟୁଦଣ୍ଡ !

**ପ୍ୟୋଙ୍ଗୟାଙ୍ଗ,୫।୯(ଏଜେନ୍ସି):** ଉତ୍ତର କୋରିଆର ଏକଛତ୍ରବାଦୀ ଶାସକ କିମ ଜୋଙ୍ଗ ଉନ୍ ୩୦ ଜଣ ଉଚ୍ଚ ପଦାଧିକାରୀଙ୍କୁ ମୃତ୍ୟୁଦଣ୍ଡ ଦେଇଛନ୍ତି । ଏହାର ମୁଖ୍ୟ କାରଣ ହେଉଛି ସେମାନେ ବିନାଶକାରୀ ବନ୍ୟାକୁ ରୋକିବାରେ ବିଫଳ ହୋଇଥିଲେ । ଦକ୍ଷିଣ କୋରିଆ ନ୍ୟୁଜ୍ ଏଜେନ୍ସି ଚୋସୁନ୍ ଟିଭି ଅନୁଯାୟୀ ଉତ୍ତର କୋରିଆର ଅଧିକାରୀମାନେ କହିଛନ୍ତି ଯେ ଯେଉଁ ପଦାଧିକାରୀଙ୍କ ଉପସ୍ଥିତିରେ ବନ୍ୟାରେ ଲୋକମାନେ ପ୍ରାଣ ହରାଇଛନ୍ତି । ସେମାନଙ୍କୁ କଠୋର ଦଣ୍ଡ ଦିଆଯିବ । ଉତ୍ତର କୋରିଆର ଚାଗାଙ୍ଗ ପ୍ରଦେଶରେ ଭୟଙ୍କର ବନ୍ୟା ଯୋଗୁଁ ୪,୦୦୦ ଲୋକଙ୍କର ମୃତ୍ୟୁ ଘଟିଛି । ଅଗଷ୍ଟ ଶେଷରେ ଉତ୍ତର କୋରିଆରେ ଏକଛତ୍ରବାଦୀ ଶାସକ କିମଙ୍କ ନିର୍ଦ୍ଦେଶରେ ଏକ ସମୟରେ ଦଳର ପ୍ରମୁଖ ୩୦ ବ୍ୟକ୍ତିବିଶେଷଙ୍କୁ ମୃତ୍ୟୁଦଣ୍ଡ ଦିଆ ଯାଇଥିଲା । ଚାଗାଙ୍ଗ ପ୍ରଦେଶର ବରଖାସ୍ତ ହୋଇଥିବା ଦଳର ସଚିବ କାଙ୍ଗ ବଙ୍ଗ ହୁନ୍ ମଧ୍ୟ ଧରାପଡିଛନ୍ତି । ଉତ୍ତର କୋରିଆର ନ୍ୟୁଜ୍ ଏଜେନ୍ସି କେସିଏନ୍ଏ ଅନୁଯାୟୀ କିମ ଜୋଙ୍ଗ ଉନ୍ ଅଧିକାରୀମାନଙ୍କୁ କହିଛନ୍ତି ଯେ ଯେଉଁମାନେ



ବିପର୍ଯ୍ୟୟକୁ ରୋକିବା ପାଇଁ ନିଜର ଦାୟିତ୍ୱ ପୂରଣ କରିପାରିନାହାଁନ୍ତି ସେମାନଙ୍କୁ କଠୋର ଦଣ୍ଡ ଦିଆଯିବ ।

ସୂଚନାଯୋଗ୍ୟ, ଜୁଲାଇ ମାସରେ ଉତ୍ତର କୋରିଆରେ ପ୍ରବଳ ବର୍ଷା ଯୋଗୁ ଭୂସ୍ଖଳନ ଓ ବନ୍ୟା ପରିସ୍ଥିତିରେ ୪ ହଜାରରୁ ଅଧିକ ଲୋକ ପ୍ରାଣ ହରାଇଥିଲେ । ହଜାର ହଜାର ଘର ନଷ୍ଟ ହୋଇଯାଇଥିଲା । କିମ ଜୋଙ୍ଗ ବ୍ୟକ୍ତିଗତ ଭାବେ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଥିଲେ । କେସିଏନ୍ଏ ଅନୁଯାୟୀ, ପ୍ୟୋଙ୍ଗୟାଙ୍ଗରେ ଥିବା ଅସ୍ଥାୟୀ କ୍ୟାମ୍ପରେ ଶିଶୁ, ବୃଦ୍ଧ ଏବଂ ଦିବ୍ୟାଙ୍ଗ ସେନିକଙ୍କ ସମେତ ୧୫,୪୦୦ରୁ ଅଧିକ ଲୋକଙ୍କୁ ରଖାଯାଇଛି । କିମ ଜୋଙ୍ଗ ଉନ୍ କହିଛନ୍ତି ଯେ ବନ୍ୟା ପ୍ରଭାବିତ ଅଞ୍ଚଳର ପୁନର୍ନିର୍ମାଣ ପାଇଁ ଦୁଇରୁ ତିନି ମାସ ସମୟ ଲାଗିବ । ପ୍ରଭାବିତ ଅଞ୍ଚଳର କିଛି ଅଂଶକୁ ସ୍ୱତନ୍ତ୍ର ବିପର୍ଯ୍ୟୟ କ୍ଷେତ୍ର ବୋଲି ଘୋଷଣା କରାଯାଇଛି । ଉଦ୍ଧାର କାର୍ଯ୍ୟ ତଥା ଥଇଥାନ ବ୍ୟବସ୍ଥା ଯୁଦ୍ଧକାଳୀନ ଭିତ୍ତିରେ ଜାରି ରହିଛି । ପୁନର୍ନିର୍ମାଣ ପାଇଁ ଏକଛତ୍ରବାଦୀ ଶାସକ କିମ ରାଜକୋଷରୁ ଅର୍ଥ ବ୍ୟୟ ବରାଦ କରିଛନ୍ତି ।

## କଙ୍ଗନାଙ୍କୁ ନେଇ ଜଗତ ସିଂ ନେଗିଙ୍କ ବିବାଦୀୟ ମନ୍ତବ୍ୟ

**ମଣ୍ଡି,୫।୯(ଏଜେନ୍ସି):** ହିମାଚଳ ପ୍ରଦେଶ ମନ୍ତ୍ରୀ ତଥା କଂଗ୍ରେସ ନେତା ଜଗତ ସିଂ ନେଗି ବିଜେପି ସାଂସଦ ତଥା ଅଭିନେତ୍ରୀ କଙ୍ଗନା ରାଣାୱତଙ୍କ ବିରୋଧରେ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି । ହିମାଚଳ ପ୍ରଦେଶ ବିଧାନସଭାରେ କଂଗ୍ରେସ ନେତା ଜଗତ ନେଗି କହିଛନ୍ତି ଯେ ପରିସ୍ଥିତି ଶାନ୍ତ ହେବା ପରେ କଙ୍ଗନା ହିମାଚଳର ମଣ୍ଡି କୁଲୁରେ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଥିଲେ । ଜଗତ ସିଂ ନେଗି ବ୍ୟଙ୍ଗାତ୍ମକ ଭାବରେ କହିଛନ୍ତି ଯେ ସଂସଦୀୟ ନିର୍ବାଚନମଣ୍ଡଳୀ ହୋଇଥିଲେ ମଧ୍ୟ ବିପର୍ଯ୍ୟୟ ସମୟରେ କଙ୍ଗନା ରାଣାୱତ ସେଠାକୁ ଯାଇନାହାଁନ୍ତି, ବରଂ ସେ କେବଳ ଏକ ଟୁଇଟ୍ କରିଛନ୍ତି । ସେହି ଟୁଇଟରେ ସେ କହିଥିଲେ ୟେଲୋ ଏବଂ ଅରେଞ୍ଜ ଆଲର୍ଟ ଯୋଗୁଁ ଅଧିକାରୀ ଏବଂ ନେତାମାନେ ମତେ ସେଠାକୁ ନ ଯିବାକୁ ପରାମର୍ଶ ଦେଇଥିଲେ । ସେ କଟାକ୍ଷ କରି କହିଛନ୍ତି ଯେ ଯଦି ବନ୍ୟା ସମୟରେ କଙ୍ଗନା ଆସିଥାନ୍ତେ ତେବେ ତାଙ୍କର ମେକ୍ ଅପ୍ ଖରାପ ହୋଇ ଯାଇଥାନ୍ତା । ଲୋକମାନେ ସେ କଙ୍ଗନା ଅବା ତାଙ୍କ ମା' କିଏ ତାହା ଚିହ୍ନିପାରି ନ ଥାନ୍ତେ । ବିଧାନସଭାରେ ଜଗତ ନେଗି କହିଛନ୍ତି, ଯଦି କୌଣସି ସ୍ଥାନରେ ବାଦଲ ଫଟା ବର୍ଷା ହୁଏ ଏବଂ ଆମେ କଙ୍ଗନାଙ୍କ ଭଳି ସେଠାରେ ଦୁଇଦିନ ପରେ ପହଞ୍ଚିଥାନ୍ତୁ । ତେବେ କଙ୍ଗନା ଜୀ ଟୁଇଟ୍ କରି କ'ଣ



ଏଭଳି କହିଥାନ୍ତେ ଯେ ମୋତେ କିଛି ଅଧିକାରୀ ଏବଂ ବିଧାୟକ ହିମାଚଳରେ ରେଡ୍ ଏବଂ ଅରେଞ୍ଜ ଆଲର୍ଟ ଅଛି, ତେଣୁ ବର୍ତ୍ତମାନ ଆସ ନାହିଁ ବୋଲି ମନ୍ତବ୍ୟ ଦେଇଥାନ୍ତେ କି ?କଙ୍ଗନା ଆସିବା ବେଳକୁ ତାଙ୍କ ନିର୍ବାଚନମଣ୍ଡଳୀରେ ୩୪ଜଣ ପ୍ରାଣ ହରାଇଥିଲେ, ୯ ଜଣ ମଣ୍ଡିରେ ପ୍ରାଣ ହରାଇଥିଲେ । ସେ କହିଛନ୍ତି, ବୋଧହୁଏ ବିଧାୟକଙ୍କ ମଧ୍ୟରେ ଜୟରାମ ଜୀ ତାଙ୍କୁ ସେଠାକୁ ନ ଆସିବାକୁ ପରାମର୍ଶ ଦେଇଥାଇ ପାରନ୍ତି, କିନ୍ତୁ କେଉଁ ଅଧିକାରୀ ଏହା କହିଛନ୍ତି ତାହା ଜାଣିବା ଆବଶ୍ୟକ । ସବୁ ଠିକ୍ ଥିବାବେଳେ କଙ୍ଗନା ପହଞ୍ଚିଥିଲେ । ଆଉ କୁମ୍ଭୀର କାନ୍ଦଣା କାନ୍ଦିଥିଲେ । ଏହି କାନ୍ଦଣା କେବଳ ଅଭିନୟ ଥିଲା । ଜଗତ୍‌ନେଗି ଏହା ମଧ୍ୟ କହିଛନ୍ତି ଯେ ଏହି ବିପର୍ଯ୍ୟୟ ସମୟରେ ରାତି ୨ ଟା ପର୍ଯ୍ୟନ୍ତ ସରକାରୀ ମନ୍ତ୍ରୀ ଏବଂ ବିଧାୟକମାନେ କିପରି ଜନସାଧାରଣଙ୍କ ସେବା କରିଥିଲେ ତାହା ସେ କହିବାକୁ ଚାହାଁନ୍ତି ନାହିଁ । ସୂଚନାଯୋଗ୍ୟ ଯେ ହିମାଚଳ ପ୍ରଦେଶରେ ମୌସୁମୀ ବନ୍ୟା ଏବଂ ଭୂସ୍ଖଳନ ଯୋଗୁ କୋଟି କୋଟି ଟଙ୍କାର କ୍ଷୟକ୍ଷତି ଘଟିଛି ଏବଂ ଅନେକ ଲୋକ ପ୍ରାଣ ହରାଇଛନ୍ତି । ରାଜ୍ୟ ସରକାର ଏହି ଲୋକଙ୍କୁ ସାହାଯ୍ୟ କରୁଛନ୍ତି ।ବର୍ଷା ଓ ବନ୍ୟା ହିମାଚଳରେ ଅଘଟଣ ଘଟାଇଥିଲା । ଏହି ଦୁର୍ଘଟଣାରେ ଅନେକ ଲୋକ ପ୍ରାଣ ହରାଇଥିବାବେଳେ ଅନେକ ଲୋକ ବେଘର ହୋଇଥିଲେ । ମଣ୍ଡିର ବିଜେପି ସାଂସଦ କଙ୍ଗନା ରାନାୱତ ସେହି ସମୟରେ ବିପର୍ଯ୍ୟୟ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ନ ଥିଲେ । ପରେ ସେ ବନ୍ୟା ପୀଡିତଙ୍କୁ ଭେଟି ସେମାନଙ୍କ ଅବସ୍ଥା ବିଷୟରେ ପଚାରି ବୁଝିଥିଲେ । କଙ୍ଗନା ଲୋକଙ୍କୁ ଭେଟିବାର ଅନେକ ଫଟୋ ଏବଂ ଭିଡିଓ ପ୍ରକାଶ ପାଇଥିଲା । କଂଗ୍ରେସ ନେତା କହିଛନ୍ତି ଯେ କଙ୍ଗନା ଠିକ୍ ସମୟରେ ସେହି ଅଞ୍ଚଳ ପରିଦର୍ଶନ କରିନାହାଁନ୍ତି । ସବୁ ଠିକ୍ ହେବା ପରେ ସେ ସେଠାରେ ପହଞ୍ଚିଥିଲେ । ଫଟୋ ଭିଡିଓ ସୋସିଆଲ ମିଡିଆରେ ପୋଷ୍ଟ କରାଯାଇ କେବଳ ଲୋକଙ୍କୁ ଭୁଆଁ ବୁଲାଇ ପ୍ରଚାର କରାଯାଇଥିବା ଜଗତ ନେଗି ଅଭିଯୋଗ କରିଛନ୍ତି ।

## ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହା ଅଭିଯାନ ପିଏମ୍ ଜନମନ ଅନ୍ତର୍ଗତ ଜନସଚେତନତା

**ରାୟଗଡ,(ନିପ୍ର):** ପ୍ରଧାନମନ୍ତ୍ରୀ ଜନମନ ପରିଯୋଜନାରେ ରାୟଗଡ଼ ଜିଲ୍ଲା ବିଷମକଟକ ତହସିଲ୍ ଅନ୍ତର୍ଗତ ଖଜୁରୀ ଠାରେ ବିଶେଷ ଭାବେ ଅନୁନ୍ନତ ଜନଜାତି ସମୁଦାୟ ଡଙ୍ଗରିଆ କନ୍ଧ ହିତାଧିକାରୀଙ୍କୁ ଜାତିଗତ ପ୍ରମାଣପତ୍ର, ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର, ବାର୍ଷିକ ଆୟ ପ୍ରମାଣପତ୍ର ଏବଂ ଜଙ୍ଗଲ ଜମି ପଟ୍ଟା ର ସୁବିଧା ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଶିବିରରେ ଜାତିଗତ ପ୍ରମାଣ ପତ୍ର ପାଇଁ ୫୫ଟି ଆବେଦନ, ଜବ କାର୍ଡ ନିମନ୍ତେ ୩୨ଟି, ପ୍ରଧାନମନ୍ତ୍ରୀ କିଷାନ କାର୍ଡ ନିମନ୍ତେ ୧୪୪ଟି ଆବେଦନ ପତ୍ର ଦାଖଲ କରିଥିଲେ। ୩ଜଣଙ୍କ ରକ୍ତ ଶିକୁଲା ପରୀକ୍ଷା, ଜଣଙ୍କ ଆଧାର କାର୍ଡ ସଂଶୋଧନ, ୩ଜଣଙ୍କ ଜଙ୍ଗଲ ଜମି ପଟ୍ଟା ନିମନ୍ତେ ଦରଖାସ୍ତ ଗ୍ରହଣ କରାଯାଇଥିଲା। ଜଣେ ଦିବ୍ୟାଙ୍ଗଙ୍କୁ ପ୍ରମାଣପତ୍ର, ୧୪ଜଣଙ୍କ ଜନ୍ମ ପ୍ରମାଣପତ୍ର, ୩ଜଣଙ୍କ ଖାଉଟି କାର୍ଡ, ୮ଜଣଙ୍କ ବିଦ୍ୟୁତ ସଂଯୋଗ, ୨ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ପଞ୍ଜୀକରଣ, ୧୦ଛାତ୍ରଛାତ୍ରୀଙ୍କ ପୁନଃ ବିଦ୍ୟାଳୟ ପ୍ରେରଣ, ଛେଳି କୁକୁଡ଼ା ଚାଷ ନିମନ୍ତେ ୦୭ଟି ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ଆର୍ଥିକ ସହାୟତା



ପ୍ରଦାନ କରାଯାଇଥିଲା । ସେହିପରି ସପ୍ତମ ଦିନରେ ସିନାସାରି ଗ୍ରାମ ପଞ୍ଚାୟତ ସଦର ମହକୁମା ଠାରେ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଲାଞ୍ଜିଆ ସୌରା ଉନ୍ନୟନ ସଂସ୍ଥା, ପୁଟାସିଂର ସ୍ୱତନ୍ତ୍ର ଅଧିକାରୀ ଶ୍ରୀମତୀ ଅସୀମା ରାଓଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଜଲତାର ସରପଞ୍ଚ ମାର୍କ ଦଳବେହେରା ଓ ସମିତି ସଦସ୍ୟ ଜଗଦିଶ ସବର ସମେତ ସ୍ଥାନୀୟ ଅଞ୍ଚଳର ପ୍ରାୟ ୨୦୦ଉର୍ଦ୍ଧ୍ୱ ବିଶେଷ ଭାବରେ ଅନୁନ୍ନତ ଜନଜାତି ବର୍ଗର ଲୋକମାନେ ଯୋଗ ଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ ହୋଇଛନ୍ତି । ଗୁଣପୁର ବ୍ଲକର ୭ଟି ପଞ୍ଚାୟତର ୧୩୬ଟି ଗ୍ରାମ ରେ ଅନୁଷ୍ଠିତ ହେବାକୁ ଥିବା ଏହି ଶିବିରର ସପ୍ତମ ଦିନରେ ଆଜି ବିଭିନ୍ନ ବିଭାଗ ଯଥା ରାଜସ୍ୱ ବିଭାଗ ପକ୍ଷରୁ ଜାତି ପ୍ରମାଣ ପତ୍ର ପାଇଁ ୦୧ଟି ଆବେଦନ ପତ୍ର ସଂଗୃହିତ ହୋଇଥିବା ବେଳେ, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୧୬ଜଣଙ୍କର ରକ୍ତ ଶିକୁଳି ରୋଗ ପରୀକ୍ଷା ଏବଂ ୧୦ ଗୋଟି ଜନ୍ମ ପ୍ରମାଣ ପତ୍ର ବଣ୍ଟନ କରାଯାଇବା ସହ, ୦୧ ଜଣଙ୍କ ରାଶନ କାର୍ଡ ଆବେଦନ ସଂଗ୍ରହ କରାଗଲା ଓ ୦୧ଗୋଟି ଜନ୍ମ ପ୍ରମାଣ ପତ୍ର ବଣ୍ଟନ କରାଯାଇଛି ସେହିପରି ୦୪ ଜଣଙ୍କ ଆଧାର ପଞ୍ଜିକରଣ କରାଯାଇଥିବା ବେଳେ ଟିବି ପରୀକ୍ଷାରେ ଗୋଟିଏ ଆକ୍ଟିଭ୍ କେସ୍ ନଥିବା ଜଣାପଡ଼ିଛି, ଟିପିଏସଓଡିଏଲ୍ ପକ୍ଷରୁ ଏସଡିଓ ଶ୍ରୀ ପି . ପାଢ଼ି ଉପସ୍ଥିତ ଥିବା ସହା, ଡାକ୍ତର ଶ୍ରୀ ନିହାର ରଞ୍ଜନ ପଟ୍ଟନାୟକ ଏବଂ ତାଙ୍କ ଟିମ୍ ଏମଏଚୟୁ ଜଗନ୍ନାଥପୁର ଉପସ୍ଥିତ ଥିଲେ, ପାନୀୟଜଳ ଓ ପରିମଳ ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ, ସାମାଜିକ ସୁରକ୍ଷା, ଗ୍ରାମ୍ୟ ଗୃହ ନିର୍ମାଣ, ଓଡ଼ିଶା ଜୀବିକା ମିଶନ, ମିଶନ ଶକ୍ତି, ଆଇଟିଡ଼ିଏ- ଓଟିଏଲ୍ ପି, ଗୁଣପୁର ପକ୍ଷରୁ ଅଧିକାରୀ ମାନେ ଯୋଗଦେଇ ପିଭିଟିଜିଙ୍କ ପାଇଁ ଉପଲବ୍ଧ ବିଭିନ୍ନ ସୁବିଧା ସୁଯୋଗ ସଂପର୍କରେ ଆଲୋଚନା କରିଛନ୍ତି । ଆଜିର କାର୍ଯ୍ୟକ୍ରମକୁ ଲାଞ୍ଜିଆ ସଉରା ଉନ୍ନୟନ ସଂସ୍ଥାର ମଙ୍ଗଳ ସଂପ୍ରସାରଣ ଅଧିକାରୀ ପରିଚାଳନା କରିଥିବା ବେଳେ ଏହି ସଂସ୍ଥାର ଅନ୍ୟ କର୍ମଚାରୀ ମାନେ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

## କ୍ରିଡା ପ୍ରତିଯୋଗିତାରେ କନ୍ଧମାଳର ସୁନାମ



**ଫୁଲବାଣୀ,(ନିପ୍ର):** ପୁରୀ ଜିଲ୍ଲାର ପିପିଲି ଠାରେ ଦୁଇ ଦିନ ଧରି ପୁରୀ ଜିଲ୍ଲା ତାଇକ୍ୱଣ୍ଡୋ ସଂଘ ଦ୍ୱାରା ଅନୁଷ୍ଠିତ ହୋଇଥିବା ରାଜ୍ୟ ତାଇକ୍ୱଣ୍ଡୋ ପ୍ରତିଯୋଗିତା କଳିଙ୍ଗ କପରେ ଯୋଗଦାନ ଦେବା ପାଇଁ କନ୍ଧମାଳ ଜିଲ୍ଲାରୁ ବିଭିନ୍ନ ବର୍ଗରୁ ୩ ଜଣ ଛାତ୍ରଛାତ୍ରୀ ମନୋନୀତ ହୋଇଯାଇଥିଲେ। କନ୍ଧମାଳ ଜିଲ୍ଲା ପକ୍ଷରୁ ଖେଳିବା ପାଇଁ ଦେବାଶିଷ ପ୍ରଧାନ ଓ ଶାଳିନୀ ସିଂଙ୍କ ତତ୍ତ୍ୱାବଧାନରେ ବିଦେଶୀ ସାହୁ ଓ ରଶ୍ମିତା ସାହୁଙ୍କ ତିନି ପୁତ୍ର ପୁତ୍ରୀ ଓମ୍ ସାଇରାମ ସାହୁ ସବ ଜୁନିଅର ପୁରୁଷ ୩୦ କିଲୋଗ୍ରାମ ବର୍ଗରେ, ଶୁଭଶ୍ରୀ ସାହୁ ଜୁନିଅର ମହିଳା ୪୫ କିଗ୍ରା ବର୍ଗରେ ଓ ସୁଇଟି ସାହୁ ସିନିଅର ମହିଳା ୪୯ କିଗ୍ରା ବର୍ଗରେ ସ୍ୱର୍ଣ ପଦକ ହାସଲ କରିଛନ୍ତି। ତଥା ପୁମସିରେ ମଧ୍ୟ ଓମ୍ ସାଇରାମ ସାହୁ ସବ ଜୁନିଅର ପୁରୁଷ ବର୍ଗରେ ରୌପ୍ୟ ପଦକ, ଶୁଭଶ୍ରୀ ସାହୁ ଜୁନିଅର ମହିଳା ବର୍ଗରେ ତାମ୍ର ପଦକ ଓ ସୁଇଟି ସାହୁ ସିନିଅର ମହିଳା ବର୍ଗରେ ସ୍ୱର୍ଣ ପଦକ ହାସଲ କରିଛନ୍ତି। କନ୍ଧମାଳର ତିନି ଖେଳାଳିଙ୍କ କୃତିତ୍ୱ ପାଇଁ କନ୍ଧମାଳ ଜିଲ୍ଲା ତଥା କୋଚ ଓ କନ୍ଧମାଳ ତାଇକ୍ୱଣ୍ଡୋ ସଂଘର ସମ୍ପାଦକ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି। ଆଗାମୀ କିଛି ମାସ ପରେ ହେବାକୁ ଥିବା ଜାତୀୟସ୍ତରୀୟ ତାଇକ୍ୱଣ୍ଡୋ ପ୍ରତିଯୋଗୀତାରେ କିପରି ପଦକ ଆଣିବା ପାଇଁ ଭଲ ପ୍ରୟାସ ରହିବ ସେଥିପାଇଁ ମଧ୍ୟ ବାର୍ତ୍ତା ଦେଇଛନ୍ତି।

## ଗଣେଶ ପୂଜା ନିମନ୍ତେ ବାଲେଶ୍ୱର ଜିଲ୍ଲା ପ୍ରଶାସନର ଶାନ୍ତି କମିଟି ବୈଠକ

ବାଲେଶ୍ୱର,(ନିପ୍ର): ଆସନ୍ତା ଗଣେଶ ପୂଜାକୁ ଶାନ୍ତିଶୃଙ୍ଖଳାର ସହିତ ପାଳନ ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଶାନ୍ତି କମିଟି ବୈଠକ ଆଜି ଅପରାହ୍ନ ୫ ଘଟିକା ସମୟରେ ସ୍ଥାନୀୟ ସଦଭାବନା ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମାନ୍ୟବର ସାଂସଦ (ବାଲେଶ୍ୱର) ଶ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ମାନ୍ୟବର ବିଧାୟକ (ସଦର) ଶ୍ରୀ ମାନସ ଦତ୍ତ, ମାନ୍ୟବର ଅଧ୍ୟକ୍ଷ, ଜିଲ୍ଲାପରିଷଦ ଶ୍ରୀ ନାରାୟଣ ପ୍ରଧାନ, ମାନନୀୟା ଅଧ୍ୟକ୍ଷା, ବାଲେଶ୍ୱର ପୌରପାଳିକା ଶ୍ରୀମତୀ ସବିତା ସାହୁ, ଆରକ୍ଷୀ ଅଧିକ୍ଷକ ଶ୍ରୀମତୀ ସାଗରିକା ନାଥ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ସୁଧାକର ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ନିରଞ୍ଜନ ବେହେରା, ଉପଜିଲ୍ଲାପାଳ ଶ୍ରୀ ପ୍ରଥମେଶ ଅରବିନ୍ଦ ରାଜେସିର୍କେ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ ଦୁଲାଳସେନ ଜଗତ ଦେଓଙ୍କ ସମେତ ବିଭିନ୍ନ ପୂଜା କମିଟିର ସଦସ୍ୟ, ପୋଲିସ, ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଜିଲ୍ଲାରେ କିଭଳି ସୁରୁଖୁରୁରେ ଗଣେଶ ପୂଜା ଆୟୋଜିତ ହୋଇପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ । ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ସୁଧାକର



ନାୟକ ପୂର୍ବ ବର୍ଷର ବିବରଣୀ ପାଠ କରିବା ସହିତ ବିଭିନ୍ନ ନିୟମାବଳୀ ସମ୍ପର୍କରେ ଗୃହକୁ ସୂଚନା ଦେଇଥିଲେ । ସେପ୍ଟେମ୍ବର ୭ ତାରିଖ ଦିନ ପାଳନ ହେବାକୁ ଥିବା ଗଣେଶ ପୂଜା ଲାଗି ବାଲେଶ୍ୱର ଜିଲ୍ଲା ପ୍ରଶାସନ ଏବଂ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି । ଆଇନଶୃଙ୍ଖଳା ଏବଂ ଟ୍ରାଫିକ ପରିଚାଳନାକୁ ସୁବ୍ୟବସ୍ଥିତ କରିବା ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ବ୍ଲୁପ୍ରିଂଟ ତିଆରି କରାଯିବା ସହିତ ସେପ୍ଟେମ୍ବର ୯, ୧୧ ଓ ୧୪ ତାରିଖ ଦିନ ଭସାଣୀ ଯାତ୍ରା ପାଇଁ ଧାର୍ଯ୍ୟ କରାଯାଇଛି । ପୂଜା ମଣ୍ଡପ ଓ ଭସାଣି ବେଳେ ବଫର ଓ ଲେଜର ଲାଇଟ ଉପରେ କଟକଣା ଲଗାଯାଇଛି ଓ ଶବ୍ଦର ତୀବ୍ରତା ୬୫ଡେସିବଲ ମଧ୍ୟରେ ସୀମିତ ରହିବ ଏବଂ ଏହାର ଉଲ୍ଲଙ୍ଘନ ହେଲେ ଆଇନ ଅନୁଯାୟୀ ପଦେକ୍ଷପ ନିଆଯିବ । ଏହି ପରିପ୍ରେକ୍ଷୀରେ ପାରମ୍ପରିକ ବାଦ୍ୟ ଓ ସଙ୍ଗୀତକୁ ପ୍ରୋତ୍ସାହିତ କରିବା ପାଇଁ ମଞ୍ଚସ୍ଥ ଅଧିକାରୀ ଓ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ମାନେ ଅନୁରୋଧ କରିଥିଲେ ଓ ତୀକ୍ଷ୍ଣ ଧାରଯୁକ୍ତ ଖଣ୍ଡା, ଅସ୍ତ୍ରଶସ୍ତ୍ର ବ୍ୟବହାର ଓ ଆତସବାଜି ନ ହୁଏ ସେଥିପାଇଁ କମିଟିଗୁଡିକ ଯତ୍ନବାନ ହେବା ସହ ପୋଲିସ ତନଖି କରିବାକୁ ମତପ୍ରକାଶ ପାଇଥିଲା। ସ୍ଥାନୀୟ ପ୍ରଶାସନ ଦ୍ୱାରା ଜାରି କରାଯାଇଥିବା ସମସ୍ତ କଟକଣାକୁ ମଧ୍ୟ ପୂଜା କମିଟିମାନଙ୍କୁ ମାନିବାକୁ ପଡିବ। ସରକାରୀ ନିୟମାବଳୀର କିଭଳି ପାଳନ ହୋଇପାରିବ ତାହାର ସମ୍ପୂର୍ଣ୍ଣ ଦାୟିତ୍ୱ ପୂଜା କମିଟିମାନେ ନେବେ । ସମସ୍ତ ନୀତି ନିୟମ ମଧ୍ୟରେ ରହି ଗଣେଶ ପୂଜା ପାଳନ ନିମନ୍ତେ ଉପସ୍ଥିତ ପୂଜା କମିଟି ସଦସ୍ୟମାନଙ୍କୁ ଜିଲ୍ଲାପାଳ ଶ୍ରୀ ବିକାଶ ପରାମର୍ଶ ଦେବା ସହ ସମସ୍ତଙ୍କର ସହଯୋଗ କାମନା କରିଥିଲେ।

## ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡ ପକ୍ଷରୁ ଗ୍ଲୋବାଲ ଫୁଟ୍ ପ୍ରିଂଟ ବିସ୍ତାର ଯୋଜନା

**ସମ୍ବଲପୁର,୫।୯ (ମହାଭାରତ):** ବିଶ୍ୱର ସର୍ବବୃହତ ତଥା ବିଶ୍ୱସ୍ତ ଅଳଙ୍କାର କମ୍ପାନୀ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡ ପକ୍ଷରୁ ବିଶ୍ୱସ୍ତରୀୟ ବିସ୍ତାର ରଣନୀତିର ଏକ ଅଂଶ ଭାବରେ ଚଳିତ ଅକ୍ଟୋବରରେ ୨୦ ଟି ନୂତନ ଶୋ'ରୁମର ଶୁଭାରମ୍ଭ କରିବାକୁ ଯାଉଛି। ଏହି ନୂତନ ଅବସ୍ଥାନ ସମଗ୍ର ଭାରତ, ଜିସିସି ଦେଶ ଏବଂ ଯୁକ୍ତରାଷ୍ଟ୍ରର ପ୍ରମୁଖ ବଜାରରେ ବ୍ରାଣ୍ଡର ଉପସ୍ଥିତି ବଢ଼ାଇବା ସହିତ ବିଶ୍ୱସ୍ତରୀୟ ମୋଟ ଶୋ'ରୁମ ସଂଖ୍ୟା ୩୭୫ରେ ପହଂଚାଇବାକୁ ଯୋଜନା କରିଛି। ସମ୍ପ୍ରତି ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡର ୧୩ ଟି ଦେଶରେ ୩୫୫ଟି ଶୋ'ରୁମ ରହିଛି।

ଏହି ମହତ୍ୱପୂର୍ଣ୍ଣ ସମ୍ପ୍ରସାରଣ ଦ୍ୱାରା ବିଶ୍ୱର ସର୍ବବୃହତ ଅଳଙ୍କାର ଖୁଚୁରା ବ୍ୟବସାୟୀ ହେବା ପାଇଁ ମାଲାବାର ଗ୍ରୁପର ଯାତ୍ରାରେ ଏକ ନୂତନ ଅଧ୍ୟାୟ ଯୋଡ଼ିହେବ। ଭାରତରେ ଏହି ସମ୍ପ୍ରସାରଣ ଦ୍ୱାରା ଉତରପ୍ରଦେଶରେ ୩ଟି, ଦିଲ୍ଲୀରେ ୨ଟି, ମହାରାଷ୍ଟ୍ରରେ ୨, କର୍ଣ୍ଣାଟକରେ ୨ଟି, ରାଜସ୍ଥାନରେ ୨ଟି, ଓଡିଶାରେ ୧ଟି, ତେଲେଙ୍ଗାନାରେ ୧ଟି, ପଶ୍ଚିମବଙ୍ଗରେ ୧ଟି ଏବଂ ପଞ୍ଜାବରେ ୧ଟି ନୂତନ ଶୋ'ରୁମ ଖୋଲିବ। ଅନ୍ତର୍ଜାତୀୟସ୍ତରରେ ଏହି ବ୍ରାଣ୍ଡ ଶାରଜାର ମୁୱାଲେହ, କତାରର ମ୍ୟୁତାର ଏବଂ ସାଉଦି ଅରବର ନଖେଲ ମଲରେ ନୂତନ ଶୋ'ରୁମ ସହିତ ସ୍ଥିତିକୁ ସୁଦୃଢ଼ କରିବ। ଏହା ସହିତ, ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡ ଉତର ଆମେରିକାର ଲସ ଆଞ୍ଜେଲସର ଆର୍ଟେସିଆ ଏବଂ ଜର୍ଜିଆର ଆଟଲାଂଟାଠାରେ ଦୁଇଟି ନୂତନ ଶୋ'ରୁମ ଖୋଲିବ। ଏହି ସମ୍ପ୍ରସାରଣ ଉପରେ ମନ୍ତବ୍ୟ ଦେଇ ମାଲାବାର ଗ୍ରୁପ୍ର ଅଧକ୍ଷ ଏମପି ଅହମ୍ମଦ କହିଲେ, ଅକ୍ଟୋବରରେ ୨୦ ଟି ନୂତନ ଶୋ'ରୁମ ଖୋଲିବା ଦ୍ୱାରା ବିଶ୍ୱର ଅଗ୍ରଣୀ ଖୁଚୁରା ଅଳଙ୍କାର ହେବା ଆମର ଦୃଷ୍ଟିକୋଣ ବୃଦ୍ଧି ପାଇବ। ଏହା ସମାଜ ପାଇଁ ମଧ୍ୟ ଲାଭଦାୟକ ସାବ୍ୟସ୍ତ ହେବ। ଆମେ ଭାରତ ଗୋଲ୍ଡ କନଫରେନ୍ସ ୨୦୨୩-୨୪ରେ ଏକ ଦାୟିତ୍ୱପୂର୍ଣ୍ଣ ଅଳଙ୍କାର ଗୃହ ଭାବରେ ମାନ୍ୟତା ପାଇ ଗର୍ବିତ।

## ଏସ୍ଏମ୍ଏଫ୍‌ଜି ଇଣ୍ଡିଆ କ୍ରେଡିଟ୍ ୧୦୦୦ତମ ଶାଖା ଶୁଭାରମ୍ଭ

**ଭୁବନେଶ୍ୱର,୫।୯ (ମହାଭାରତ):** ଭାରତର ଅଣ ବ୍ୟାଙ୍କିଙ୍ଗ୍ ଫାଇନାନ୍ସିଆଲ୍ କମ୍ପାନି କ୍ଷେତ୍ରର ପ୍ରମୁଖ କମ୍ପାନି ଏସ୍ଏମ୍ଏଫ୍‌ଜି ଇଣ୍ଡିଆ କ୍ରେଡିଟ୍ କମ୍ପାନି ଲିମିଟେଡ୍ ଗର୍ବର ସହ ଏହାର ୧୦୦୦ତମ ଶାଖା ଖୋଲିବାକୁ ଘୋଷଣା କରିଛି। ଏହି ଐତିହାସିକ ଘଟଣା ସମଗ୍ର ଦେଶରେ ନିଜର ପାଦ ବିସ୍ତାର କରିବା ଏବଂ ଅଣନିର୍ଭରଶୀଳ ବଜାରକୁ ଆର୍ଥିକ ସେବା ଆଣିବା ପାଇଁ କମ୍ପାନୀର ଅତୁଟ ପ୍ରତିବଦ୍ଧତାକୁ ଦର୍ଶାଉଛି । ମୁମ୍ବାଇରେ ଜାପାନର କନ୍‌ସଲ୍ ଜେନେରାଲ ଶ୍ରୀଯୁକ୍ତ ୟାଗି କୋଜି, ମହାରାଷ୍ଟ୍ର ସର୍କଲର ଡାକ ସେବା ନିର୍ଦ୍ଦେଶକ ଅଭିଜିତ ବନସୋଡେଙ୍କ ସହ ଏସଏମଏଫଜି ଇଣ୍ଡିଆ କ୍ରେଡିଟର ସିଇଓ ଏବଂ ଏମଡି ଶାନ୍ତନୁ ମିତ୍ର ଉପସ୍ଥିତ ଥିଲେ । ୨୦୦୭ ମସିହାରେ ଏହାର ପ୍ରତିଷ୍ଠା ପରଠାରୁ କମ୍ପାନି କ୍ରମାଗତ ଭାବେ ଅଭିବୃଦ୍ଧି ହାସଲ କରିଆସୁଛି ଯାହା ୬୭୦ରୁ ଅଧିକ ସହର ଏବଂ ୭୦,୦୦୦ରୁ ଅଧିକ ଗ୍ରାମରେ କାର୍ଯ୍ୟ କରୁଛି, ଯେଉଁଥିରେ ୨୩,୦୦୦ରୁ ଅଧିକ କର୍ମଚାରୀ କାର୍ଯ୍ୟରତ। ବିଗତ ଦୁଇ ବର୍ଷ ମଧ୍ୟରେ, ଏସଏମଏଫଜି ଇଣ୍ଡିଆ କ୍ରେଡିଟ୍ ପାଖାପାଖି ୩୦୦ ଟି ନୂତନ ଶାଖା ଖୋଲିଛି। ଏହି ଗୁରୁତ୍ୱପୂର୍ଣ୍ଣ ଅବସରରେ ଏସ୍ଏମ୍ଏଫ୍‌ଜି ଇଣ୍ଡିଆ କ୍ରେଡିଟ୍‌ର ସିଇଓ ତଥା ଏମ୍‌ଡି ଶାନ୍ତନୁ ମିତ୍ର କହିଲେ, "ଆମର ୧୦୦୦ତମ ଶାଖାର ଉଦ୍ ଘାଟନ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ୍ ଯାହା ସମଗ୍ର ଭାରତର ଲୋକଙ୍କୁ ଆନୁଷ୍ଠାନିକ ଋଣ ପ୍ରଦାନ ଏବଂ ସେମାନଙ୍କୁ ଆର୍ଥିକ ସ୍ୱାଧୀନତା ହାସଲ କରିବାରେ ସାହାଯ୍ୟ କରିବା ପାଇଁ ଆମର ଗଭୀର ପ୍ରତିବଦ୍ଧତାକୁ ଦର୍ଶାଏ ।

# ବିଜେପିରେ ମିଶିଲେ ଜାଡେଜା



ଅହମ୍ମଦାବାଦ,୫।୯: ଟି-୨୦ କ୍ରିକେଟରୁ ଅବସର ନେଇ ସାରିଥିବା ଟିମ ଇଣ୍ଡିଆର ଷ୍ଟାର ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ତାଙ୍କର ନୂଆ ଇନିଂସ ଆରମ୍ଭ କରିଛନ୍ତି। ସେ ଏବେ ରାଜନୀତିରେ ପାଦ ଦେଇଛନ୍ତି। ଜାଡେଜା କେନ୍ଦ୍ରରେ କ୍ଷମତାସୀନ ବିଜେପିରେ ମିଶିଛନ୍ତି। ଜାଡେଜା ବିଜେପିର ସଦସ୍ୟତା ଗ୍ରହଣ କରିଥିବା ତାଙ୍କ ପତ୍ନୀ ସମସ୍ତଙ୍କୁ ଅବଗତ କରାଇଛନ୍ତି। ରବୀନ୍ଦ୍ର ଜାଡେଜାଙ୍କ ପତ୍ନୀ ରିଭାବା ହେଉଛନ୍ତି ବିଜେପିର ଗୁଜରାଟ ବିଧାୟକ ତାଙ୍କ ପରେ ଏବେ ଜାଡେଜା ବିଜେପିର ସଦସ୍ୟତା ଗ୍ରହଣ କରିଛନ୍ତି ରିଭାବା ନିଜ ସୋଶାଲ ମିଡିଆ ଆକାଉଣ୍ଟରେ ରବୀନ୍ଦ୍ର ଜାଡେଜା ବିଜେପିର ନୂଆ। ସଦସ୍ୟ ହୋଇଥିବା ଫଟୋକୁ ଶେୟାର କରିଛନ୍ତି।

ରିଭାବା ମଧ୍ୟ ବିଜେପିର ସଦସ୍ୟତା ପୁଣି ଗ୍ରହଣ କରିଥିବା କହିଛନ୍ତି ସଦସ୍ୟତା ଗ୍ରହଣ କରିବା ପରେ ବିଜେପି ପକ୍ଷରୁ ମିଳୁଥିବା କାର୍ଡକୁ ମଧ୍ୟ ସେ ସାର୍ବଜନୀନ କରିଛନ୍ତି।

ସେପ୍ଟେମ୍ବର ୨ରୁ ବିଜେପିର ସଦସ୍ୟତା ସଂଗ୍ରହ ଅଭିଯାନ ଦେଶବ୍ୟାପୀ ଆରମ୍ଭ ହୋଇଛି।ବିଜେପି ଅଧ୍ୟକ୍ଷ ଜେପି ନଡ୍ଡା ଏହାକୁ ଶୁଭାରମ୍ଭ କରିଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଥମେ ଦଳରେ ଥିବା ତାଙ୍କ ସଦସ୍ୟତାକୁ ନବୀକରଣ କରିଥିଲେ। ଏନେଇ ମୋଦିଙ୍କୁ ମଧ୍ୟ ଗୋଟିଏ ପ୍ରମାଣପତ୍ର ମିଳିଥିଲା।

ଏହାପରେ ପୂରା ଦେଶରେ ସଦସ୍ୟତା ସଂଗ୍ରହ ଅଭିଯାନ ଚାଲିଛି।ଏହିକ୍ରମରେ ଜାଡେଜା ବିଜେପିର ସଦସ୍ୟତା ଗ୍ରହଣ କରିଛନ୍ତି।ଜାଡେଜାଙ୍କ ପତ୍ନୀ ୨୦୧୯ରେ ବିଜେପିରେ ମିଶିଥିଲେ। ତାଙ୍କୁ ୨୦୨୨ ଗୁଜରାଟ ନିର୍ବାଚନ ବେଳେ ଜାମନଗରରୁ ଦଳ ପ୍ରାର୍ଥୀ କରିଥିଲା ସେ ଏଠାରେ ଆପ୍ ପ୍ରାର୍ଥୀଙ୍କୁ ହରାଇଥିଲେ। ଅନ୍ୟପକ୍ଷରେ ଜାଡେଜା କ୍ରିକେଟରୁ ସଂପୂର୍ଣ୍ଣ ଅବସର ନେଇ ନାହାନ୍ତି। ସେ କେବଳ ଟି-୨୦ରୁ ଅବସର ନେଇଥିବା ବେଳେ ଦିନିକିଆ ଓ ଟେଷ୍ଟରେ ଭାରତ ପାଇଁ ଖେଳିବେ ବୋଲି ସ୍ପଷ୍ଟ କରିଛନ୍ତି। ଏପରିସ୍ଥିତିରେ ସେ କୌଣସି ରାଜନୀତିକ ଦଳର ସଦସ୍ୟତା ଗ୍ରହଣ କରିବା ସମସ୍ତଙ୍କୁ ଚକିତ କରିଛି।

## ଭଲିବଲ ଟୁର୍ଣ୍ଣାମେଣ୍ଟ

ବାରିପଦା,୫।୯: ଜାତୀୟ କ୍ରୀଡା ଦିବସ ଅବସରରେ ଏକ ଭଲିବଲ ଟୁର୍ଣ୍ଣାମେଣ୍ଟ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ଓ ମା' କିଚକେଶ୍ୱରୀ ଭଲିବଲ ଏକାଡେମୀ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୪ ଗୋଟି ଦଳ ( ମା କୀଚକେଶ୍ୱରୀ, ମୟୂରଭଞ୍ଜ ପୋଲିସ, ୫ମ ବାଟାଲିୟନ ଓ ବଡ ବ୍ରାହ୍ମଣମାରା ) ଅଂଶ ଗ୍ରହଣ କରିଥିଲେ। ଏଥିରେ ମା' କିଚକେଶ୍ୱରୀ ଭଲିବଲ ଦଳ ଓ ୫ମ ବାଟାଲିୟନ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା ଏବଂ ୫ମ ବାଟାଲିୟନ, ରଙ୍ଗାମାଟିଆ ଭଲିବଲ ଦଳ ୨-୦ ସେଟରେ ମା' କୀଚକେଶ୍ୱରୀ ଦଳକୁ ହରାଇ ଚମ୍ପିଆନ ହୋଇଥିଲା। ଶ୍ରେଷ୍ଠ ଖେଳାଳୀ ଭାବେ ଚନ୍ଦ୍ରବିନ୍ଦୁ ସେଠୀ, ଇନ୍ଦ୍ରଜିତ ଶତପଥୀ, ସଞ୍ଜୟ ମହାନ୍ତ, ଅନୀଲ ଗିରି, ଖକନ, ଓମପ୍ରକାଶ ଓ ଜୀବନଙ୍କୁ ଚୟନ କରାଯାଇଥିଲା। ୧୫ ବର୍ଷରୁ କମ ବାଳକ ଭଲିବଲ ଟୁର୍ଣ୍ଣାମେଣ୍ଟରେ ବଇଂଚା ଭଲିବଲ ଦଳ ଚମ୍ପିୟାନ ହୋଇଥିବା ବେଳେ ବଡବ୍ରାହ୍ମଣମାରା ରନର୍ସ ଅଫ୍ ହୋଇଥିଲେ।

## ଏମପିସି ସ୍ୱୟଂଶାସିତ କଲେଜର ଫିଟ ଇଣ୍ଡିଆ ମୁଭମେଣ୍ଟ କାର୍ଯ୍ୟକ୍ରମ



ବାରିପଦା,୫।୯: ଭାରତ ସରକାରଙ୍କ ପକ୍ଷରୁ ଆହ୍ୱାନ ଦିଆଯାଇଥିବା ଫିଟ ଇଣ୍ଡିଆ। ମୁଭମେଣ୍ଟ କାର୍ଯ୍ୟକ୍ରମରେ ସ୍ଥାନୀୟ ଏମପିସି ସ୍ୱୟଂଶାସିତ କଲେଜରେ ଦିନିକିଆ କ୍ରୀଡ଼ା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ପ୍ରଫେସର ପ୍ରମୋଦ ଚନ୍ଦ୍ର ସାହୁ ଆନୁଷ୍ଠାନିକ ଭାବରେ କ୍ରୀଡା ପ୍ରତିଯୋଗିତାକୁ ଉଦଘାଟନ କରି ଉତ୍ତମ ସ୍ୱାସ୍ଥ୍ୟ ନିମନ୍ତେ କ୍ରୀଡାର ଆବଶ୍ୟକତା ଓ ଜଣେ ଫିଟ ନାଗରିକ ଦେଶର ସବୁଠୁ ବଡ଼ ସମ୍ପଦ ବୋଲି କହିଥିଲେ. ଏହି ଅବସରରେ ଟୋଗ ଅଫ ।ର, ଲେମ୍ବୁ ଚାମଚ ଦୌଡ଼, ମ୍ୟାଜିକ ଚେୟାର ଓ ପ୍ଲାଙ୍କ ଚ୍ୟାଲେଞ୍ଜ ଆଦି ରୋଚକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇ ବିଜେତା ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ଉଭୟ କଲେଜର କର୍ମଚାରୀ ଓ ଛାତ୍ରଛାତ୍ରୀ ମାନେ ଅଂଶଗ୍ରହଣ କରିଥିଲେ. କାର୍ଯ୍ୟକ୍ରମକୁ କ୍ରୀଡ଼ା କମିଟିର ସଂଯୋଜକ ଡ. ଦୀପକ ବେହେରା, ବାଳକ କମନ ରୁମ ଉପସଭାପତି ଦେବାଶିଷ ଦାସ, ଡ. ଦେବପ୍ରିୟ ପ୍ରିୟଦର୍ଶୀ ଚକ୍ର, ଡ. ଦୟାନିଧି ପରିଡ଼ା, ବାଳିକା କମନରୁମ ଉପସଭାପତି ରାଇମଣି ମାର୍ଣ୍ଡି, ଶୈକ୍ଷିକ ମୁଖ୍ୟ ଆଲବେଷ୍ଟିନା ତିର୍କୀ, ରତନି ହାଁସଦାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କ୍ରୀଡ଼ା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ, କ୍ରୀଡ଼ା ଶିକ୍ଷକ ସତ୍ୟନାରାୟଣ ବାରିକ କ୍ରୀଡ଼ା ପରିଚାଳନା କରିଥିଲେ।

# ବିନା ଚୌକାରେ ସର୍ବାଧିକ ରନ୍

ନୂଆଦିଲ୍ଲୀ,୫।୯: କାରିବିଆନ ପ୍ରିମିୟର ଲିଗ ଅର୍ଥାତ୍ ସିପିଏଲ୍ ୨୦୨୪ର ସପ୍ତମ ମ୍ୟାଚ ରେ ସେଣ୍ଟ କିଟ୍ସ ଆଣ୍ଡ୍ ନେଭିସ ପ୍ୟାଟ୍ରିୟଟ୍ସ ବନାମ ଗୁଇନା ଆମାଜନ ୱାରିୟର୍ସ ମଧ୍ୟରେ ମ୍ୟାଚ ଖେଳାଯାଇଥିଲା। ଏହି ମ୍ୟାଚରେ ଶିମ୍ରନ ହେଟମିୟରଙ୍କ ବିସ୍ଫୋରକ ଇନିଂସ ଯୋଗୁ ଗୁଇନ୍ଦା ଆମାଜନ ୱାରିୟର୍ସ ସେଣ୍ଟ କିଟ୍ସ ଆଣ୍ଡ୍ ନେଭିସ ପ୍ୟାଟ୍ରିୟଟ୍ସଙ୍କୁ ୪୦ ରନ୍‌ରେ ପରାସ୍ତ କରିଛନ୍ତି ହେଟମିୟର କେବଳ ଏହି ମ୍ୟାଚରେ ୯୧ ରନ୍‌ର ଇନିଂସ ଖେଳି ନାହାଁନ୍ତି ବରଂ ଟି - ୨୦ କ୍ରିକେଟରେ ଏକ ନୂତନ ଇତିହାସ ସୃଷ୍ଟି କରିଛନ୍ତି।



ହେଟମିୟର ୨୩୩.୩୩ର ଷ୍ଟ୍ରାଇକ ହାରରେ ୯୧ ରନ ଇନିଂସ ଖେଳିଥିଲେ। ଏଥିରେ ସେ ୧୧ ଛକା ମାରିଥିଲେ ମଧ୍ୟ ଗୋଟିଏ ଚୌକା ମାରି ନ ଥିଲେ। ଏହିପରି ସେ ଟି-୨୦ ଇତିହାସରେ ବିନା ଚୌକାରେ ୧୦ କିମ୍ବା ଅଧିକ ଛକା ମାରିବାରେ ଦୁନିଆର ପ୍ରଥମ ବ୍ୟାଟ୍ସମ୍ୟାନ ହୋଇଛନ୍ତି। ଏହାପୂର୍ବରୁ ଅନ୍ୟ କୌଣସି ବ୍ୟାଟ୍ସମ୍ୟାନ ଏହି ସଫଳତା ହାସଲ କରିପାରି ନ ଥିଲେ। ଏହି ମ୍ୟାଚରେ ସେ ଛକା ବର୍ଷା କରିଥିଲେ।

**ଟି -୨୦ ମ୍ୟାଚ୍‌ରେ ଚୌକା ବିନା ସର୍ବାଧିକ ଛକା ମାରିଥିବା ବ୍ୟାଟ୍ସମ୍ୟାନ**

୧୧- ଶିମ୍ରନ ହେଟମିୟର : ୩୯ ବଲରୁ ୯୧, ବ୍ୟାସେଟର ୨୦୨୪।
୯ ରିକି ସେଲ୍ସ (ନଟ୍ସ ବନାମ କର୍ଟ୍ସ): ୧୮ଟି ବଲରୁ ୫୫, କେଷ୍ଟର ୨୦୧୮।
୮- ୱିଲ ଜ୍ୟାକ (ସୁରେ ବନାମ କେଣ୍ଟ): ୨୭ ବଲରୁ ୬୪ ରନ, କ୍ୟାଣ୍ଟରବେରୀ ୨୦୧୯।
୮ ସୟଦ ଅଜିଜ (ମାଲେସିଆ। ବନାମ ସିଙ୍ଗାପୁର): ୨୦ଟି ବଲରୁ ୫୫ ରନ, ବାଙ୍ଗି ୨୦୨୨।
୮- ଦୀପେନ୍ଦ୍ର ସିଂ ଆରି (ନେପାଳ ବନାମ ମୋଙ୍ଗୋଲିଆ।): ୧୦ ବଲରୁ ୫୨, ହାଙ୍ଗଜୋ ୨୦୨୩।
୮- ହେନ୍ରିଚ କ୍ଲାସେନ (ହାଇଦ୍ରାବାଦ ବନାମ କେକେଆର): ୨୯ ବଲରୁ ୬୩ ରନ, କୋଲକାତା।

# କୋହଲି ସର୍ବାଧିକ ଟିକସ ପ୍ରଦାନକାରୀ ଖେଳାଳି

ନୂଆଦିଲ୍ଲୀ,୫।୯: ଶାହରୁଖ ଖାନ ଏବଂ ସଲମାନ ଖାନ ବଲିଉଡ ଇଣ୍ଡଷ୍ଟ୍ରିରେ ରାଜ୍ କରୁଥିବାବେଳେ ବିରାଟ କୋହଲି କ୍ରିକେଟ ଜଗତକୁ ରାଜ୍ କରୁଛନ୍ତି। ନିକଟରେ ଦେଶର ସବୁଠାରୁ ଧନୀ ଅଭିନେତାଙ୍କ ତାଲିକା ପ୍ରକାଶ ପାଇଥିଲା। ଯେଉଁଥିରେ ଶାହାରୁଖ ଖାନ ଜିତିଥିଲେ ସୁପରଷ୍ଟାର ଶାହାରୁଖ ହେଉଛନ୍ତି। ଦେଶର ସବୁଠାରୁ ଧନୀ ଅଭିନେତା ପୁଣିଥରେ କିଙ୍ଗ ଖାନ ଏହି ଯୁଦ୍ଧରେ ଜିତିଛନ୍ତି ଏବଂ ଏହି ପ୍ରସଙ୍ଗରେ ବିରାଟ କୋହଲିଙ୍କୁ ପରାସ୍ତ କରିଛନ୍ତି।

ଫର୍ଚ୍ୟୁନ ଇଣ୍ଡିଆ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଏହି ତାଲିକା ପ୍ରକାଶ କରିଛି।ଏଥିରେ ସର୍ବାଧିକ ଟିକସ ଦେଉଥିବା ତାରକାଙ୍କ ନାମ ପ୍ରକାଶ ପାଇଛି। ଏହି ତାଲିକା ଅନୁଯାୟୀ, ସେଲିବ୍ରିଟିମାନଙ୍କ ମଧ୍ୟରେ ଶାହାରୁଖ ଖାନ ସର୍ବାଧିକ ଟିକସ ଦେଉଥିବା ତାରକା ଅଟନ୍ତି ୯୫ କୋଟି ଟଙ୍କା ଟ୍ୟାକ୍ସ ଦେବା ପରେ ଶାହାରୁଖ ୧ ନମ୍ବରରେ ଅଛନ୍ତି ଦ୍ୱିତୀୟ ସ୍ଥାନରେ ସାଉଥ ଇଣ୍ଡଷ୍ଟ୍ରି ସୁପରଷ୍ଟାର ଥଲାପଥି ବିଜୟଙ୍କ ନାମ ରହିଛି ବିଜୟ ୮୦



କୋଟି ଟଙ୍କା ଟ୍ୟାକ୍ସ ଦେଇଛନ୍ତି ସଲମାନ ଖାନ ମଧ୍ୟ ପଛରେ ନାହାଁନ୍ତି।

ସୁପରଷ୍ଟାର ସଲମାନ ଖାନଙ୍କ ନାମ ତୃତୀୟ ସ୍ଥାନରେ ରହିଛି। ଫର୍ଚୁନ ଇଣ୍ଡିଆର ରିପୋର୍ଟ ଅନୁଯାୟୀ ସଲମାନ ୭୫ କୋଟି ଟଙ୍କା ଟ୍ୟାକ୍ସ ଦେଇଛନ୍ତି।ସଲମାନଙ୍କ ପରେ ମେଗାଷ୍ଟାର ଅମିତାଭ ବଚ୍ଚନଙ୍କ ନାମ ଚତୁର୍ଥ ସ୍ଥାନରେ ରହିଛି ବିଗ ବି ୭୧ କୋଟି ଟଙ୍କା ଟ୍ୟାକ୍ସ ଦେଇଛି।ଭାରତୀୟ କ୍ରିକେଟର ବିରାଟ କୋହଲିଙ୍କ ସମ୍ପତ୍ତି ୧୦୦୦ କୋଟିରୁ ଅଧିକ, ସେ ଟ୍ୟାକ୍ସ ଦେବା ପ୍ରସଙ୍ଗରେ ଶାହାରୁଖ-ସଲମାନଙ୍କଠାରୁ ପଛରେ ଅଛନ୍ତି। ବିରାଟ କୋହଲିଙ୍କ ନାମ ପଞ୍ଚମ ସ୍ଥାନରେ ରହିଛି। ୩୫ ବର୍ଷୀୟ ବିରାଟ କୋହଲି ୨୦୨୨୪ରେ ୬୬ କୋଟି ଟଙ୍କା ଦେଇଛନ୍ତି। ଫଳରେ ସେ ସର୍ବାଧିକ ଟିକସ ପ୍ରଦାନକାରୀ ଖେଳାଳି ହୋଇପାରିଛନ୍ତି। ପୂର୍ବତନ ଅଧିନାୟକ ଏମଏସ ଧୋନୀ ଏବଂ ମାଷ୍ଟର ବ୍ଲାଷ୍ଟର ସଚିନ ତେନ୍ଦୁଲକରଙ୍କ ଭଳି ଷ୍ଟାଲାର୍ଟଙ୍କ ନାମ ମଧ୍ୟ ଭାରତୀୟ ଖେଳାଳିଙ୍କ ମଧ୍ୟରେ ରହିଛି, ଯେଉଁମାନେ ସର୍ବାଧିକ ଟିକସ ଦିଅନ୍ତି ବିରାଟଙ୍କ ପରେ ଅଜୟ ଦେବଗନଙ୍କ ନାମ ପରବର୍ତ୍ତୀ ଅଜୟ ୪୨ କୋଟି ଟଙ୍କା ଟ୍ୟାକ୍ସ ଦେଇଛନ୍ତି।

ପୂର୍ବତନ ଅଧିନାୟକ ଏମଏସ ଧୋନୀ ୩୮ କୋଟି ଟଙ୍କା ଟ୍ୟାକ୍ସ ଦେବା ପରେ ୭ ନମ୍ବରରେ ଅଛନ୍ତି ରଣବୀର କପୁରଙ୍କ ନାମ ଅଷ୍ଟମ ସ୍ଥାନରେ ରହିଛି। ସେ ୩୬ କୋଟି ଟଙ୍କା ଟ୍ୟାକ୍ସ ଦେଇଛନ୍ତି ୨୮ କୋଟି ଟଙ୍କା ଟିକସ ଦେବା ପରେ ସଚିନ ତେନ୍ଦୁଲକର ନବମ ସ୍ଥାନରେ ଅଛନ୍ତି ହ୍ରିତିକ ରୋଶନ ମଧ୍ୟ ୨୮ କୋଟି ଟଙ୍କା ଟ୍ୟାକ୍ସ ଦେଇଛନ୍ତି ଏହି ତାଲିକାରେ କପିଲ ଶର୍ମାଙ୍କ ନାମ ମଧ୍ୟ ଅନ୍ତର୍ଭୁକ୍ତ ହୋଇଛି। ସେ ହେଉଛନ୍ତି ଏକମାତ୍ର ହାସ୍ୟ ଅଭିନେତା ଯିଏ ୨୬ କୋଟି ଟଙ୍କା ଟ୍ୟାକ୍ସ ଦେଇଛନ୍ତି କରୀନା କପୁର ୨୦ କୋଟି ଟଙ୍କା, ସହିଦ କପୁର ୧୮ କୋଟି ଟଙ୍କା ଏବଂ ମୋହନଲାଲ ୧୮ କୋଟି ଟଙ୍କା ଟ୍ୟାକ୍ସ ମଧ୍ୟ ଦେଇଛନ୍ତି।

# ୟୁଏସ୍ ଓପନରୁ ନମ୍ବର ୱାନ୍ ସ୍ୱେତେକ ବିଦାୟ

ନ୍ୟୁୟର୍କ,୫।୯): ବର୍ଷର ଅନ୍ତିମ ଗ୍ରାଣ୍ଡସ୍ଲାମ୍ ୟୁଏସ୍ ଓପନରୁ ବିଦାୟ ନେଇଛନ୍ତି ମହିଳା ନମ୍ବର ୱାନ ସିଡେଡ୍ ଇଗା ସ୍ୱେତେକ। କ୍ୱାର୍ଟର ଫାଇନାଲରେ ସେ ଆଜି ଜେ. ପେଗୁଲାଙ୍କ ନିକଟରୁ ୬-୨, ୬-୪ ସେଟରେ ପରାସ୍ତ ହୋଇଛନ୍ତି।



ସେମି ଫାଇନାଲରେ ପ୍ରବେଶ କରିଛନ୍ତି ଫ୍ରାନ୍ସିସ ଟିଆଫୋ, ଟେଲର ଫ୍ରିଟଜ, ଆରିନା ସାବାଲେଙ୍କା ଓ ପେଗୁଲା। ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଟେଲର ଫ୍ରିଟ୍ଜ ୭-୬(୭/୨), ୩-୬, ୬-୪ ଓ ୭-୬(୭/୩) ସେଟରେ ଜର୍ମାନୀର ଆଲେକଜାଣ୍ଡାର ଜେଭରେଭଙ୍କୁ ପରାସ୍ତ କରିଥିଲେ। ଅନ୍ୟ ଏକ ମ୍ୟାଚ୍‌ରେ ଫ୍ରାନ୍ସିସ୍ ଟିଆଫୋ ୱାକଓଭର ପାଇ ସେମିରେ ପ୍ରବେଶ କରିଛନ୍ତି ମହିଳା ସିଙ୍ଗଲ୍ସ ବର୍ଗରେ ବିଶ୍ୱ ମାନ୍ୟତାର ଦ୍ୱିତୀୟ ସ୍ଥାନରେ ଥିବା ଆରିନା ସାବାଲେଙ୍କା ଅଲିମ୍ପିକ୍ସ ସ୍ୱର୍ଣ୍ଣ ବିଜେତା କ୍ୱିନୱେନ ଝାଙ୍ଗଙ୍କୁ ପରାସ୍ତ କରିଥିଲେ।

ଦୀର୍ଘ ୧୮ ବର୍ଷ ପରେ ୟୁଏସ୍ ଓପନ ଫାଇନାଲରେ ଜଣେ ଆମେରିକୀୟ ନଜର ଆସିବେ ଫ୍ରାନ୍ସିସ୍ ଟିଆଫୋ ଓ ଟେଲର ଫ୍ରିଟ୍ଜ ସେମି ଫାଇନାଲରେ ପରସ୍ପର ବିପକ୍ଷରେ ଖେଳିବାକୁ ଯାଉଥିବା ବେଳେ ଯିଏ ବି ବିଜୟୀ ହେଲେ ଜଣେ ଆମେରିକୀୟ ଫାଇନାଲରେ ପ୍ରବେଶ କରିବେ ୨୦ ନମ୍ବର ସିଡ ଟିଆଫୋ ୬-୩, ୬-୭(୫/୮), ୬-୩ ଓ ୪-୧ରେ ଗ୍ରିଗୋର ଦିମିତ୍ରୋଭଙ୍କ ବିପକ୍ଷରେ ଆଗୁଆ। ରହିଥିଲେ ଦିମିତ୍ରୋଭ ଆହତ ହେବା କାରଣରୁ ଓହରି ଯିବା କାରଣରୁ ଟିଆଫୋଙ୍କୁ ୱାକଓଭର ମିଳିଥିଲା। ପୂର୍ବରୁ ପ୍ରଥମ ମ୍ୟାଚରେ ଟେଲର ଫ୍ରିଟ୍ଜ କଡା ସଂଘର୍ଷପୂର୍ଣ୍ଣ ମ୍ୟାଚରେ ବିଶ୍ୱ ମାନ୍ୟତାର ୪ ନମ୍ବର ସ୍ଥାନରେ ଥିବା ଆଲେକଜାଣ୍ଡାର ଜେଭରେଭଙ୍କୁ ପରାସ୍ତ କରିଥିଲେ। ୭-୬(୭/୨), ୩-୬, ୬-୪ ଓ ୭-୬(୭/୩) ସେଟରେ ଫ୍ରିଟ୍ଜ ବିଜୟୀ ହୋଇଥିଲେ। ପ୍ରଥମ ସେଟ ଓ ଅନ୍ତିମ ସେଟ୍ ଟାଇବ୍ରେକରକୁ ଯାଇଥିବା ବେଳେ ଫ୍ରିଟ୍ଜ ବିଜୟୀ ହୋଇଥିଲେ ଅନ୍ୟ ପକ୍ଷରେ ସେମି ଫାଇନାଲରେ ଉଭୟ ଫ୍ରାନ୍ସିସ ଟିଆଫୋ ଓ ଟେଲର ଫ୍ରିଟ୍ଜ ପରସ୍ପର ମୁକାବିଲା କରିବେ। ଟେଲର କୌଣସି ଗ୍ରାଣ୍ଡସ୍ଲାମର ସେମି ଫାଇନାଲ ଖେଳି ନ ଥିଲେ ମଧ୍ୟ ଟିଆଫୋଙ୍କ ବିପକ୍ଷରେ ତାଙ୍କର ୬-୧ର ବିଜୟ ରେକର୍ଡ ରହିଛି। ମହିଳା ସିଙ୍ଗଲ୍ସରେ ଖେଳା ଯାଇଥିବା କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଚାଇନାର କ୍ୱିନୱେନ ଝାଙ୍ଗଙ୍କୁ ସିଧାସଳଖ ସେଟରେ ପରାସ୍ତ କରିଥିଲେ ଆରିନା ସାବାଲେଙ୍କା ୬-୪, ୬-୨ରେ ସାବାଲେଙ୍କା ବିଜୟୀ ହୋଇଥିବା ବେଳେ ଏମ୍ମା ନାଭାରୋଙ୍କ ସହ ଖେଳିବେ।

# ୩ ଜଣଙ୍କୁ ରିଟେନ୍ କରିବ ଗୁଜୁରାଟ ଟାଇଟନ୍ସ !

ନୂଆଦିଲ୍ଲୀ,୫।୯: ଆଇପିଏଲ୍ ୨୦୨୫ରେ ଅନେକ ଫ୍ରାଞ୍ଚାଇଜ୍ ପ୍ଲେୟରଙ୍କୁ କରିବେ ପରିବର୍ତ୍ତନ ନିଜର ବେଷ୍ଟ ପ୍ଲେୟରଙ୍କୁ କରିବେ ରିଟେନ ଏବଂ ଅନ୍ୟ ପ୍ଲେୟରଙ୍କୁ କରିବେ ରିଲିଜ୍।

ଫ୍ରାଞ୍ଚାଇଜର ରିଟେନ୍ ପ୍ଲେୟରଙ୍କ ଉପରେ ରହିଛି ସମସ୍ତଙ୍କ ନଜର ।କିଛି ଟିମ୍ର ରିଟେନ ପ୍ଲେୟରଙ୍କ ନାଁ ସାମ୍ନାକୁ ଆସୁଛି ସତ କିନ୍ତୁ ଏହାକୁ ନେଇ ଟିମ୍ କରିନି କନଫର୍ମ ସେହିପରି କିଛି ଟିମ୍ ପକ୍ଷରୁ ଆନୁମାନିକ ପ୍ଲେୟରଙ୍କ ନାଁ ମଧ୍ୟ ଆସିନି ସାମ୍ନାକୁ ଏବେ ଗୁଜୁରାଟ ଟାଇଟନ୍ସର ରିଟେନ ପ୍ଲେୟରଙ୍କୁ ନେଇ ଚର୍ଚ୍ଚା ଯାହାକୁ ଜାଣିବା ପାଇଁ ଅପେକ୍ଷା କରିଛନ୍ତି କ୍ରିକେଟ ପ୍ଲେୟର

ହାର୍ଦ୍ଦିକଙ୍କ ଟିମ୍ ଛାଡିବା ପରେ ଗୁଜୁରାଟ ଟାଇଟନ୍ସର କମାଣ ସମ୍ଭାଳିଥିଲେ ଶୁଭମାନ ଗିଲ୍ । ୨୦୨୪ ଆଇପିଏଲରେ ଟିମ୍ ଇଣ୍ଡିଆର ଯୁବ ବ୍ୟାଟରଙ୍କ ପର୍ଫମାନ୍ସ ରହିଥିଲା ଦମଦାର ସେ ଗତ ସିଜିନରେ ଟିମକୁ ଆଗେଇ ନେବାରେ ମଧ୍ୟ ଦାୟିତ୍ୱ ବହନ କରିଥିଲେ। ଯଦିଓ ଗତ ସିରିଜରେ ଟିମ୍ ସେତେଟା ପ୍ରଭାବୀ ପ୍ରଦର୍ଶନ କରିପାରିନଥିଲା, କିନ୍ତୁ ଆଗାମୀ ସିଜିନରେ ଭଲ ପ୍ରଦର୍ଶନ ନେଇ ଆଶା ରଖିଛି ଫ୍ରାଞ୍ଚାଇଜ। ଏଥିପାଇଁ ଟିମ୍ ଶୁଭମାନ ଗିଲ୍‌ଙ୍କ କରିପାରେ ରିଟେନ୍। ଯଦି ଗିଲ୍‌ଙ୍କ କଥା କହିବା ତେବେ ତେବେ ଗିଲ୍ ଆଇପିଏଲ୍ ୨୦୨୩ରେ ୧୭ଟି ମ୍ୟାଚ ଖେଳି ୮୯୦ ରନ୍ କରିଥିଲେ ସେ ୨୦୨୪ରେ ୪୨୬ରନ୍ କରିଥିଲେ ଗିଲ୍‌ଙ୍କୁ ଟିମ୍ ରିଟେନ୍ କରିପାରେ।ଏହାପଛକୁ ଅଛନ୍ତି ମହମ୍ମଦ ଶାମୀ ତାଙ୍କୁ ଗୁଜୁରାଟ ଟାଇଟନ୍ସ ରିଟେନ କରିପାରେ ସେ ଜଣେ ଘାତକ ବୋଲର ଅଟନ୍ତି କିନ୍ତୁ ସେ ଅନେକ ସମୟରୁ ଆହାତ ଅଛନ୍ତି ଯେଉଁ କାରଣରୁ ଟିମ୍ ଇଣ୍ଡିଆରୁ ସେ ବାହାରେ ଅଛନ୍ତି।ସେ ଆଇପିଏଲ୍ ମଧ୍ୟ ଖେଳି ପାରିନାହାନ୍ତି। ଏହାପଛକୁ ଅଛନ୍ତି ରଶିଦ୍ ଖାନ୍। ସେ ବର୍ତ୍ତମାନ ଯାଏଁ ଆଇପିଏଲରେ ୧୨୧ଟି ମ୍ୟାଚ୍ ଖେଳି ସାରିଛନ୍ତି।ଏହି ସମୟ ମଧ୍ୟରେ ସେ ୫୪୫ ରନ୍ କରିଛନ୍ତି। ଏହାବ୍ୟତୀତ ୧୪୯ଟି ୱିକେଟ ନେବାରେ ସକ୍ଷମ ହୋଇଛନ୍ତି। ରସିଦ ବୋଲିଙ୍ଗ କରିବା ସହିତ ବ୍ୟାଟିଙ୍ଗ ମଧ୍ୟ କରିଥାନ୍ତି ସେ ଅନେକ ସମୟରେ ଟିମ୍ ପାଇଁ କରିସାରିଛନ୍ତି ଭଲ ପ୍ରଦର୍ଶନ। ତେବେ ଅପେକ୍ଷା ଫ୍ରାଞ୍ଚାଇଜ୍ର ନିଷ୍ପତିକୁ ଏହି ୩ ପ୍ଲେୟରଙ୍କୁ ରିଟେନ କରୁଛି କି ମନ ପରିବର୍ତ୍ତନ ହେଉଛି।

## ୧୧ରୁ ସିନିୟର ନକ ଆଉଟ ଫୁଟବଲ

ବଲାଙ୍ଗୀର,୫।୯: ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମ ବଲାଙ୍ଗୀର ଠାରେ ଆଜି କ୍ରୀଡା ସଂସଦ ନକ ଆଉଟ ଫୁଟବଲ ଟୁର୍ଣ୍ଣାମେଂଟ ଚୁଡାନ୍ତ ପ୍ରସ୍ତୁତି ବୈଠକ ସଂସଦର କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ରଙ୍କ ତତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ସଂସଦର ସାଧାରଣ ସଂପାଦକ ହରି ନାରାୟଣ ପୁଜାରୀଙ୍କ ଆବାହକତ୍ୱରେ ଅନୁଷ୍ଠିତ ସଭାରେ ଟୁର୍ଣ୍ଣାମେଂଟ କମିଟି ଅଧ୍ୟକ୍ଷ ପ୍ରଭାତ କୁମାର ମିଶ୍ର ସଭାପତିତ୍ୱ କରିଥିଲେ। ଖେଳ ଗୁଡିକ ୧୭ ଗୋଟି ପଡିଆରେ କରାଯିବ ସମୁଦାୟ ୧୨୮ ଗୋଟି ଦଳ ଭାଗ ନେବେ। ସମସ୍ତ ଦଳ ୧୬ ଗୋଟି ଜୋନରେ ଓ ୮ଟି ଗ୍ରୁପରେ ଖେଳିବେ। ଜୋନର ଚୁଡାନ୍ତ ଖେଳ ୧୭ ତାରିଖ ରେ ଓ ୮ ଗ୍ରୁପ ର ଫାଇନାଲ ଖେଳ ୧୯ ତାରିଖରେ କରାଯିବ। ଗାନ୍ଧୀ ଷ୍ଟାଡିୟମ ଠାରେ ସେପଟ୍ମ୍ବେର ୨୨ ରୁ ୨୫ ଯାଏଁ କ୍ୱାଟର ଫାଇନାଲ, ୨୬ ଓ ୨୭ ସେମିଫାଇନାଲ ଓ ୨୯ ତାରିଖରେ ଗ୍ରାଣ୍ଡ ଫାଇନାଲ ଖେଳ ହେବ। ସେପଟ୍ମ୍ବେର ୧୧ ତାରିଖରେ ଉଦ୍‌ଘାଟନୀ ମ୍ୟାଚ ୧୪ ଗୋଟି ପଡିଆରେ ହେବ। ଲୋଇସିଂହା ମିନି ଷ୍ଟାଡିୟମ ଠାରେ ବି.ଏଫ୍.ଟି. ଲୋଇସିଂହା ବନାମ ସକ୍‌ମା, ହଲଦି ପଡିଆରେ ଚିକିନିବାହାଲି ବନାମ ଜୁଗିରତା, ମିଶନ ପଡିଆରେ ଏନ୍.ଏସ୍. ସ୍ପୋଟିଙ୍ଗ ବନାମ ବରକାନି ଏଫ୍.ସି, ମୁଚିବାହାଲ ପଡିଆରେ ସାନଝାଙ୍କରପାଲି ବନାମ ଜେ.ଏଫ୍.ଟି. ଘୁଷୁରାମୁଣ୍ଡା, ସି.ଟି ସ୍କୁଲ ଟିଟିଲାଗଡ ପଡିଆରେ ମର୍ଣ୍ଣକ୍ଲବ ଟିଟିଲାଗଡ ବନାମ ଗୁଲମି, ଖୋଲାନ ପଡିଆରେ ଖୋଲାନ ଏ ବନାମ କୁରସୁଡ, ଜରାସିଂହା ମିନି ଷ୍ଟାଡିୟମ ରେ ଚନ୍ଦ୍ରପୁର ବନାମ କରେଲଧୁଆ, ଟିକ୍ରାପଡା ପଡିଆରେ କଦଳୀମୁଣ୍ଡା ବନାମ ଗୁଡିଘାଟ, ଖୁଜେନପାଲି ପଡିଆରେ ସୁଦପଡା ଏଫ୍.ସି. ବନାମ ରିଶନ କାଲସାଏପାଲି, ବଙ୍ଗୋମୁଣ୍ଡା ମିନି ଷ୍ଟାଡିୟମ ଠାରେ ଚୁଳିଫୁଙ୍କା ବନାମ ଝଲପ, ଟାଉନ ହାଇସ୍କୁଲ ବଲାଙ୍ଗିର ପଡିଆରେ ରିଜର୍ଭ ପୋଲିସ ବନାମ ରୟ ସ୍ପୋଟିଙ୍ଗ, ଚୁଡାପାଲି ପଡିଆରେ ରେଙ୍ଗଟାସିଲ ବନାମ କୁଟୁମଡୋଳା, ପାଟଣାଗଡ ପଡିଆରେ ଜବାହାରଲାଲ କଲେଜ ବନାମ କୁତମୁଣ୍ଡା ଓ ପଲ୍ଲିଶ୍ରୀ ଷ୍ଟାଡିୟମ ସଦାଇପାଲି ଠାରେ ସାଇଟ କଲେଜ ସଦାଇପାଲି ବନାମ ଛତାବାହାଲ ମଧ୍ୟରେ ଖେଳ ହେବ। ସେହିପରି ୧୨ ତାରିଖରେ ସୁଜିଆ ପଡିଆରେ ୱାଇ.ଏସ୍.ସୁଜିଆ ବନାମ ତେତେଲଖୁଂଟି ଓ କଂଟାବାଞ୍ଜି ରେଲୱେ ପଡିଆରେ ବି.ଏସ୍.ଏଫ୍.ସି କଂଟାବାଞ୍ଜି ବନାମ ଚଟୁଅନକା ଏଫ୍.ସି. ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ହେବ। ଏହି ସଭାରେ ସମସ୍ତ ଆୟୋଜନ ସହଯୋଗୀ କର୍ମକର୍ତା ଯୋଗ ଦେଇଥିଲେ।

# ଅଷ୍ଟ୍ରେଲିଆର ବିସ୍ଫୋରକ ବ୍ୟାଟିଂ

ନୂଆଦିଲ୍ଲୀ,୫।୯: ସ୍କଟଲାଣ୍ଡ ବିପକ୍ଷରେ ଅଷ୍ଟ୍ରେଲିଆ ରେକର୍ଡ ସୃଷ୍ଟି କରିଛି। ପ୍ରଥମ ଟି୨୦ରେ ୧୫୪ ରନ୍ ଟାର୍ଗେଟକୁ ମାତ୍ର ୯ ଓଭରରେ ପୁରା କରିଛି।



୩ ମ୍ୟାଚ୍ ବିଶିଷ୍ଟ ସିରିଜର ପ୍ରଥମ ମ୍ୟାଚ୍ ବୁଧବାର ଦିନ ଗ୍ରେଞ୍ଜ କ୍ରିକେଟ୍ କ୍ଲବରେ ଖେଳାଯାଉଥିଲା। ପ୍ରଥମ ଟି-୨୦ ମ୍ୟାଚ୍ରେ ଟସ୍ ଜିତି ବୋଲିଂ କରିବାକୁ ଡିସାଇଡ୍ କରିଥିଲେ କ୍ୟାପଟେନ୍ ମିଚେଲ୍ ମାର୍ସ। ଅଷ୍ଟ୍ରେଲିଆର ଖତରନାକ୍ ବୋଲିଂ ଆଗରେ ଅଧିକ ସମୟ ଟିକି ପାରିନଥିଲେ। ସ୍କଟଲାଣ୍ଡ ବ୍ୟାଟର ୨୦ ଓଭରରେ ୯ ୱିକେଟ୍ ହରାଇ ୧୫୪ ରନ୍ କରିଥିଲା ଆୟରଲାଣ୍ଡ ଟିମ୍। ଜର୍ଜ ମୁନ୍ସୀ ସ୍କଟଲାଣ୍ଡ ପକ୍ଷରୁ ସର୍ବାଧିକ ୨୮ ରନ୍ କରିଥିଲେ। ଅଷ୍ଟ୍ରେଲିଆ। ପକ୍ଷରୁ ସନ୍ ଆବୋଟ ୩ଟି, ଗାଭିୟର ବାର୍ଟଲେଟ୍ ଓ ଆଡାମ ଜାମ୍ପା ୨ଟି ଲେଖାଏଁ ୱିକେଟ୍ ନେଇଥିଲେ।

ସେପଟେ ୧୫୫ ରନର ଟାର୍ଗେଟ ନେଇ ପଡିଆକୁ ଓହ୍ଲାଇଥିଲେ କଙ୍ଗାରୁ ଓପନର। ପ୍ରଥମ ଓଭରରେ ପଡିଥିଲା ଡେବ୍ୟୁଟାଣ୍ଟ ଜେକ ଫ୍ରେଜର ମ୍ୟାକ୍ଗର୍କଙ୍କ ୱିକେଟ୍। ଆଉ ପଡିଆକୁ ଆସିଥିଲେ ଅଧିନାୟକ ମିଚେଲ୍ ମାର୍ସ, ପୂର୍ବରୁ କ୍ରିଜରେ ଥିଲେ ଟ୍ରାଭିସ୍ ହେଡ୍।ଉଭୟ ଆରମ୍ଭ କରିଥିଲେ ଆଟାକିଂ ବ୍ୟାଟିଂ। ପ୍ରଥମ ଓଭରରେ ୱିକେଟ୍ ପଡିବା ଦୁଇ ବ୍ୟାଟରଙ୍କ ଉପରେ କୌଣସି ଫରକ୍ ପଡିନଥିଲା। ସାମ୍ନାରେ ଯେଉଁ ବୋଲର ଆସିଲେ ତାକୁ ନିର୍ଘାତ ପିଟିଲେ। ପାୱାରପ୍ଲେରେ ନିର୍ଘାତ ମାଡ଼ ମାରିଥିଲେ। ମାର୍କ ୱାଟ୍‌ଙ୍କ ଛାଡି ଆଉ ସମସ୍ତ ବୋଲରଙ୍କ ଇକୋନୋମି ୧୨ରୁ ଅଧିକ ଥିଲା।ସବୁଠୁ ଅଧିକ ଇକୋନୋମି ଥିଲା ଜାକ୍ ଜାରର୍ଭିସ୍‌ଙ୍କର।

ସେପଟେ ଟ୍ରାଭିସ୍ ହେଡ୍ ଧୂଆଁଧାର ବ୍ୟାଟିଂ କରି ୧୭ଟି ବଲରେପୂରଣ କରିଥିଲେ। ଅର୍ଦ୍ଧଶତକ ମିଚେଲ ମାର୍ଶ ବି ଖେଳିଥିଲେ ବିସ୍ଫୋରକ ଇନିଂସ। ଉଭୟ ୧୧୩ ରନ୍ ଯୋଗ କରି ବିଜୟ ପଥ ପରିଷ୍କାର କରିଥିଲେ। ହେଡ୍ ୧୨ ଚୌକା ଓ ୫ ଛକା ବଳରେ ୮୦ ରନ୍ କରି ପ୍ରଥମେ ଆଉଟ୍ ହୋଇଥିଲେ। ପରେ ମାର୍ଶ ୧୨ଟି ବଲରୁ ୩୯ ରନ୍ କରି ପାଭିଲିୟନ ଫେରିଥିଲେ, ଯେଉଁଥିରେ ସାମିଲ ଥିଲା ୫ଚୌକା ଏବଂ ୩ ଛକା। ସେହିପରି ଜୋସ ଇଂଲିଶଙ୍କ ୨୭ ରନ୍ ଓ ମାର୍କସ ଷ୍ଟଇନିସ୍ ଅପରାଜିତ ୮ ରନ୍ ବଳରେ କଙ୍ଗାରୁ ଟିମ୍ ବିଜୟୀ ହୋଇଥିଲେ।୬୨ଟି ବଲ୍ ବାକି ଥାଇ ଅଷ୍ଟ୍ରେଲିଆ ପ୍ରଥମ ଟି-୨୦ ମ୍ୟାଚ୍ରେ ରେକର୍ଡ ବିଜୟ ହାସଲ କରିଛି। ମାତ୍ର ୯.୪ ଓଭରରେ ୩ ୱିକେଟ୍ ହରାଇ ଅଷ୍ଟ୍ରେଲିଆ ଏହି ବିଜୟ ହାସଲ କରିଛି। ୨୫ଟି ବଲରୁ ୮୦ ରନ୍ ସଂଗ୍ରହ କରି ଦଳକୁ ଜିତାଇଥିବା ଟ୍ରେଭିସ୍ ହେଡ୍‌ଙ୍କୁ ପ୍ଲେୟାର ଅଫ ଦ ମ୍ୟାଚ୍ର ପୁରସ୍କାର ମିଳିଛି।

# ତୃତୀୟ ଡିଆର୍‌ଏମ୍ କପ୍ ଆନ୍ତର୍ବିଭାଗୀୟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ଜଟଣୀ,୫।୯: ଇଷ୍ଟକୋଷ୍ଟ ରେଳ ସ୍ପୋର୍ଟସ ଆସୋସିଏସନ (ଇକୋଆରଏସଏ) ଖୋର୍ଦ୍ଧା ରୋଡ୍ ଦ୍ୱାରା ତୃତୀୟ ଡିଆର୍‌ଏମ୍ କପ୍ ଆନ୍ତର୍ବିଭାଗୀୟ ଫୁଟବଲ ଟୁର୍ନାମେଣ୍ଟ ଉଦଘାଟିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟ ୧୩ ସେପ୍ଟେମ୍ୱର ୨୦୨୪ ପର୍ଯ୍ୟନ୍ତ ଜାରି ରହିବ ଖୋର୍ଦ୍ଧା ରୋଡ୍ ମଣ୍ଡଳ ର ୧୨ ଟି ବିଭାଗର ରେଳ କର୍ମଚାରୀ ଏହି ଟୁର୍ନାମେଣ୍ଟରେ ଭାଗ ନେଉଛନ୍ତି।ତୃତୀୟ ଡି ଆର୍ ଏମ୍ କପ୍ ଆନ୍ତର୍ବିଭାଗୀୟ ଫୁଟବଲ ଟୁର୍ନାମେଣ୍ଟ କୁ, ଖୋର୍ଦ୍ଧା ରୋଡ୍ ମଣ୍ଡଳର ରେଳ ପ୍ରବନ୍ଧକ, ଏଚ୍ ଏସ ବାଜୱା ଉଦଘାଟନ କରିଛନ୍ତି। ଏହି ଅବସୋର ରେ, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଇନଫ୍ରା) ଶୁଭ୍ର ଜ୍ୟୋତି ମଣ୍ଡଳ, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଓପି) ପି.କେ. ବେହେରା ଏବଂ ଅନ୍ୟ ଶାଖା ଅଧିକାରୀ ଉପସ୍ଥିତ ଥିଲେ। ଅଂଶଗ୍ରହଣକାରୀ ଦଳମାନଙ୍କୁ ଏଚ୍ ଏସ ବାଜୱା, ଶୁଭେଚ୍ଛା ଜଣାଇବା ସହ ଦଳ କାର୍ଯ୍ୟ ଏବଂ କ୍ରୀଡ଼ା ମନୋଭାବ ରଖିବା ପାଇଁ ପରାମର୍ଶ ଦେଇଥିଲେ। ଇଞ୍ଜିନିୟରିଂ ଏବଂ ଏଲେକ୍ଟ୍ରିକ ଲୋକ ସେଡ୍, ଅନୁଗୁଳ, ବିଭାଗ ମଧ୍ୟରେ ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏହି ଟୁର୍ନାମେଣ୍ଟରେ ସମସ୍ତ ବିଭାଗ ମଧ୍ୟରେ ମୋଟ ୧୨ ଟି ଲିଗ୍ ମ୍ୟାଚ୍ ଅନୁଷ୍ଠିତ ହେବ। ଫାଇନାଲ ମ୍ୟାଚ୍ ୧୩ ସେପ୍ଟେମ୍ବର ୨୦୨୪ ରେ ଅନୁଷ୍ଠିତ ହେବ। ତୃତୀୟ ଡିଆରଏମ୍ କପ୍ ଆନ୍ତର୍ବିଭାଗୀୟ ଫୁଟବଲ ଟୁର୍ନାମେଣ୍ଟ, ହିମାଦ୍ରି ଭୂଷଣ ବିଶ୍ୱାଳ, କ୍ରୀଡା ଅଧିକାରୀ ତଥା ବରିଷ୍ଠ ମଣ୍ଡଳ ବିତ୍ତ ପ୍ରବନ୍ଧକଙ୍କ ନିର୍ଦ୍ଦେଶନାରେ ଆୟୋଜିତ କରା ଜାଉଛି। ଟୁର୍ନାମେର ସମସ୍ତ ମ୍ୟାଚ୍ ଗୁଡ଼ିକ, କ୍ରୀଡ଼ା ସଚିବ ଏମ ଡି.ଜାକିରୁଦ୍ଦିନ ଏବଂ ଖୋର୍ଦ୍ଧା ରୋଡ଼ କ୍ରୀଡ଼ା ସଙ୍ଗଠନର ସଦସ୍ୟ ମାନେ ସଂଯୋଜନା କରୁଛନ୍ତି।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ